କଟକ
ଗୁରୁବାର ୨୨ ଜାନୁଆରୀ, ୨୦୨୬
ପ୍ରାତଃ ସଂସ୍କରଣ

January 22 2026 Cuttack
Vol - XXIII, Issue - 292
Price: Rs.5/- ( 8 + 4 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ମହିଳା ଚଲାଇବେ ଆମ ବସ୍

**ଭୁବନେଶ୍ୱର,୨୧।୧(ନି.ପ୍ର):** ଏଣିକି ମହିଳା ଡ୍ରାଇଭର ଚଲାଇବେ ଆମ ବସ୍। ଏଥିପାଇଁ ପୁନେରେ ସେମାନଙ୍କୁ ତାଲିମ ଦିଆଯିବ। ଜାନୁଆରୀ ୩୧ରେ ୨୦ ଜଣ ମହିଳା ତାଲିମ ପାଇଁ ପୁନେ ଯିବେ। ନଗର ଉନ୍ନୟନ ମନ୍ତ୍ରୀଙ୍କ ଆମ ବସ୍ ସେବା ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଏଣିକି ପୁରୁଷଙ୍କ ସହ ମହିଳାମାନେ ମଧ୍ୟ ଆମ ବସ୍ ଚଲାଇବେ।




BERHAMPUR BROILER TRADERS ASSOCIATION
CONSUMER RATE
Live Bird : Rs. 150/-@Kg.
Without Skin : Rs. 280/-@Kg.
Date 22.1.2026

## ହଟିବ ଡ଼ିଜେଲ ଚାଳିତ ଆମ ବସ୍

**ଭୁବନେଶ୍ୱର,୨୧।୧(ନି.ପ୍ର):** ଡିଜେଲ ଚାଳିତ ଆମ ବସ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବ। ଏଗୁଡ଼ିକୁ ହଟାଇ ଦିଆଯାଇ ତା'ପରିବର୍ତ୍ତେ ଇଲେକ୍ଟ୍ରିକ ଭେହିକଲ (ଇଭି) ଚାଲିବ। ଏହି ସୂଚନା ଦେଇଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ସମସ୍ତ ଡ଼ିଜେଲ ବସ୍‌ଗୁଡ଼ିକୁ ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ। ଆଗାମୀ ବର୍ଷଗୁଡ଼ିକରେ କେବଳ ଆମ ବସ୍ ନେଟୱାର୍କ ଅଧୀନରେ ଇଭିଗୁଡ଼ିକ ପରିଚାଳିତ କରିବା ପାଇଁ ନୂଆ ବୈଦ୍ୟୁତିକ ବସ୍ ପ୍ରଚଳନ କରାଯିବ।

# ଚାଷୀଙ୍କ ଆୟ ବହୁଗୁଣ ହେବ

## ମତ୍ସ୍ୟ-ପ୍ରାଣୀ ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ

### ଆଜିର ଦିନରେ ଚାଷୀ ପରିବାରର ଆୟ ବଢ଼ିଛି

### ପୂର୍ବ ସରକାର ଚାଷୀଙ୍କ ମାସିକ ଆୟକୁ ଗୁରୁତ୍ୱ ଦେଇନଥିଲେ

**ଭୁବନେଶ୍ୱର,୨୧।୧(ନି.ପ୍ର):** ମନୁଷ୍ୟ ସହିତ ପ୍ରାଣୀଙ୍କର ଜୀବନ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ପ୍ରାଣୀଙ୍କଠାରୁ ଉତ୍ପାଦିତ ସାମଗ୍ରୀକୁ ଆମେ ବ୍ୟବହାର କରୁଥିବାରୁ ଏହାକୁ ବ୍ୟବସାୟିକ ଦୃଷ୍ଟିକୋଣରୁ ଦେଖାଯାଉଛି। ଆମ ରାଜ୍ୟର ୬୦ ପ୍ରତିଶତ ଲୋକ କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ରାଜ୍ୟର ଅଧିକାଂଶ ଲୋକ କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଦୁଃଖର ବିଷୟ ବିଗତ ସରକାର ଅଢ଼େଇ ଦଶନ୍ଧି ଧରି କ୍ଷମତାରେ ରହି ଚାଷୀଙ୍କ ମାସିକ ଆୟକୁ ଗୁରୁତ୍ୱ ଦେଇ ନଥିଲେ। ଶାସନର ସ୍ଥିରତା ଥିବା ସତ୍ତ୍ୱେ ଚାଷୀଙ୍କର ଉନ୍ନତି ନଆସିବା ଦୁଃଖର ବିଷୟ। ଓଡ଼ିଶାର ଚାଷୀଙ୍କର ଆୟ ତଳ ଆଡୁ



ଦେଶରେ ଦ୍ୱିତୀୟ ସ୍ଥାନ ଥିଲା। ପୂର୍ବ ସରକାରରେ ୫୧୧୨ ଥିଲା ମାସିକ ଆୟ। ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା ୨୦୨୬ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାଷୀଙ୍କ ଉପରେ ନଜର ରଖିଥିଲେ। ଚାଷୀଙ୍କର ଆୟକୁ ଦ୍ୱିଗୁଣିତ କରିବାକୁ ପଡ଼ିବ ବୋଲି ଚିନ୍ତା କରିଥିଲେ। ଏଥିପାଇଁ ଚାଷୀଙ୍କୁ ସେ ପ୍ରୋତ୍ସାହନ ଯୋଗାଇଛନ୍ତି। କେନ୍ଦ୍ର ସରକାର ୨୦୧୪ ପରଠାରୁ ଚାଷୀଙ୍କ ପାଇଁ ବିଭିନ୍ନ ପ୍ରକାରର ଯୋଜନା ଲାଗୁ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଚାଷୀଙ୍କର ଅନ୍ନଦାତା ନାମକରଣ କରିଛନ୍ତି। ଆମେ ସମୃଦ୍ଧ ଓଡ଼ିଶାର ପରିକଳ୍ପନା କରୁଛୁ। ଚାଷୀଙ୍କ ଆୟ ବହୁଗୁଣ କରିବା ପାଇଁ ସାହାଯ୍ୟ, ସହାୟତା, ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି। ଆମେ କ୍ୟାବିନେଟରେ ଚାଷୀଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା କରିଛୁ। (ପୃଷ୍ଠା:୫)

## ବୃଦ୍ଧି ପାଇବ ଏମ୍ଏସ୍ଏମ୍ଇ ସଂଖ୍ୟା

### ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କକୁ ଇକ୍ୟୁଟି ସହାୟତା

**ନୂଆଦିଲ୍ଲୀ,୨୧।୧(ନି.ପ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କକୁ ଅତିରିକ୍ତ ୫ ହଜାର କୋଟି ଟଙ୍କାର ଇକ୍ୟୁଟି ସହାୟତା ଯୋଗାଇ ଦେବା ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। କେନ୍ଦ୍ର ସରକାରଙ୍କ ବିତ୍ତୀୟ ସେବା ବିଭାଗ (ଡ଼ିଏଫଏସ) ତିନୋଟି କିସ୍ତିରେ ୫ ହଜାର କୋଟି ଟଙ୍କାର ଇକ୍ୟୁଟି ପୁଞ୍ଜି ଏହି ବ୍ୟାଙ୍କରେ ବିନିଯୋଗ କରିବ। ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ୫୬୮.୬୫ ଟଙ୍କାର ବୁକ୍ ଭେଲ୍ୟୁ ଆଧାରରେ ୩ ହଜାର କୋଟି ଟଙ୍କା ଯୋଗାଇ ଦିଆଯିବ। ୨୦୨୬-୨୭ ଏବଂ ୨୦୨୭-୨୮ ଆର୍ଥିକ ବର୍ଷ ଲାଗି ପୂର୍ବ ଆର୍ଥିକ ବର୍ଷର ୩୧ ମାର୍ଚ୍ଚ ସୁଦ୍ଧା ରହିଥିବା ବୁକ୍ ଭେଲ୍ୟୁ ଆଧାରରେ ୧,୦୦୦ କୋଟି ଟଙ୍କା ଲେଖାଏ ପୁଞ୍ଜି ବିନିଯୋଗ କରାଯିବ। ୫୦୦୦ କୋଟି ଟଙ୍କାର ଇକ୍ୟୁଟି ପୁଞ୍ଜି ବିନିଯୋଗ ପରେ ୨୦୨୫ ଆର୍ଥିକ ବର୍ଷ ସୁଦ୍ଧା ଆର୍ଥିକ ସହାୟତା ପାଉଥିବା ଏମଏସଏମଇଗୁଡ଼ିକର ସଂଖ୍ୟା (ପୃଷ୍ଠା:୫)

## କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

### ଅଟଳ ପେନସନ ଯୋଜନା ୨୦୩୦-୩୧ ଯାଏ ଜାରି ରହିବ

**ନୂଆଦିଲ୍ଲୀ,୨୧।୧(ନି.ପ୍ର):** ୨୦୩୦-୩୧ ଆର୍ଥିକ ବର୍ଷ ଯାଏ ଅଟଳ ପେନସନ ଯୋଜନା (ଏପିୱାଇ)କୁ ଜାରି ରଖାଯିବ। ଏହି ଯୋଜନାର ପ୍ରଚାରପ୍ରସାର ଓ ବିକାଶମୂଳକ କାର୍ଯ୍ୟକଳାପ ପାଇଁ ପାଣ୍ଠି ସହାୟତାର ସମ୍ପ୍ରସାରଣ କରାଯିବ। ସହିତ ନିଅଣ୍ଟ ଭରଣା ଲାଗି ମଧ୍ୟ ପାଣ୍ଠି ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ନିକଟରେ ଯୋଜନାର ଲାଭ ପହଞ୍ଚାଇବା ଲାଗି ପ୍ରଚାରପ୍ରସାର ଏବଂ ବିକାଶ କାର୍ଯ୍ୟକଳାପ କରାଯିବ। ଏଥିରେ ସଚେତନତା ଓ କ୍ଷମତା ନିର୍ମାଣ ସାମିଲ ରହିବ । (ପୃଷ୍ଠା:୫)

### ୩ଟି ପର୍ଯ୍ୟାୟରେ ମହାନଦୀ ରିଭରଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପର ବିକାଶ

**ଭୁବନେଶ୍ୱର,୨୧।୧(ନି.ପ୍ର):** ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କଟକର ମହାନଦୀ ରିଭରଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପ ହେଉଛି ଏକ ପ୍ରମୁଖ ସହରୀ ପୁନରୁଦ୍ଧାର ପଦକ୍ଷେପ। ଏହାର ଲକ୍ଷ୍ୟ ନଦୀ କୂଳକୁ ଏକ ଜୀବନ୍ତ ସାଧାରଣ, ସାଂସ୍କୃତିକ ଏବଂ ମନୋରଞ୍ଜନ ସ୍ଥଳରେ ପରିଣତ କରିବା ସହ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ଏବଂ ସାମଗ୍ରିକ ସହରୀ ପରିବେଶରେ ଉନ୍ନତି ଆଣିବା। (ପୃଷ୍ଠା:୫)










# ଶିବାନୀ ଓ ଶୈଳେନ୍ଦ୍ରଙ୍କ ଚୁପଚାପ ଗାଉଁଲି ପ୍ରେମ କାହାଣୀ ବର ବଧୂ

## ପାନୁଆ ପାଟିରେ ଅଙ୍ଗନୱାଡି ଦିଦି ସାଜିଲେ ସୂର୍ଯ୍ୟମୟୀ

ପାଟିରେ ଖଣ୍ଡିଏ ପାନ, ଅଙ୍ଗନୱାଡି ଦିଦି ତାସାଙ୍ଗକୁ ଗାଁର ନିଆରା ବାହାଘର ଯେଉଁଥିରେ ଛପିରହିଥିବ କଅଁଳ ବୟସର ନିଛକ ଭଲ ପାଇବା। ବେଦୀ ବାହାଘର ଆଗରୁ କୋର୍ଟରେ ସମ୍ପର୍କ ଯୋଡିବାର ପ୍ରୟାସ, କିଛି ଏସବୁ କାହାଣୀକୁ ନେଇ ଖୁବ ଶୀଘ୍ର ଆସିବାକୁ ଯାଉଛି ଫିଲ୍ମ 'ବରବଧୂ'। ଏକଦମ ଖାଣ୍ଟି ଓଡ଼ିଆ ଛୁଙ୍କ ଥିବା ଏହି ସିନେମାର ଟିଜର ଆଜି ରିଲିଜ ହୋଇଥିବାବେଳେ ଯୁବ ଅଭିନେତା/ ଅଭିନେତ୍ରୀଙ୍କ ପରିପକ୍ୱତାରେ ଝଲକ ଦେଖିବାକୁ ମିଳିଛି । କେବଳ ଯୁବ ଅଭିନେତା/ ଅଭିନେତ୍ରୀ ନୁହନ୍ତି ବରଂ ଜଣେ ଯୁବ ନିର୍ଦ୍ଦେଶକ ବିଶ୍ୱରଂଜନ ବି ନିଜ ନିଆରା ନିର୍ଦ୍ଦେଶନାରେ ଭୂମିକାଗୁଡିକୁ ଅତି ସୁନ୍ଦର ଭାବେ ଦର୍ଶାଇଛନ୍ତି।

**ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି :**
ଫିଲ୍ମ ବରବଧୂରେ ମୁଖ୍ୟ ଭୂମିକାରେ ଶିବାନୀ, ଶୈଳେନ୍ଦ୍ର, ସୂର୍ଯ୍ୟମୟୀ, ଶୁଭାଶିଷ, ଭାସ୍ୱତି ବସୁ, ଜୟଶ୍ରୀ ଷଡ଼ଙ୍ଗୀ ଆଉ ହର ରଥ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ବିଶେଷ କରି ଯୁବ ବର୍ଗର ଅଭିନେତା/ଅଭିନେତ୍ରୀମାନଙ୍କ ଅଭିନୟକୁ ଦର୍ଶକ ମଧ ବେଶ ପସନ୍ଦ କରିବେ ବୋଲି ଆଶା କରାଯାଉଛି।

**ସୂର୍ଯ୍ୟମୟୀ ସାଜିଲେ ଅଙ୍ଗନୱାଡି ଦିଦି–ଶିବାନୀ ସାଜିଲେ ସ୍କୁଲ ଦିଦି**
ଏହି ସିନେମାରେ ସୂର୍ଯ୍ୟମୟୀଙ୍କ ଅଙ୍ଗନୱାଡି ଦିଦି ଭୂମିକାକୁ ଦର୍ଶକ ବେଶ ପସନ୍ଦ କରିବେ । ପାନୁଆ ପାଟିରେ ସୂର୍ଯ୍ୟମୟୀଙ୍କ ଡାଇଲଗ ସାଙ୍ଗକୁ ଶିବାନୀଙ୍କ ସ୍କୁଲ ଦିଦି ଭୂମିକା ବି ବେଶ ଜବରଦସ୍ତ ହୋଇଛି। ଫିଲ୍ମର ନିର୍ଦ୍ଦେଶକ ବିଶ୍ୱରଞ୍ଜନଙ୍କ କହିବା ମୁତାବକ ଫିଲ୍ମର ସୁଟିଂ ଅନୁଗୁଳ, ଟିକରପଡା, ଛେଣ୍ଡିପଦା ସହ କୋରାପୁଟରେ ହୋଇଛି।

**ଫିଲ୍ମ ରିଲିଜ ହେବାର ଦିନ**
ଫିଲ୍ମ ବରବଧୂ ଆସନ୍ତା ୧୩ ଫେବୃୟାରୀରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି ଏହି ସିନେମାର ପ୍ରଯୋଜନା ଚନ୍ଦ୍ରମଣି କରିଥିବାବେଳେ ସହ ପ୍ରଯୋଜନା କରିଛନ୍ତି ବିଶ୍ୱରଂଜନ ଓ ସୁଶୀଲ କୁମାର ମିଶ୍ର ସେହିପରି ସଂଗୀତ ନିର୍ଦ୍ଦେଶନା ଗୌରବ ଆନନ୍ଦ ଓ ଭାରତ ହିତାର୍ଥ ଦେଇଛନ୍ତି।

# ଔଷଧୀୟ ଗୁଣରେ ଭରପୂର ଅଶ୍ୱଗନ୍ଧା ଅନେକ ରୋଗରୁ ମୁକ୍ତି କରେ

ଆୟୁର୍ବେଦ ଅନୁସାରେ ଅଶ୍ୱଗନ୍ଧାକୁ ଔଷଧ ଭାବେ ବିବେଚନା କରାଯାଏ । ଆପଣ ଏଥିରୁ କାଢା କିମ୍ବା ଚା' ପ୍ରସ୍ତୁତ କରି ପିଇପାରିବେ । ବର୍ତ୍ତମାନ ଜୀବନଶୈଳୀ ବଦଳିବା ସହ ଲୋକଙ୍କ ଟେଷ୍ଟରେ ମଧ ପରିବର୍ତ୍ତନ ଆସିଛି । ଏବେ ବିଭିନ୍ନ ପ୍ରକାରର ଚା' ପିଉଛେ । କିନ୍ତୁ ଅଶ୍ୱଗନ୍ଧାର ଏହି ଚା' ଆମ ସ୍ୱାସ୍ଥ୍ୟ ଉପକାରୀ ହୋଇଥାଏ । ଯାହା କେବଳ ରିଲାକ୍ସ ଫିଲ୍ କରାଇନଥାଏ ବରଂ ଶରୀର ପାଇଁ ମଧ ଲାଭଦାୟକ ହୋଇଥାଏ। ଅଶ୍ୱଗନ୍ଧାରେ ଅନେକ ଔଷଧୀୟ ଗୁଣ ଭରପୁର ମାତ୍ରାରେ ଥିବାରୁ ଆମ ସ୍ୱାସ୍ଥ୍ୟ ଉପରେ ସକରାତ୍ମକ ପ୍ରଭାବ ପକାଇଥାଏ । ଅଶ୍ୱଗନ୍ଧା ଚା' ପିଇବା ଦ୍ୱାରା ଶରୀର ରୋଗ ମୁକ୍ତ ରହିଥାଏ ।

ଶାରୀରିକ ଦୁର୍ବଳତା, ନିଦ୍ରା ଅଭାବ, ଚାପ ଏବଂ ଗଣ୍ଠି ଯନ୍ତ୍ରଣା ଭୋଗୁଥିବା ଲୋକମାନେ ନିଶ୍ଚିତ ଭାବରେ ନିଜ ଖାଦ୍ୟରେ ଅଶ୍ୱଗନ୍ଧାକୁ ସାମିଲ କରିବା ଉଚିତ୍। ଏହାକୁ ସେବନ କରିବା ଦ୍ୱାରା ବଢ଼ୁଥିବା ଚାପ ହରମୋନ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ଏବଂ ମନକୁ ଶାନ୍ତ କରିଥାଏ । ଏହାକୁ ଚା' ଭାବେ କିପରି ପ୍ରସ୍ତୁତ



କରିବେ ଏବଂ ଅଶ୍ୱଗନ୍ଧାକୁ ସେବନ କରିବାର ଲାଭ ସମ୍ପର୍କରେ ଆସନ୍ତୁ ଜାଣିବା ।

**ଚା' କିପରି ପ୍ରସ୍ତୁତ କରିବେ :** ଗୋଟିଏ ପାତ୍ରରେ ଗୋଟିଏ ଗ୍ଲାସ୍ ପାଣି ନିଅନ୍ତୁ । ପାଣି ଫୁଟିଯିବା ପରେ ୧ ରୁ ୨ଟି ଅଶ୍ୱଗନ୍ଧା ମୂଳ କିମ୍ବା ଗୋଟିଏ ଚାମଚ ଅଶ୍ୱଗନ୍ଧା ପାଉଡର ମିଶାନ୍ତୁ । ପୁଣି ପାଣିକୁ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଯେତେବେଳେ ପ୍ରାୟ ୧ କପ୍ ପାଣି ରହିବ ଏହାକୁ ଛାଣି ଦିଅନ୍ତୁ । ସେଥିରେ ଲେମ୍ବୁ ଏବଂ ମହୁ ମିଶାନ୍ତୁ ଏବଂ ଏହାକୁ ଚା' ପରି ପିଅନ୍ତୁ । ଆପଣ ପ୍ରତିଦିନ ଗୋଟିଏରୁ ଦୁଇଥର ଅଶ୍ୱଗନ୍ଧା ଚା ପିଇପାରିବେ।

**ଅଶ୍ୱଗନ୍ଧାର ଲାଭ :** ଓଜନ ହ୍ରାସ କରିଥାଏ। ଯେଉଁମାନେ ଓଜନ ହ୍ରାସ କରିବାକୁ ନେଇ ଚିନ୍ତିତ ରହୁଛନ୍ତି ସେମାନେ ଅଶ୍ବଗନ୍ଧା ଖାଇବା ନିହାତି ଜରୁରୀ । ଯାହାକୁ ଆପଣ ଗୋଟିଏ ଗ୍ଲାସ୍ କ୍ଷୀର ସହିତ ମଧ ମିଶାଇ ପିଇପାରିବେ । ଯାହା ସେବନ କରିବା ଦ୍ବାରା ଆପଣଙ୍କ ପାଚନ କ୍ରିୟାରେ ଉନ୍ନତି ଆସିବା ସହ ଶୀଘ୍ର ଓଜନ ହ୍ରାସ ହେବ ।

**ଦୁର୍ବଳତା ଦୂର କରିବ :** କ୍ଷୀର ସହିତ ଅଶ୍ବଗନ୍ଧା ପିଇବା ଦ୍ୱାରା ଦୁର୍ବଳତା ଦୂର ହେବ । ଗୋଟିଏ ଗ୍ଲାସ୍ କ୍ଷୀରରେ ୨ ଗ୍ରାମ୍ ଅଶ୍ୱଗନ୍ଧା ପାଉଡର ସହିତ ୧୨୫ ଗ୍ରାମ ତ୍ରିକାଟୁ ପାଉଡର ମିଶାଇ ପିଅନ୍ତୁ। ଯାହା ଦ୍ୱାରା ଆପଣ ଶକ୍ତିଶାଳୀ ଅନୁଭବ କରିବେ । ଯାହା ପିଇବା ଦ୍ୱାରା ଆପଣ କିଛି ଦିନ ମଧରେ ଫରକ୍ ଦେଖିବାକୁ ପାଇବେ। ତେଣୁ ଏହାକୁ ପିଇବାର ଅଭ୍ୟାସ କରନ୍ତୁ ।

**ରକ୍ତଚାପ ନିୟନ୍ତ୍ରଣ କରେ :** ଉଚ୍ଚ ରକ୍ତଚାପ ଥିବା ଲୋକଙ୍କ ପାଇଁ ଅଶ୍ୱଗନ୍ଧା ପ୍ରଭାବଶାଳୀ ହୋଇଥାଏ । ଏହାକୁ ସେବନ କରିବା ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ସେଥିପାଇଁ ୨ ଗ୍ରାମ ଅଶ୍ୱଗନ୍ଧା ପାଉଡର, ୧୨୫ ଗ୍ରାମ ଗୁଣ୍ଡ ହଳଦୀ ଏବଂ ୧ ଗ୍ଲାସ କ୍ଷୀର ନିଅନ୍ତୁ । ଯାହା ରକ୍ତଚାପ ରୋଗୀଙ୍କ ପାଇଁ ବେଷ୍ଟ ହେବ ।

**ଭଲ ନିଦ :** ଯଦି ଆପଣ ସାରା ଦିନ କ୍ଳାନ୍ତ ଏବଂ ରାତିରେ ଭଲ ନିଦ ହେଉନାହିଁ, ତେବେ ପ୍ରତିଦିନ ଗୋଟିଏ ଗ୍ଲାସ କ୍ଷୀରରେ ୧ ଚାମଚ ଅଶ୍ୱଗନ୍ଧା ମିଶାଇ ପିଇବା ଆରମ୍ଭ କରନ୍ତୁ । ଏହା ଆପଣଙ୍କ ଉଭୟ ସମସ୍ୟାର ସମାଧାନ କରିବ ।

# ରାତିକ ନିଦରୁ ରୋଗ ନିରୂପଣ କରିବ ଏଆଇ ମଡେଲ୍

ରୋଗ ଯୋଗୁଁ ରୋଗୀ କି ପ୍ରକାର ବିପଦରେ ପଡ଼ିପାରନ୍ତି ତାହା ଆକଳନ କରିବା ଲାଗି ଦୀର୍ଘବର୍ଷ ଧରି ଡାକ୍ତରମାନେ ଲକ୍ଷଣ, ସ୍ବାସ୍ଥ୍ୟ ପରୀକ୍ଷା ଏବଂ ଅତୀତ ଅସୁସ୍ଥତା ଓ ଚିକିତ୍ସାର ତଥ୍ୟ ଉପରେ ନିର୍ଭର କରିଆସୁଛନ୍ତି। ଏତେ କଥା ଯଦି ରାତିକ ନିଦ୍ରାରୁ ଜାଣିହୁଏ, କ୍ଷତି କ'ଣ ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଷ୍ଟାନ୍‌ଫୋର୍ଡ ମେଡିସିନ୍‌ରେ ଥିବା ଗବେଷକମାନେ ନିଦ୍ରା ସଙ୍କେତ ବାରିବା ଲାଗି ଗୋଟାଏ ନୂତନ ଏଆଇ ମଡେଲ୍ ପ୍ରସ୍ତୁତ କରିଛନ୍ତି। ଉକ୍ତ ମଡେଲ୍ କେବଳ ଗୋଟିଏ ରାତ୍ରିର ନିଦ୍ରାରୁ ନିଃସୃତ ମାନସିକ ସଙ୍କେତ ରେକର୍ଡ କରି ଶତାଧିକ ଶାରୀରିକ ଅସୁସ୍ଥତା ସମ୍ବନ୍ଧୀୟ ପୂର୍ବାଭାସ ଦେବାକୁ ସମର୍ଥ। 'ସ୍ଲିପ୍ ଏଫ୍‌ଏମ୍' ନାମରେ ପରିଚିତ 'ଦି ଫାଉଣ୍ଡେସ୍‌ନାଲ୍ ଏଆଇ ମଡେଲ୍'କୁ ୬୫ ହଜାର ଲୋକଙ୍କଠାରୁ ସଂଗୃହୀତ ପ୍ରାୟ ୬ ଲକ୍ଷ ଘଣ୍ଟା ଶୟନ ତଥ୍ୟାବଳି ଦ୍ୱାରା ତାଲିମ ଦିଆଯାଇଛି। ଏଥିରେ ରହିଛି ମସ୍ତିଷ୍କ କାର୍ଯ୍ୟକଳାପ, ହୃତ୍‌ପିଣ୍ଡ କାର୍ଯ୍ୟକଳାପ, ଶ୍ୱାସକ୍ରିୟା ସଙ୍କେତ, ଗୋଡ଼ ଚଳାଚଳ, ଚକ୍ଷୁ ଚଳାଚଳ ଓ ଅନ୍ୟାନ୍ୟ ମାନସିକ ତଥ୍ୟାବଳି। ବିଭିନ୍ନ ପ୍ରକାର ସେନ୍‌ସର୍ ଦ୍ୱାରା ଏସବୁ ତଥ୍ୟ ସଂଗ୍ରହ କରାଯାଇଥିଲା।

ଏ ଗବେଷଣା ପତ୍ରର ଅନ୍ୟତମ ସହ–ଲେଖକ ଡାକ୍ତର ଜେମ୍‌ସ ଜୌ କହିଛନ୍ତି, ''ଏଆଇ ଟୁଲ୍ ଦୃଷ୍ଟିରୁ ବିଚାର କଲେ, ନିଦ୍ରା ଉପରେ ବିଶେଷ ଗବେଷଣା ହୋଇ ନ ଥିଲା। ପାଥୋଲୋଜି ଅଥବା କାର୍ଡିଓଲୋଜି ସଂକ୍ରାନ୍ତ ରୋଗ ନିଦାନ ନିମନ୍ତେ ଅନେକ ଏଆଇ କାର୍ଯ୍ୟ କରୁଛନ୍ତି, କିନ୍ତୁ ନିଦ୍ରା ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିଲେ ବି ତା' ଉପରେ ସେମାନେ ଆଦୌ ଦୃଷ୍ଟି ଦେଉନାହାନ୍ତି।'' ଉକ୍ତ ଏଆଇ ମଡେଲ୍‌କୁ ତାଲିମ ଦେବା ଲାଗି ଷ୍ଟାନ୍‌ଫୋର୍ଡ ମେଡିସିନ୍ ଗବେଷକମାନେ ୨ରୁ ନେଇ ୯୬ ବର୍ଷ ବୟସ ପର୍ଯ୍ୟନ୍ତ ୩୫,୦୦୦ ନିଦ୍ରିତ ରୋଗୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ୧୯୯୯ରୁ ୨୦୨୪ ମଧ୍ୟରେ ଷ୍ଟାନ୍‌ଫୋର୍ଡର ସ୍ଲିପ୍ କ୍ଲିନିକ୍‌ରେ ସେମାନେ ରୋଗୀମାନଙ୍କର ପଲିସମ୍‌ନୋଗ୍ରାଫି ଡେଟା ରେକର୍ଡ କରାଇଥିଲେ। ତା'ପରେ ଉକ୍ତ ଡେଟାକୁ କ୍ଷୁଦ୍ର କ୍ଷୁଦ୍ର ଭାଗକରି ତାହା ଦ୍ୱାରା ଏଆଇ ମଡେଲ୍‌କୁ ତାଲିମ ଦିଆଯାଇଥିଲା।

ଏଥର ସେମାନେ 'ସ୍ଲିପ୍ ଏଫ୍‌ଏମ୍'କୁ ରୋଗ ନିରୂପଣ କ୍ଷେତ୍ରରେ ପରୀକ୍ଷାମୂଳକ ଭାବେ ପ୍ରୟୋଗ କଲେ। ଫଳାଫଳରୁ ଜଣାପଡ଼ିଲା, ଭବିଷ୍ୟତରେ ସମ୍ପୃକ୍ତ ରୋଗୀମାନଙ୍କୁ ଆକ୍ରାନ୍ତ କରିବାର ସମ୍ଭାବନା ଥିବା ପ୍ରାୟ ୧୩୦ ପ୍ରକାର ରୋଗ ସମ୍ବନ୍ଧରେ ଏହା ଅପେକ୍ଷାକୃତ ସଠିକ୍ ସୂଚନା ପ୍ରଦାନ କରିଛି। ବିଭିନ୍ନ ପ୍ରକାର କର୍କଟରୋଗ, ଗର୍ଭଧାରଣ ଜଟିଳତା, ରକ୍ତ ସଞ୍ଚାଳନ ଅବସ୍ଥା ଓ ମସ୍ତିଷ୍କ ବିକୃତି ଆଦି ରୋଗ ସଂକ୍ରାନ୍ତୀୟ ଭବିଷ୍ୟବାଣୀ କରିବା ଲାଗି ଭାଷା ପରିବର୍ତ୍ତେ ଏବେ 'ସ୍ଲିପ୍ ଏଫ୍‌ଏମ୍' 'କନ୍‌କର୍ଡାନ୍‌ସ ଇଣ୍ଡେକ୍ସ' ବା ସଂକ୍ଷେପରେ 'ସି–ଇଣ୍ଡେକ୍ସ' ଯୋଗେ ସୂଚନା ଦେଉଛି। ଏହା ଗୋଟାଏ ଗାଣିତକ ପଦ୍ଧତି। ଉଦାହରଣ ସ୍ୱରୂପ ହୃଦ୍?ଘାତ ଆଶଙ୍କା ସଙ୍କେତ ୦.୮୧, ପ୍ରୋଷ୍ଟେଟ୍ କ୍ୟାନ୍‌ସର୍ ସଙ୍କେତ ୦.୮୯, ସ୍ତନ କର୍କଟରୋଗ ୦.୮୭ ଓ ମୃତ୍ୟୁ ୦.୮୪ ଇତ୍ୟାଦି। କିନ୍ତୁ, ଏଥିରୁ ସଠିକ୍ ଅର୍ଥ ବାହାର କରିବା ସମସ୍ତଙ୍କ ପକ୍ଷେ ସହଜ ନୁହେଁ। 'ସ୍ଲିପ୍ ଏଫ୍‌ଏମ୍' କିପରି ଭାଷା, ବିଶେଷକରି ଇଂରେଜୀ ଭାଷାରେ ରୋଗ ସଂକ୍ରାନ୍ତ ପୂର୍ବାଭାସ ସୂଚାଇବ ତା'ଉପରେ ଗବେଷଣା ଚାଲିଛି ବୋଲି ଡାକ୍ତର ଜୌ କହିଛନ୍ତି।





# ଜାଣିବା ଜରୁରୀ ରାମାୟଣ ସହ ଜଡ଼ିତ କିଛି ଅଜଣା କଥା

ରାମାୟଣର ଏପରି କିଛି ତଥ୍ୟ ଅଛି ଯାହା ଆପଣମାନେ ଜାଣିବା ଉଚିତ୍। ରାମାୟଣର ଏ ସବୁ ତଥ୍ୟ ଅତ୍ୟନ୍ତ ରୋଚକପୁର୍ଣ ଏବଂ ଅଦ୍ଭୁତ । ଯଦିଓ ଭାରତୀୟ ଟେଲିଭିଜନ ଦୁନିଆରେ ରାମାୟଣ ଏକ ଅତ୍ୟନ୍ତ ଆଦୃତ ଟିଭି ସିରିୟଲ, ତଥାପି ଏ ସବୁ ଘଟଣା ଆପଣଙ୍କୁ ଆଜିଯାଏ କେହିବି ଦେଖାଇନଥିବେ । ତେବେ ଆସନ୍ତୁ ଜାଣିବା ସମ୍ପୂର୍ଣ ତଥ୍ୟ ସମ୍ବନ୍ଧରେ ।

ଏ ସବୁ ରାମାୟଣର ଅକୁହା କଥା । ଯଦି ଆମେ ଆପଣଙ୍କୁ କହୁ ଯେ ଭଗବାନ ଶ୍ରୀ ରାମଚନ୍ଦ୍ର କେବଳ ଚାରି ଭାଇ ନଥିଲେ ଏବଂ ତାଙ୍କର ଏକ ଭଉଣୀ ଥିଲା ଯାର ନାମ ସାନ୍ତା, ଆପଣ ହୁଏତ ବିଶ୍ୱାସ କରି ନ ପାରନ୍ତି କିନ୍ତୁ ଏହା ସମ୍ପୂର୍ଣ ସତ୍ୟ । ସେହିପରି ଆପଣ ଏହା ମଧ ଜାଣି ନଥାଇ ପାରନ୍ତି ଯେ ଲଙ୍କାର ପ୍ରକୃତ ରାଜା ମହାରାଜ କୁବେର ଥିଲେ ଯିଏକି ରାବଣର ସାବତ ଭାଇ ଥିଲେ ଏବଂ ସେଥିପାଇଁ ରାବଣ କଳେ ବଳେ କୌଶଳେ ତାଙ୍କଠାରୁ ଲଙ୍କା ଛଡାଇ ନେଇଥିଲା ।

ଆପଣ ଏ କଥା ଜାଣି ନିଶ୍ଚିତ ଭାବରେ ଆଶ୍ଚର୍ଯ୍ୟ ହେବେ ଯେ ଅନୁଜ ଲକ୍ଷ୍ମଣ ୧୪ ବର୍ଷ ବନବାସର ଅବଧି କାଳରେ ଜମାରୁ ଥରେବି ଶୋଇନଥିଲେ କାରଣ ସେ ନିଜର ଅଗ୍ରଜ ପ୍ରଭୁ ଶ୍ରୀ ରାମଚନ୍ଦ୍ର ଏବଂ ମାତା ସୀତାଙ୍କର ସୁରକ୍ଷାର ଭାର ନିଜ କାନ୍ଧରେ ବହନ କରିଥିଲେ । ସେହିପରି ଆମେମାନେ ସମସ୍ତେ ଜାଣିଛେ ଯେ ଭଗବାନ ରାମଚନ୍ଦ୍ର ପ୍ରଭୁ ଅଖିଳ ବ୍ରମହାଣ୍ଡର ସ୍ୱାମୀ ଭଗବାନ ଶ୍ରୀ ବିଷ୍ଣୁଙ୍କର ଅବତାର ଥିଲେ, କିନ୍ତୁ ଆପଣ ଜାଣନ୍ତି କି ଲକ୍ଷ୍ମଣ ଶେଷନାଗଙ୍କର ଅବତାର ଥିଲେ।

ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହାଯେ ରାମାୟଣର ପ୍ରବଳ ପ୍ରତାପୀ ଯୋଦ୍ଧା ବାନରରାଜ ବାଳୀ ପରଜନ୍ମରେ ଜାରା ଶବର ରୂପରେ ଜନ୍ମଗ୍ରହଣ କରି ଶ୍ରୀକୃଷ୍ଣଙ୍କର ବଦ୍ଧ କରିଥିଲେ । ସେହିପରି ଆମେ ସମସ୍ତେ ଜାଣିଛେଯେ ଲଙ୍କାପତି ରାବଣର ୧୦ ମୁଣ୍ଡ ଥିଲା, କିନ୍ତୁ କାହିଁକି ଥିଲା ଏହା ବହୁତ କମ ଲୋକ ଜାଣିଥିବେ । ବାସ୍ତବିକ କଥା ଏହା ଯେ ରାବଣ ଭଗବାନ ମହାଦେବଙ୍କର ବହୁତ ବଡ ଭକ୍ତ ଥିଲା ଏବଂ ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଦସ ଥର ନିଜର ମୁଣ୍ଡ କାଟି ସମର୍ପଣ କରିଥିଲା । ସେଥିପାଇଁ ଭଗବାନ ମହାଦେବ ଖୁସି ହୋଇ ତାକୁ ଦଶାନନ ହେବାର ବର ଦେଇଥିଲେ ।

ଆପଣ କଣ ଜାଣିଛନ୍ତି ଯେ ଯେତେବେଳେ ରାମାୟଣ ଶେଷ ଭାଗରେ ଉପନୀତ ହେଲା ଏବଂ ଭଗବାନ ଶ୍ରୀରାମ ଦେହତ୍ୟାଗ କରିବାକୁ ନିଷ୍ପତ୍ତି ନେଲେ, ସେତେବେଳେ ସେ ମହାବୀର ହନୁମାନଙ୍କୁ ଏ ପୃଥିବୀ ପୃଷ୍ଠରେ ରହି ତାଙ୍କ ଭକ୍ତମାନଙ୍କୁ ସର୍ବଦା ସୁରକ୍ଷା ଦେବାକୁ ବଚନ ନେଇଥିଲେ ଯାହାର ପରିଣାମ ସ୍ୱରୂପ ହନୁମାନ ଏ ପୃଥିବୀରେ ଏବେବି ଆମର ଏବଂ ଏ ପୃଥିବୀ ଥିବା ପର୍ଯ୍ୟନ୍ତ ଆମର ହୋଇ ରହିଥିବେ।

# କିପରି କଟିବ ଆଜିର ଦିନ

୨୨ ଜାନୁଆରୀ ୨୦୨୬

**ମେଷ:** ସଭାସମିତିରେ ବନ୍ଧୁଙ୍କ ସ୍ତୁତିଚାରଣ, ଆନୁଷ୍ଠାନିକ କର୍ମାରମ୍ଭ ସକାଶେ ଉତ୍ସାହିତ ରହିବେ। ପାରିବାରିକ କ୍ଷେତ୍ର, ପରିବହନ ଏବଂ ଯୋଗାଯୋଗରୁ ବ୍ୟତିକ୍ରମର ସାମ୍ନା କରିବେ। ଅର୍ଥ ସଙ୍କଟ ଥିଲେ ମଧ ସରକାରୀ ସାହାଯ୍ୟ ପାଇବେ।

**ବୃଷ:** ଅର୍ଥଲାଭ ଓ କାର୍ଯ୍ୟସିଦ୍ଧି ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟିହେବ। ସ୍ୱଗୃହୀରୁ ଶୁକ୍ର ପ୍ରଭାବରୁ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ସମ୍ମୁଖୀନ ହେବାରେ ଅସୁବିଧା ହେବ ନାହିଁ।

**ମିଥୁନ:** କୌଣସି ଦୁଃଖଦ ଖବର ମନକୁ ନିସ୍ତେଜ କରିଦେବ। ପୂର୍ବ ଯୋଜନା ଅନୁଯାୟୀ କୌଣସି କର୍ମ କରିବାରେ ସମର୍ଥ ହେବେ ଓ କାମ ମଧ ଅଟକିବ ନାହିଁ । ପାରିବାରିକ ସ୍ତରରେ ପୁରୁଣା କଥାକୁ ଦୋହରାଇବା ଠିକ୍ ହେବନାହିଁ ।

**କର୍କଟ:** ନିଜର ଭଳି ବ୍ୟବହାର ଦେଖାଉଥିବା ବନ୍ଧୁ ଓ ସ୍ୱଜନମାନେ ବ୍ୟକ୍ତିକୈନ୍ଦ୍ରିକ ଚିନ୍ତାଧାରା ଗ୍ରହଣ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନରେ ଆଶାତୀତ ସଫଳତା ପାଇବେ। ମହିଳାମାନେ କର୍ମତତ୍ପର ହେବେ।

**ସିଂହ:** ପରିସ୍ଥିତି ଯାହା ହେଉନା କାହିଁକି ଆପଣଙ୍କୁ ପଛକୁ ଫେରିଚାହିଁବା ପରିସ୍ଥିତି ମଧ ସୃଷ୍ଟି ହେବନାହିଁ। କୌଣସି ବିଭ୍ରାନ୍ତିକର ଖବର ପାଇ ମାନସିକ ଅସ୍ଥିରତା ସୃଷ୍ଟିହେବା ବହୁ ସମ୍ଭାବନା ରହିଛି।

**କନ୍ୟା:** ସମସ୍ତ ସୁବିଧା ଥିଲେ ମଧ କାମ ହାସଲ ପାଇଁ ଖର୍ଚ୍ଚାନ୍ତ ହେବେ। ପ୍ରତ୍ୟେକ କ୍ଷେତ୍ରରେ କାମ ସମ୍ପନ୍ନ ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ଯାତ୍ରା ସମୟରେ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ କାମ କରିବା ଠିକ୍ ହେବନି।

**ତୁଳା:** କର୍ମକ୍ଷେତ୍ରର ସମସ୍ୟା ସମାଧାନ ହେବ। କିନ୍ତୁ ମୁଖଭାବରେ ବୁଧ ଓ ମଙ୍ଗଳଜନିତ ଶାଣିତ ବ୍ୟବହାର ବନ୍ଧୁସମ୍ପର୍କକୁ କ୍ଷୁଣ୍ଣ କରିପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ବିଛା:** ଉନ୍ନତମାନର ଯୋଜନାକୁ ବାସ୍ତବ ରୂପ ପ୍ରଦାନ କରିବାର ନକ୍ସା ପ୍ରସ୍ତୁତ କରିପାରନ୍ତି। ଆବଶ୍ୟକତା ଅନୁଯାୟୀ ଆପଣଙ୍କ ମନ୍ତବ୍ୟ ଶାଳୀନତାପୂର୍ଣ୍ଣ ରହିବ। ପ୍ରତୀକ୍ଷିତ ଶୁଭଖବର ଆହ୍ଲାଦିତ କରିବ। ସାଙ୍ଗସାଥୀଙ୍କ ସହ ଭ୍ରମଣ ଯୋଗ ରହିଛି।

**ଧନୁ:** ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିବାର ଧୈର୍ଯ୍ୟଧାରଣ କରି କର୍ମକ୍ଷେତ୍ରରେ ପ୍ରବୃତ୍ତ ହେବେ। ଆଲୋଚନାରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ଆତ୍ମୀୟଙ୍କ ଜରିଆରେ ବକେୟା ଆଦାୟରେ ସକ୍ଷମ ହେବେ।

**ମକର:** ଦୂରଯାତ୍ରା ଓ ବ୍ୟୟଭାର ବୋଝରେ ଚିନ୍ତିତ ରହିବେ। ଦୀର୍ଘଦିନରୁ ଦେଖିନଥିବା ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ନୂଆ ଦିଗନ୍ତ ସୃଷ୍ଟିହେବ। ସାହିତ୍ୟ ସାଧନାରେ, ସାମ୍ବାଦିକତାରେ ସଫଳତା ମିଳିବ।

**କୁମ୍ଭ:** ପ୍ରତ୍ୟେକ ସମସ୍ୟା ସମାଧାନରେ ସଫଳ ହେବେ। ସଭାସମିତି, ବନ୍ଧୁଙ୍କ ସହ ବିଚାରବିମର୍ଶ ମାନସିକ ଶାନ୍ତି ଫେରାଇ ଆଣିବ। ଆର୍ଥିକ ଅନଟନ ଭରଣା କରିବାକୁ ନୂଆ ଯୋଜନା କରିପାରନ୍ତି।

**ମୀନ:** ଅଫିସ୍ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବାରୁ ମାନସିକ ସୁସ୍ଥତା ରହିନପାରେ। ନିକଟତର ବନ୍ଧୁଙ୍କ ଦ୍ୱାରା କାମ ହାସଲ କରିବେ। ଆପଣଙ୍କ ପରାମର୍ଶ ଓ ପ୍ରସ୍ତାବକୁ ବନ୍ଧୁଙ୍କ ସମର୍ଥନ ରହିବ।

# ଫ୍ରାଙ୍କଲିନ ଟେମ୍ପଲଟନ ଇଣ୍ଡିଆ 'ଚେଞ୍ଜ୍ ଦ ସୋଚ- କନ୍ୟାକୁମାରୀ ଟୁ କାଶ୍ମୀର ଡ୍ରାଇଭ'ର ଶୁଭାରମ୍ଭ



ମୁମ୍ବଇ, ୨୧।୧ (ଏଜେନ୍ସି): ଫ୍ରାଙ୍କଲିନ ଟେମ୍ପଲଟନ (ଇଣ୍ଡିଆ) ଆର୍ଥିକ ସଶକ୍ତିକରଣକୁ ବିଶେଷକରି ମହିଳାମାନଙ୍କ ମଧ୍ୟରେ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ଧରଣର ଏକ ପ୍ରଥମ ରାଷ୍ଟ୍ରବ୍ୟାପୀ ଅଭିଯାନ 'ଚେଞ୍ଜ୍ ଦ ସୋଚ-କନ୍ୟାକୁମାରୀ ଟୁ କାଶ୍ମୀର ଡ୍ରାଇଭ' ଶୁଭାରମ୍ଭ କରିଛି। ଭାରତରେ ଫ୍ରାଙ୍କଲିନ ଟେମ୍ପଲଟନର ୩୦ ବର୍ଷ ପାଳନ କରିବାକୁ ଯାଇ ଏହି ୩୦ ଦିନ ବ୍ୟାପୀ ଯାତ୍ରା ଦେଶର ଦକ୍ଷିଣଭାଗରେ କନ୍ୟାକୁମାରୀରୁ ଆରମ୍ଭ ହେବ ଏବଂ ଏହା ୨୧ଟି ସହର ଦେଇ ଜମ୍ମୁ ଓ କାଶ୍ମୀରର ଶ୍ରୀନଗରରେ ପରିସମାପ୍ତ ହେବ। ଆନ୍ତଃକ୍ରିୟାଶୀଳ ଆର୍ଥିକ ଶିକ୍ଷା ଅଧିବେଶନଗୁଡିକ, ବିଶେଷଜ୍ଞଙ୍କ ଅନ୍ତର୍ଦୃଷ୍ଟି ଏବଂ ଗୋଷ୍ଠୀ ନିୟୋଜନତା ଜରିଆରେ ଏହି ଅଭିଯାନ ମ୍ୟୁଚୁଆଲ ଫଣ୍ଡରେ ନିବେଶ ସମ୍ପର୍କରେ ସରଳ ଭାଷାରେ ବୁଝାଇବା ଏବଂ ହଜାର ହଜାର ଭାରତୀୟଙ୍କୁ ସେମାନଙ୍କ ଆର୍ଥିକ ଭବିଷ୍ୟତର ଦାୟିତ୍ୱ ନିଜେ ନେବା ପାଇଁ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ କରିବା ଲକ୍ଷ୍ୟ ରଖିଛି। ଅବିନାଶ ସତଓ୍ୱାଲେକର, ପ୍ରେସିଡେ- ଫ୍ରାଙ୍କଲିନ ଟେମ୍ପଲଟନ ଇଣ୍ଡିଆ ଏହି ଅଭିଯାନର ନେତୃତ୍ୱ ନେବେ ଏବଂ ସମଗ୍ର ଦେଶରେ ଏହି ଯାତ୍ରା ଜରିଆରେ ଆର୍ଥିକ ଅନ୍ତର୍ଭୁକ୍ତି ଆଗକୁ ବଢାଇବେ। ସେ ଦିନେ ଛାଡି ଦିନେ ଏକ ନୂଆ ସହର ଅଥବା ନୂଆ ଗ୍ରାମରେ ଅଟକି ମହିଳାମାନଙ୍କର ବିବିଧ ଗୋଷ୍ଠୀଗୁଡିକ ନିମନ୍ତେ ନିବେଶକ ଶିକ୍ଷା କର୍ମଶାଳା ଆୟୋଜନ କରିବେ ଏବଂ ଜୀବନର ଲକ୍ଷ୍ୟସମୂହ ହାସଲ କରିବାକୁ ସଞ୍ଚୟ କରିବା, ନିବେଶ କରିବା ଏବଂ ଦୀର୍ଘସୂତ୍ରୀ ସମ୍ପତ୍ତି ସୃଷ୍ଟି କରିବାର ଗୁରୁତ୍ୱ ଉପରେ ଜୋର ଦେବେ। ଏହି ପ୍ରୟାସରେ ବିଭିନ୍ନ କ୍ଷେତ୍ରରୁ ଅଂଶଗ୍ରହଣକାରୀମାନେ ନିୟୋଜିତ ରହିବେ, ସେମାନଙ୍କ ମଧ୍ୟରେ କୃଷକ (ମତ୍ସ୍ୟଜୀବୀ ସମୁଦାୟରୁ ନେଇ ବିବିଧ କୃଷି କାର୍ଯ୍ୟରେ ନିୟୋଜିତ କୃଷକ), ଶିକ୍ଷାକ୍ଷେତ୍ର (ଛାତ୍ର ଛାତ୍ରୀ, ପିତାମାତା, ସ୍କୁଲ ଏବଂ ବିଶ୍ୱବିଦ୍ୟାଳୟ ଶିକ୍ଷକ), ସ୍ୱୟଂ ସହାୟକ ଗୋଷ୍ଠୀ (ହସ୍ତତନ୍ତ କ୍ଷେତ୍ରରେ ନିୟୋଜିତ ମହିଳା), ଉଦ୍ୟୋଗୀ, ଘରୋଇ ଓ ସରକାରୀ କ୍ଷେତ୍ର କର୍ମଚାରୀ, ସ୍ଥଳସେନା, ନୌସେନା ଏବଂ ପୋଲିସ ଅଧିକାରୀଙ୍କ ସମେତ ସଂଖ୍ୟାଗରିଷ୍ଠ ମହିଳା ସ୍ଥାନପାଇବେ। ଏହି ପ୍ରୟାସର ଶୁଭାରମ୍ଭ ସମ୍ପର୍କରେ ପ୍ରକାଶ କରି ଅବିନାଶ ସତଓ୍ୱାଲେକର, ପ୍ରେସିଡେ, ଫ୍ରାଙ୍କଲିନ ଟେମ୍ପଲଟନ-ଇଣ୍ଡିଆ କହିଥିଲେ, 'ଭାରତର ଦୀର୍ଘସୂତ୍ରୀ ସାମାଜିକ-ଆର୍ଥିକ ପ୍ରଗତି ନିମନ୍ତେ ମହିଳାଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏକ ମୌଳିକ ଆବଶ୍ୟକତା। ସହରାଞ୍ଚଳଗୁଡିକ ଏ କ୍ଷେତ୍ରରେ ଅର୍ଥପୂର୍ଣ୍ଣ ଅଗ୍ରଗତି ହାସଲ କରିଥିବାବେଳେ ସମଗ୍ର ଭାରତରେ ବିଶେଷକରି ଟିୟର ୨ ଏବଂ ଟିୟର ୩ ସହରଗୁଡିକରେ ଲକ୍ଷ ଲକ୍ଷ ମହିଳା ଆର୍ଥିକ ଜ୍ଞାନ ଓ ସାଧନର ସୁଯୋଗ ନେବା କ୍ଷେତ୍ରରେ ପଛରେ ରହିଯାଇଛନ୍ତି। ଏହି ପ୍ରୟାସ ଜରିଆରେ ଆମେ ବିବିଧ କ୍ଷେତ୍ରରୁ ମହିଳାମାନଙ୍କୁ ନିୟୋଜିତ କରିବକୁ ଏବଂ ସେମାନଙ୍କୁ ସଞ୍ଚୟ କରିବା, ନିବେଶ କରିବା ତଥା ଡିଜିଟାଲ ଆର୍ଥିକ କାରବାର ଆପଣେଇବାକୁ ଆବଶ୍ୟକ ଜ୍ଞାନ ଓ ଆତ୍ମବିଶ୍ୱାସରେ ସଶକ୍ତ କରିବୁ।'ସେ ଆଉ ମଧ କହିଥିଲେ, 'ମହିଳାମାନେ ଯେତେବେଳେ ସୂଚିତ ଆର୍ଥିକ ନିଷ୍ପତ୍ତି ନିଅନ୍ତି, ସେତେବେଳେ ପରିବାରଗୁଡିକ ମଜଭୁତ ହୋଇପାରିବ, ଗୋଷ୍ଠୀଗୁଡିକ ସଶକ୍ତ ହେବ ଏବଂ ରାଷ୍ଟ୍ର ସମାବେଶୀ ଅଭିବୃଦ୍ଧି ଆଡକୁ ଅଗ୍ରସର ହେବ। ଏହି ଖାଲି ସ୍ଥାନ ପୂରଣ କରିବା ଶିକ୍ଷା ଅପେକ୍ଷା ଅଧିକ ଗୁରୁତ୍ୱ ରଖୁଛି- ୨୦୪୭ ସୁଦ୍ଧା ବିକଶିତ ଭାରତ ନିମନ୍ତେରାଷ୍ଟ୍ରର ଲକ୍ଷ୍ୟ ହାସଲ ତଥା ଏକ ଅଧିକ ସମାବେଶୀ ଏବଂ ଦୀର୍ଘସ୍ଥାୟୀ ଆର୍ଥିକ ପରିବ୍ୟବସ୍ଥା ନିର୍ମାଣ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ।।

# ପିପିଲି କଲେଜର ବାର୍ଷିକ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ



ପିପିଲି, ୨୧।୧ (ନି.ପ୍ର): ପିପିଲି ମହାବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଓ ବକ୍ତା ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ଉପ ଜିଲ୍ଲାପାଳ ରାଜକିଶୋର ଜେନା ଯୋଗ ଦେଇଥିଲା ବେଳେ ପିପିଲି କଲେଜର ଅଧ୍ୟକ୍ଷ ସଦାଶିବ ଦାଶ ମଞ୍ଚରେ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ପଟ୍ଟନାୟକ ନିଜ ବକ୍ତବ୍ୟ ମାଧ୍ୟମରେ ମନ୍ତ୍ରୀଙ୍କୁ କଲେଜର ସାମଗ୍ରିକ ବିକାଶ ପାଇଁ ପ୍ରସ୍ତାବ ଦେଇଥିଲା ବେଳେ ମନ୍ତ୍ରୀ ମଧ୍ୟ ପିଏମ ଉଷା କିମ୍ବା ଅନ୍ୟାନ୍ୟ ଯୋଜନା ଜରିଆରେ କଲେଜର ବିକାଶ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏଆଇ ଭଳି ଅତ୍ୟାଧୁନିକ କୌଶଳର ସହଯୋଗରେ ହେଉ ଅବା ଶକ୍ତିଶ୍ରୀ ଆପ ଜରିଆରେ ବିକାଶ ନିଶ୍ଚୟ ଆଗେଇବ ବୋଲି ମନ୍ତ୍ରୀ ବକ୍ତବ୍ୟ ରଖିଥିଲେ। ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମେଡାଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚାସିନ ସମସ୍ତ ଅତିଥି କଲେଜ ସମ୍ପର୍କିତ ଏକ ପତ୍ରିକା ଉନ୍ମୋଚନ କରିଥିଲେ।

# ମଣିପାଲ ହସ୍ପିଟାଲ ଉନ୍ନତ ଓ ଜଟିଳ ସର୍ଜରୀ ସେବାର ୧୧ ବର୍ଷ ପୂର୍ତ୍ତି ପାଳିତ

ଭୁବନେଶ୍ୱର, ୨୧।୧ (ନି.ପ୍ର): ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର ଓଡ଼ିଶାରେ ତାହାର ସେବାର ୧୧ ବର୍ଷ ପୂରଣ କରିଛି। ସମ୍ପୂର୍ଣ୍ଣ ନିଷ୍ଠାପର ଭାବରେ. ଗତ ୧୧ ବର୍ଷରେ ଏଠାରେ ୨ ଲକ୍ଷରୁ ଅଧିକ ସର୍ଜେରୀ ସଫଳ ଭାବେ କରାଯାଇଛି । ଅନୁଭବୀ ଡାକ୍ତର ଓ ଆଧୁନିକ ଚିକିତ୍ସା ସୁବିଧାର ସହଯୋଗରେ ଅନେକ ଜଟିଳ ଓ ଉଚ୍ଚ ମାନର ସର୍ଜରୀ ସମ୍ଭବ ହୋଇଛି. ଏହି ସର୍ଜରୀ ଯାତ୍ରାକୁ ସ୍ମରଣ କରି ଏକ ବିଶେଷ ସର୍ଜିକାଲ୍ ଟ୍ରଷ୍ଟ କ୍ୟାମ୍ପେନ୍ ଆରମ୍ଭ କରାଯାଇଛି । ଏହି ଅଭିଯାନ ୧୧ ବର୍ଷର ଭରସା, ଦକ୍ଷତା ଓ ଆଶାର ପ୍ରତୀକଛ ୨୦୧୪ ମସିହାରେ ଆରମ୍ଭ ହୋଇଥିବା ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର ଗତ ୧୧ ବର୍ଷରେ ଜଟିଳ ଓ ଉଚ୍ଚ ମାନର ସର୍ଜରୀ ପାଇଁ ଏକ ଭରସାଯୋଗ୍ୟ ହସ୍ପିଟାଲ ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଆଜି ଓଡ଼ିଶା ସହିତ ସହ ଛତିଶଗଡ଼, ଝାରଖଣ୍ଡ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରୁ ମଧ୍ୟ ରୋଗୀମାନେ ଏଠାରେ ଚିକିତ୍ସା ପାଇଁ ଆସୁଛନ୍ତିଛ ପ୍ରତିବର୍ଷ ପ୍ରାୟ ୫ ଲକ୍ଷ ରୋଗୀ ମଣିପାଲ ହସ୍ପିଟାଲ ଭୁବନେଶ୍ୱରକୁ ଆସିଥାନ୍ତି । ଏହି କ୍ୟାମ୍ପେନ୍‌ରେ ୬ଟି ମୁଖ୍ୟ ସର୍ଜେରୀ ବିଭାଗ ଉପରେ ଗୁରୁତ୍ୱ ଦିଆଯାଇଛି , ନ୍ୟୁରୋ ସର୍ଜରୀ, ଜଏଣ୍ଟ ରିପ୍ଲେସମେଣ୍ଟ ସର୍ଜରୀ, ଓ ଆର୍ଥ୍ରୋସ୍କୋପି, କ୍ୟାନସର ସର୍ଜରୀ, ଅଙ୍ଗ ପ୍ରତ୍ୟାରୋପଣ, ସ୍ପାଇନ୍ ସର୍ଜରୀ ଓ ଗ୍ୟାସ୍ଟ୍ରୋ ସର୍ଜରୀ । ଏହି ସମସ୍ତ ବିଭାଗରେ ଅନୁଭବୀ ଡାକ୍ତରୀ ଟିମ୍ ଜଟିଳ ରୋଗର ସଫଳ ଚିକିତ୍ସା କରୁଛନ୍ତି । ଗତ ୧୧ ବର୍ଷରେ ୨ ଲକ୍ଷରୁ ଅଧିକ ସର୍ଜରୀ ସଫଳ ଭାବେ କରାଯାଇଛି । ଅତ୍ୟାଧୁନିକ ଯନ୍ତ୍ରପାତି, ସୁସ୍ପଷ୍ଟ ଚିକିତ୍ସା ପ୍ରକ୍ରିୟା ଓ ଭିନ୍ନ ଭିନ୍ନ ବିଭାଗର ଡାକ୍ତରମାନଙ୍କ ସହଯୋଗ ମଣିପାଲ ହସ୍ପିଟାଲର ସର୍ଜରୀ ବିଭାଗକୁ ଅଧିକ ଲୋକପ୍ରିୟ କରିପାରିଛି । ମଣିପାଲ୍ ହସ୍ପିଟାଲ୍ର ଚିକିତ୍ସା ପ୍ରଣାଳୀକୁ ଲାଇଫ୍ ୩୬୦ ଡିଗ୍ରୀ ବୋଲି କୁହାଯାଏ । ଏଠାରେ ରୋଗ ଚିହ୍ନଟରୁ ଆରମ୍ଭ କରି ଅପରେସନ୍, ସୁସ୍ଥ ହେବା, ପୁନଃଚିକିତ୍ସା ଓ ହସ୍ପିଟାଲ୍ ଛାଡ଼ିବା ପରେ ମଧ ରୋଗୀଙ୍କ ଦେଖାଶୁଣା କରାଯାଏ । ରୋଗୀଙ୍କ ସୁବିଧା ପାଇଁ, ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର ଅନେକ ପ୍ରମୁଖ ବୀମା କମ୍ପାନୀ ଓ ଥର୍ଡ ପାର୍ଟି ଏଡମିନିଷ୍ଟ୍ରେଟର ସହିତ ଜଡିତ ଅଛି, ଯାହା ଫଳରେ ଅପ୍ରୁଭାଲ୍ ଓ ଡିସ୍‌ଚାର୍ଜ ପ୍ରକ୍ରିୟା ସହଜ ହୁଏ । ଏହି କ୍ୟାମ୍ପେନ୍‌ର ମୂଳ ସନ୍ଦେଶ ହେଉଛି-ଭରସାଯୋଗ୍ୟ ଆଶା । ଏ ଅବସରରେ ଡାକ୍ତର ଶକ୍ତିମୟ ମହାପାତ୍ର, କ୍ଲଷ୍ଟର ଡାଇରେକଟର (ଦକ୍ଷିଣ-ପୂର୍ବ), ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର କହିଛନ୍ତି, ଅନେକ ପରିବାର ପାଇଁ ହସ୍ପିଟାଲ୍କୁ ଆସିବା ଜୀବନର ସବୁଠାରୁ ଜଟିଳ ସମୟ । ଗତ ୧୧ ବର୍ଷ ଧରି ଆମେ ସେହି ଭରସାକୁ ପ୍ରତିଶ୍ରୁତି ନୁହେଁ, ବରଂ ସଫଳ ଫଳାଫଳ, ସଠିକ୍ ଚିକିତ୍ସା ମାନଦଣ୍ଡ ମାଧ୍ୟମରେ ରକ୍ଷା କରିଆସୁଛୁ । ଏହି କ୍ୟାମ୍ପେନ୍ କେବଳ ସଂଖ୍ୟା ପାଇଁ ନୁହେଁ, ଓଡ଼ିଶା ସମେତ ଅନ୍ୟ ରାଜ୍ୟର ଲୋକମାନେ ଯେଉଁମାନେ ଆମ ଉପରେ ଯେ ଭରଷା ରଖିଛନ୍ତି ।

# ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷିତ

ଭୁବନେଶ୍ୱର, ୨୧।୧ (ନି.ପ୍ର): ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସ୍‌ଏଲ୍) ର ବୋର୍ଡର ନିର୍ଦ୍ଦେଶକମାନଙ୍କ ଦ୍ୱାରା ଆଜି କମ୍ପାନୀର ତୃତୀୟ ତ୍ରୈମାସିକ (ଡିସେମ୍ବର ୩୧, ୨୦୨୫ ପର୍ଯ୍ୟନ୍ତ) ଆର୍ଥିକ ଫଳାଫଳ ଘୋଷଣା ହୋଇଛି। କମ୍ପାନୀର ବିକ୍ରୟ ମୂଲ୍ୟ ରେକର୍ଡ ସ୍ତରରେ ୬,୪୯,୮୫୭ ଟନ୍ ରହିଛି, ଯାହା ବର୍ଷ ପରେ ବର୍ଷ ଆଧାରରେ ୧୦.୬% ବୃଦ୍ଧି ପାଇଛି।ସେହିଭଳି ଷ୍ଟାଣ୍ଡଏଲୋନ୍ ନେଟ୍ ରେଭେନ୍ୟୁ ଭାରତୀୟ ମୁଦ୍ରାରେ ୧୦,୬୩୨ କୋଟି ରହିଛି ଏବଂ ବର୍ଷ ପରେ ବର୍ଷ ଆଧାରରେ ୫.୬% ବୃଦ୍ଧି ପାଇଛି। ଷ୍ଟାଣ୍ଡଏଲୋନ୍ ଇବିଆଇଟିଡିଏ ଏବଂ ପ୍ୟାଟ୍ ମୂଲ୍ୟ ଯଥାକ୍ରମେ ଭାରତୀୟ ମୁଦ୍ରାରେ ୧,୧୦୩ କୋଟି ଓ ୬୬୬ କୋଟି ରହିଛି, ଯାହା ବର୍ଷ ପରେ ବର୍ଷ ଆଧାରରେ ଯଥାକ୍ରମେ ୧୦.୦% ଏବଂ ୭.୬% ବୃଦ୍ଧି ହାର ରହିଛି। ସମ୍ମିଳିତ ନେଟ୍ ରେଭେନ୍ୟୁ ଭାରତୀୟ ମୁଦ୍ରାରେ ୧୦,୫୧୮ କୋଟି ରହିଛି, ଯାହା ବର୍ଷ ପରେ ବର୍ଷ ଆଧାରରେ ୬.୨% ବୃଦ୍ଧି ପାଇଛି। ସେହିଭଳି ସମ୍ମିଳିତ ଇବିଆଇଟିଡିଏ ରେକର୍ଡ ସ୍ତରରେ ୧,୪୦୮ କୋଟି ଏବଂ ପ୍ୟାଟ୍ ମୂଲ୍ୟ ୮୨୮ କୋଟି ରହିଛି, ଯାହା ବର୍ଷ ପରେ ବର୍ଷ ଆଧାରରେ ବୃଦ୍ଧିର ହାର ଯଥାକ୍ରମେ ୧୬.୬% ଏବଂ ୨୬.୬ % ରହିଛି। ସମ୍ମିଳିତ ନେଟ୍ ରଣ ଭାରତୀୟ ମୁଦ୍ରାରେ ୩,୪୫୧ କୋଟି ରହିଛି। ସେହିପରି ନେଟ୍ ରଣ-ଟୁ-ଇକ୍ୱିଟି ଅନୁପାତ ୦.୧୮ ରହିଛି। ବୋର୍ଡର ଡାଇରେକ୍ଟର ମଧ ଆର୍ଥିକ ବର୍ଷ -୨୬ ପାଇଁ ଅନ୍ତରୀଣ ଲାଭାଂଶ ଅ୫୦% ଅର୍ଥାତ୍ ଭାରତୀୟ ମୁଦ୍ରାରେ ଘପ୍ରତି ଇକ୍ୱିଟି ସେୟାର ଅଂଶୀଦାରକୁ ଅନୁମୋଦନ କରିଛନ୍ତି । ସେହିପରି ସଦସ୍ୟମାନଙ୍କ ଅଧିକାର ନିର୍ଦ୍ଧାରଣ ପାଇଁ ରେକର୍ଡ ତାରିଖ ଜାନୁଆରୀ ୨୯, ୨୦୨୬ ନିର୍ଦ୍ଧାରଣ କରାଯାଇଛି। ଏଥିସହିତ ଲାଭାଂଶ ଫେବୃଆରୀ ୧୯, ୨୦୨୬ କିମ୍ବା ତା' ପୂର୍ବରୁ ପ୍ରଦାନ କରାଯିବାର ନିଷ୍ପତି ହୋଇଛି । କମ୍ପାନୀ ନିରନ୍ତର ଭାବେ ଏହି ତ୍ରୈମାସିକରେ ଏକ ସ୍ଥାୟୀ ପ୍ରଦର୍ଶନ ଜାରି ରଖିଛି । ଯାହା ଅଭିନବ ଉତ୍ପାଦ ସୃଷ୍ଟି କରିବା ସହିତ ଉନ୍ନତ ପରିଚାଳନା ଦକ୍ଷତା ଏବଂ ଗ୍ରାହକ ସେବାକୁ ପ୍ରୋତ୍ସାହିତ କରୁଛି । ଘରୋଇ ବଜାରରେ ଜେଏସ୍‌ଏଲ୍ ଏକ ସ୍ଥିର ଗତି ବଜାୟ ରଖିଛି । ଅଟୋମୋଟିଭ, ଅଳଙ୍କାର ପାଇପ୍ସ, ଟ୍ୟୁବ୍ସ, ରେଳ ଏବଂ ମେଟ୍ରୋ, ବୃହଦ ଘରୋଇ ଉପକରଣ ଭଳି କ୍ଷେତ୍ରରୁ ବଢୁଥିବା ଚାହିଦାକୁ କମ୍ପାନୀ ପୂରଣ କରିବାରେ ସମର୍ଥ ହୋଇପାରିଛି। ଯାହା ଅଧିକ ଭିତିଭୂମିର ବିସ୍ତାର, ଦକ୍ଷ ଭୂଲମ୍ବ ପରିବହନ ଏଥିସହିତ ଷ୍ଟ୍ରିଟ ନେଟଓ୍ୱର୍କକୁ ଗୁରୁତ୍ୱ ଦେଇଥାଏ । ମୁକ୍ତ ବାଣିଜ୍ୟ ଚୁକ୍ତି(ଏଫଟିଏ)ର ଦୁରୁପଯୋଗ ଯୋଗୁଁ ଚାଇନା ଏବଂ ଭିଏତନାମ୍ ଭଳି ଦେଶରୁ ଆମଦାନି ବୃଦ୍ଧି ପାଇଛି । ଯଦ୍ୱାରା ନିମ୍ନମାନର ସାମଗ୍ରୀ, ସବସିଡିଯୁକ୍ତ ଏବଂ କମ୍ ମୂଲ୍ୟର ଦ୍ରବ୍ୟ ଯୋଗୁଁ ପ୍ରତିଯୋଗିତା ବାଧାପ୍ରାପ୍ତ ହୋଇଛି । ବିଶେଷକରି ଏହା ଯୋଗୁଁ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ପ୍ରଭାବିତ ହୋଇଛି । ଏହି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଜିନ୍ଦଲ ଷ୍ଟେନଲେସ୍ ବଜାରରେ ତାର ଗୁଣବତା ବଜାୟ ରଖିଛି । ସୁଦୃଢ଼ ବିତରଣ ବ୍ୟବସ୍ଥା, ଗ୍ରାହକ କୈନ୍ଦ୍ରିକ ଅଭିନବ ପଦକ୍ଷେପ ଯଥା ଜିନ୍ଦଲ ସାଥୀ ସିଲ୍ ଏବଂ କ୍ୟୁଆର କୋଡ୍ ଭଳି ପଧକ୍ଷେପ କମ୍ପାନୀର ବିଶ୍ୱସନୀୟତା ବଢ଼ାଇଛି । ସେହିଭଳି ରପ୍ତାନି କ୍ଷେତ୍ରରେ ବିଶ୍ୱ ବାଣିଜ୍ୟ ବଜାର ଯଥା ଯୁକ୍ତରାଷ୍ଟ୍ର ଆମେରିକା, ଇଉରୋପିଆନ ସଂଘ ଆଦି କ୍ଷେତ୍ରରେ ଲାଗି ରହିଥିବା ଅନିଶ୍ଚିତତା ଏବଂ ସୁରକ୍ଷାକୁ ନେଇ ଥିବା ଆଶଙ୍କା ଯୋଗୁଁ ବିଶ୍ୱ ବାଣିଜ୍ୟର ଗତି ମନ୍ଥର ହୋଇଛି । ଏଭଳି ସମୟରେ କମ୍ପାନୀ ଘରୋଇ ବଜାରକୁ ପ୍ରାଥମିକତା ଦେବା ଜାରି ରଖିଛି ।

# ଉଠା ଦୋକାନି ସଂଘ ପକ୍ଷରୁ ଭାଇଚାରା, ସାମ୍ବିଧାନିକ ଅଧିକାର ଓ ଏକତା ବାର୍ତ୍ତା ନେଇ ଶୋଭାଯାତ୍ରା




ବଲାଙ୍ଗିର, ୨୧।୧ (ନି.ପ୍ର): ବଲାଙ୍ଗିର ଉଠା ଦୋକାନି ସଂଘ ଦ୍ୱାରା ଶହ ଶହ ଉଠା ଦୋକାନିଙ୍କୁ ନେଇ ବଲାଙ୍ଗିର ସହରରେ ଭାଇଚାରା, ସାମ୍ବାଧାନିକ ଅଧିକାର ଓ ଏକତା ବାର୍ତ୍ତା ନେଇ ଏକ ଶୋଭାଯାତ୍ରା ହୋଇଥିଲା ଓ ସୁଦପଡା କଲ୍ୟାଣ ମଣ୍ଡପ ଠାରେ ହୋଇଥିବା ସାଧାରଣ ସଭାରେ ସଭାପତି ଶମ୍ଭୁ ନାଗ ଙ୍କ ସଂଯୋଜନା କରିଥିବା ବେଳେ ଅତିଥିମାନେ ଯୋଗଦେଇ ଉଠାଦୋକାନୀଙ୍କ ଥଇଥାନ ଓ ଉନ୍ନତି ବିଷୟରେ ଆଲୋକପାତ କରିଥିଲେ । ଏଥିରେ ଜାତୀୟ ଉଠା ଦୋକାନୀ ସଂଘ (ନାସଭି) ର ପ୍ରତିନିଧି ଭାବରେ ରାଜିବ କୁମାର ଯୋଗ ଦେଇ ଉଠା ଦୋକାନୀଙ୍କ ବିଭିନ୍ନ ସରକାରୀ ସୁବିଧା ଓ କେନ୍ଦ୍ର ସରକାରଙ୍କ ୨୦୧୪ ନିୟମ ଅନୁସାରେ ସମସ୍ତେ କିପରି ସମସ୍ତ ସୁବିଧାମାନ ପାଇ ପାରିବେ ସେ ଉପରେ ସୂଚନା ଦେଲେ । ଏଥିରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା ସାଂସଦ ଅନଙ୍ଗ ଉଦୟ ସିଂହଦେଓ, ସମ୍ମାନିତ ଅତିଥି ଭାବରେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ବିଶିଷ୍ଟ ଆଇନଜ୍ଞ ପ୍ରମୋଦ କୁମାର ମିଶ୍ର, କାଉନସିଲର କିଶୋର କୁମ୍ଭାର, ଅରବିନ୍ଦ ପରୁଆ, ପ୍ରଦୀପ ମିଶ୍ର, ଇସ୍ମତ ଆରା ଖାନ, ପିଙ୍କି କବାଟ ପ୍ରମୁଖ ଯୋଗ ଦେଇ ସଭାକୁ ଉଦ୍‌ବୋଧନ ଦେଇଥିଲେ । ଏଥିରେ ପୌରାଧ୍ୟକ୍ଷା ଶ୍ରୀମତୀ ସାହୁ କମ୍ ଦିନ ମଧ୍ୟରେ ଭେଣ୍ଡିଂ ଜୋନ ମାଧ୍ୟମରେ ପ୍ରାୟ ଉଠା ଦୋକାନୀଙ୍କୁ ଥଇଥାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ସଂଘର ବିଶ୍ୱଜିତ ସାହୁ, ବରୁଣ ବାଗ, ଟିଲେଶ୍ୱର ରଣା, ସୁଦାମ ସିଂ, ଭକ୍ତରାମ କର୍ମୀ, ଶତ୍ରୁଘନ ବାଗ, ଗୋପାଲ ସାହୁ, ପ୍ରଫୁଲ୍ଲ ଭ୍ୟାସ, ବିଘ୍ନ ନାଏକ, କର୍ଣ୍ଣରାଜ ପାଣିଗ୍ରାହୀ, ଶୁଭମ ହୋତା, ମୋହନ ଦଲବେହେରା, ନାରାୟଣ ରାଉତ, ପ୍ରଶାନ୍ତ ସେଠ, ପ୍ରଫୁଲ୍ଲ ବିଶୋଇ, ଦିପକ ମହାପାତ୍ର, ଆନନ୍ଦ ପାତ୍ର, ସୁନିଲ ମେହେର, ବିବେଶ ଦୋରା, ନିଳାମ୍ବର ବିଶି, ହରିଶଙ୍କର ସେଠି, ନବଘନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ବଲାଙ୍ଗିର ଲୋକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା



ବଲାଙ୍ଗିର, ୨୧।୧ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ଗୌରବମୟ ପରମ୍ପରା, କଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ସ୍ଥାନୀୟ କୋଶଳ କଳାମଣ୍ଡଳ ପରିସରରେ ତ୍ରୟୋବିଂଶତମ ବଲାଙ୍ଗିର ଲୋକ ଉତ୍ସବ ବର୍ଣ୍ଣାଢ୍ୟ ପରିବେଶରେ ପାଳିତ ହେଉଛି । ଏହି ଉତ୍ସବର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଭାପତିତ୍ୱ କରିଥିଲେ ଉପଜିଲ୍ଲାପାଳ, ବଲାଙ୍ଗିର, ଆଲୋକ କୁମାର ପଟେଲ । ଆଜିର କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୌର ଅଧ୍ୟକ୍ଷା, ବଲାଙ୍ଗିର, ଲିକା ସାହୁ, ଉପଜିଲ୍ଲାପାଳ, ପାଟଣାଗଡ, ସୁନୀଲ କୁମାର ମେହେର, ଉପଜିଲ୍ଲାପାଳ, ଟିଟିଲାଗଡ, ପଦ୍ମନାଭ ସାମନ୍ତରାୟ, ସହ ଅଧ୍ୟକ୍ଷ, ମଞ୍ଚ କମିଟି, କିଶୋର ଜାଲ, ସହ ଅଧ୍ୟକ୍ଷ, ପ୍ରଚାର ପ୍ରସାର କମିଟି, ଶରତ ଚନ୍ଦ୍ର ମିଶ୍ର, ସହ ଅଧ୍ୟକ୍ଷା, ମଞ୍ଚ କମିଟି, ଶ୍ରାବଣୀ ମେହେର, ସହ ଅଧ୍ୟକ୍ଷ, ପ୍ରଚାର ପ୍ରସାର କମିଟି, ରିତୁରାଜ ସିଂହ, ଅତିଥି କଳାକାର, ରାଜୀବ ସଗରିଆ ପ୍ରମୁଖ ମଞ୍ଚାସିନ ଥିଲେ । ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପୂର୍ବକ ଦ୍ୱିତୀୟ ଦିବସର ଶୁଭ ଉଦଘାଟନ ହୋଇଥିଲା । କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ମୁଖ୍ୟ ଅତିଥି କହିଥିଲେ ପୁରପଲ୍ଲୀରୁ ଆରମ୍ଭ ହେଉଥିବା ଏହି ଲୋକ ଉତ୍ସବ କେବଳ ବଲାଙ୍ଗିର ଜିଲ୍ଲାରେ ସୀମିତ ନୁହଁ ବରଂ ରାଜ୍ୟ ବାହାରେ ମଧ ଖ୍ୟାତି ଅର୍ଜନ କରିଛି । ଏ ବଲାଙ୍ଗିର ମାଟି ବଡ ବଡ କଳାକାର ଗଢିଛି, କଳାକୁ ଉଚିତ୍ ସମ୍ମାନ ଦେଇଛି, ଆମକୁ ଗର୍ବିତ କରିଛି । ତେଣୁ ଆମର ମଧ କର୍ତ୍ତବ୍ୟ ଯେ, ମିଳିତ ଭାବେ ଆମେ ବଲାଙ୍ଗିର ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି କରିବା । ଆଜିର ସଭା କାର୍ଯ୍ୟର ସହ ଅଧ୍ୟକ୍ଷ, ପ୍ରଚାର ପ୍ରସାର କମିଟି, ଶରତ ଚନ୍ଦ୍ର ମିଶ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସହ ଅଧ୍ୟକ୍ଷ, ପ୍ରଚାର ପ୍ରସାର କମିଟି, ଋତୁରାଜ ସିଂହଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ । ଏହି ଉତ୍ସବର ଦ୍ୱିତୀୟ ରଜନୀରେ ଗୁଜୁରାଟର ସିଦ୍ଧି ଧମାଲ, ପଞ୍ଜାବର ଭାଙ୍ଗଡା, ଆସାମର ବିହୁ, ପୁରୀ ର ଗୋଟିପୁଅ, ସୁବର୍ଣ୍ଣପୁରର ବଜନିଆଁ, କଳାହାଣ୍ଡିର ଘୁମୁରା, ବଲାଙ୍ଗିର ସ'ଜ୍ୟୋତି କଳାକେନ୍ଦ୍ର ନିର୍ଦ୍ଦେଶିକା ସଙ୍ଗୀତା ଦାସ ଓ ସାଥୀଙ୍କ ଦ୍ୱାରା ପ୍ରଦର୍ଶିତ ଚୁଟକୁ ଚୁଟାକୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତରଣିସେନ ସୁନା ସମ୍ମାନିତ କରିବା ସହ ବେଶ୍ ପ୍ରଶଂସା କରିଥିଲେ ଏବଂ ସ୍ଥାନୀୟ ସୁର ମନ୍ଦିର, ଲଳିତ ଡାନ୍ସ ଗ୍ରୁପ, ଢୋଲ ମହୁରି କଳାପରିଷଦ, ମହନୀ ନୃତ୍ୟ କଳାପରିଷଦ ଏବଂ ସମସ୍ତ କଳାକାର ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରିଥିଲେ ।

# ରାସ୍ତାକାର୍ଯ୍ୟରେ ଅନିୟମିତତା ଅଭିଯୋଗ



ବାରିପଦା, ୨୧।୧ (ନି.ପ୍ର): ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ ବାଲିଡ଼ିହା ଗ୍ରାମପଞ୍ଚାୟତ ଅଧିନସ୍ଥ ନୂଆଗାଁ ଗ୍ରାମରେ ଦୁଇଟି ରାସ୍ତାକଯ୍ୟ ହେଉଅଛି । ଗୋଟିଏ ଗୌରମହନ ଘରଠାରୁ ଏସ ଏସ ଡି ଉଚ୍ଚ ବିଦ୍ୟାଳୟ ଓ ଅନ୍ୟଟି ଏସଏସଡି ଉଚ୍ଚ ବିଦ୍ୟାଳୟ ଠାରୁ ଶିତଳା ମନ୍ଦିର ପର୍ଯ୍ୟନ୍ତ । ପ୍ରତେକ କାର୍ଯ୍ୟର ଅଟକଳ ମୂଲ୍ୟ ୮ ଲକ୍ଷ ଟଙ୍କା ରହିଛି । କାର୍ଯ୍ୟ ଦୁଇଟି ଗ୍ରେଡ ୧ ମେଟାଲ ଓ ମୁରୁମ ରେ କାର୍ଯ୍ୟ ହେବା ନିମନ୍ତେ ଫଳକରେ ଉଲ୍ଲେଖ ରହିଅଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଠିକାଦାର ରାସ୍ତାରେ ମେଟାଲ ନପକାଇ କେବଳ ମୁରୁମ ପକାଇ ଦେଇଛନ୍ତି । ଏହାସହ ରାସ୍ତାରେ ରୁଲର ମଧ ଚଲାଉ ନାହାନ୍ତି । ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ମେହେଶ୍ୱର ମହାନ୍ତ, ପ୍ରତାପଚନ୍ଦ୍ର ମହାନ୍ତ ଓ ହେମନ୍ତ ମହାନ୍ତ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ କନିଷ୍ଟ ଯନ୍ତ୍ରୀ ସ୍ମିତା ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ରାସ୍ତା କାର୍ଯ୍ୟ ବର୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇନାହିଁ । ପ୍ରଥମ ପର୍ଯ୍ୟାୟରେ କେବଳ ମୁରୁମ ପଡିଛି ଏହାଉପରେ ମେଟାଲ ପଡିବ ଓ ପୁଣି ତା ଉପରେ ମୁରୁମ ପଡି ରୁଲିଂ କରାଯିବ । ବ୍ଲକରେ ବର୍ତମାନ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ ଅନେକ ରାସ୍ତାକଯ୍ୟ ଚାଲୁ ରହିଅଛି । ଅଧିକାଂଶ କାର୍ଯ୍ୟରେ ଠିକାଦାର ବିନା ମେଟାଲ ରେ କେବଳ ମୁରୁମ ପକାଇ ରାସ୍ତାକାର୍ଯ୍ୟ ଶେଷ କରିଦେଉଛନ୍ତି ଯାହାଫଳରେ ଦୁଇତିନିମାସ ମଧ୍ୟରେ ରାସ୍ତାର ପରିସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇପଡୁଛି ।

# ଜେଜେଙ୍କ ସ୍ମୃତିରେ ଗୀତ ଗାଇ ମନମୁଗ୍ଧ କଲେ କୁନି ଝିଅ ମିଷ୍ଟି

କାକଟପୁର,୨୧।୧ (ନି.ପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ପାଟଳଦା ଗ୍ରାମ ପଞ୍ଚାୟତ ଗୁରୁବଣି ଗ୍ରାମର ସମାଜସେବୀ ଧୂଳେଶ୍ୱର ନାୟକଙ୍କ ଏକାଦଶାହରେ ନାତୁଣୀ ମିଷ୍ଟି (ଶିବାଙ୍ଗି) ଗୀତ ଗାଇ ସମସ୍ତଙ୍କ ମନ ମୁଗ୍ଧ କରିଥିଲେ । ରଘୁନାଥ ଜୀଉ ଭଜନ ଧାରା ପକ୍ଷରୁ ଉପେନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ସମାଜସେବୀ ତଥା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସବୁଜଶାଖାର ଉପଦେଷ୍ଟା ଦିବାକର ଛାଟୋଇ,ସାମ୍ବାଦିକ ନରେନ୍ଦ୍ର ଛାଟୋଇ, କେଳୁ ଚରଣ ଓଝା ଓ ଆଖ ପାଖ ଅଞ୍ଚଳ ର ବରିଷ୍ଠ ବ୍ୟକ୍ତି ବିଶେଷ ମାନେ ଯୋଗଦେଇ ସ୍ୱର୍ଗତ ଧୂଳେଶ୍ୱରଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କର ଗୁଣା ବଳି ଉପରେ ଆଲୋକପାତ କରିଥିଲେ ।

# କିସ୍‌ରେ ୬୬ତମ ପ୍ରୌଢଶିକ୍ଷା ସମ୍ମିଳନୀ ଉଦ୍‌ଘାଟିତ




ଭୁବନେଶ୍ୱର, ୨୧।୧ (ନି.ପ୍ର): କିସ୍‌ରେ ସର୍ବଭାରତୀୟ ପ୍ରୌ ଶିକ୍ଷା ସମ୍ମିଳନୀ ଆରମ୍ଭ ହୋଇଛି । ସାମଗ୍ରିକ ଜାତୀୟ ବିକାଶରେ ପ୍ରୌ ଶିକ୍ଷାର ଭୂମିକା ଉପରେ ଆଲୋଚନା ନିମନ୍ତେ ଏହି ସମ୍ମିଳନୀରେ ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ ଏବଂ ପ୍ରୌଢ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଏଥିରେ ଯୋଗ ଦେଇଛନ୍ତି । ଏହି ସମ୍ମିଳନୀ ଭାରତୀୟ ପ୍ରୌ ଶିକ୍ଷା ସଂଘ ଓ କିସ୍‌ର ମିଳିତ ସହଯୋଗରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ଭାରତୀୟ ପ୍ରୌଢ ଶିକ୍ଷା ସଂଘ ପକ୍ଷରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନୀତ କରାଯାଇଥିଲା । ପ୍ରୌଢଶିକ୍ଷା କ୍ଷେତ୍ରରେ ଶ୍ରୀ ସାମନ୍ତଙ୍କ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ସାମନ୍ତ କହିଲେ, ଶିକ୍ଷା ମାଧ୍ୟମରେ ସାମାଜିକ ପରିବର୍ତ୍ତନକୁ ଗୁରୁତ୍ୱ ଦେଇ ସେ ଦୀର୍ଘ ୩୦ବର୍ଷ ହେଲା ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି । ଆନୁଷ୍ଠାନିକ ଶିକ୍ଷା ସହ ପ୍ରୌଢ ଶିକ୍ଷା କ୍ଷେତ୍ରରେ କିଟ୍ ଓ କିସ୍‌ର ଉଲ୍ଲେଖନୀୟ ଯୋଗଦାନ ରହିଛି ବୋଲି ସେ କହିଥିଲେ । ଏ ନେଇ ଶ୍ରୀ ସାମନ୍ତ କିସ୍‌ରେ ଅନୁସୃତ ମଡ଼େଲ୍ ସମ୍ପର୍କରେ ଉଲ୍ଲେଖ କରି କହିଥିଲେ, ଶ୍ରେଣୀଗୃହ ବାହାରେ ଶିକ୍ଷାକୁ ପହଞ୍ଚାଇବା ପାଇଁ କିସ୍‌ର ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରାଯାଇଥାଏ । ପ୍ରତିବର୍ଷ ବିଦ୍ୟାଳୟ ଛୁଟି ସମୟରେ ଛାତ୍ରଛାତ୍ରୀମାନେ ନିଜ ନିଜ ଗାଆଁକୁ ଫେରିବା ବେଳେ ସେମାନଙ୍କୁ ନିଜ ଗାଁରେ ଅତିକମ୍‌ରେ ୧୦ଜଣ ନିରକ୍ଷରଙ୍କୁ ସାକ୍ଷର କରିବା ପାଇଁ ପରାମର୍ଶ ଦିଆଯାଇଥାଏ । ତୃଣମୂଳ ସ୍ତରରେ ଯେତେବେଳେ ଶିକ୍ଷା ପହଞ୍ଚେ ଏହା ବହୁ ଗୁଣିତ ହୋଇଥାଏ ବୋଲି ସେ କହିଥିଲେ । ଏଥିସହ ଶ୍ରୀ ସାମନ୍ତ ଜନଜାତି ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା, ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ କିଟ୍ ଓ କିସ୍ର ଉଲ୍ଲେଖନୀୟ ଯୋଗଦାନ ଉପରେ ଆଲୋକପାତ କରିଥିଲେ । ପ୍ରୌଢ ଶିକ୍ଷା ସାମାଜିକ ପରିବର୍ତ୍ତନର ଏକ ପ୍ରମୁଖ ମାଧ୍ୟମ ବୋଲି ସେ କହିଥିଲେ ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ପ୍ରୌଢ ଶିକ୍ଷା ସଂଘର ସଭାପତି ପ୍ରଫେସର ଏଲ୍. ରାଜା, ସାଧାରଣ ସମ୍ପାଦକ ସୁରେଶ ଖଣ୍ଡେଲଓ୍ୱାଲ, ଆଇଏଇଏର ନିର୍ଦ୍ଦେଶକ ପ୍ରଫେସର ରାଜେଶ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ସାଧାରଣ ଲୋକଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା, ଅଜ୍ଞତା ଓ ନିରକ୍ଷରତା ଦୂରକରିବା, ଆନ୍ତଃ ରାଜ୍ୟ ସହଯୋଗକୁ ପ୍ରୋତ୍ସାହିତ କରିବା, ସାଧାରଣ ଲୋକଙ୍କ ପାଇଁ ପଠନ ସାମଗ୍ରୀ ପ୍ରସ୍ତୁତ ଓ ବଣ୍ଟନ ଏବଂ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରୌଢ ଶିକ୍ଷା କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବେ ଅଂଶ ଗ୍ରହଣ କରିବା ପାଇଁ ଉତ୍ସାହିତ କରିବା ହେଉଛି ଭାରତୀୟ ପ୍ରୌ ଶିକ୍ଷା ସଂଘର ପ୍ରମୁଖ କାର୍ଯ୍ୟ ।

# ରୟାଲ କଲେଜର ୨୩ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୨୧।୧ (ନି.ପ୍ର): ଓଡ଼ିଶାର ସର୍ବପୁରାତନ ସଂପୂର୍ଣ୍ଣ ଆବାସିକ ୨ ବିଜ୍ଞାନ ମହାବିଦ୍ୟାଳୟ, ରୟାଲ୍‌ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ପରିସରରେ ଏହାର ୨୩ତମ ପ୍ରତିଷ୍ଠା ଦିବସ ଆଜି ଅନୁଷ୍ଠିତ ହୋଇଯାଇଛି । କଲେଜର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଡ଼. ବିଷ୍ଣୁମୋହନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଦ୍ୱିତୀୟ ବାର୍ଷିକ ଛାତ୍ରୀ ରାଇଶ୍ରୀ ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ଅଧ୍ୟାପକ ସମ୍ବିତ କୁମାର ମିଶ୍ର ସଭା ପରିଚାଳନା କରିଥିଲେ । ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ କଲେଜ୍‌ର ମୁଖପତ୍ର 'ଦି ଏଲାନ୍ ଭାଇଟାଲ' ଉନ୍ମୋଚିତ ହୋଇଥିଲା । ପୂର୍ବତନ ନିର୍ଦ୍ଦେଶକ ସ୍ୱର୍ଗତଃ ପ୍ର.(ଡ.)ଅମୂଲ୍ୟ କୁମାର ପଣ୍ଡାଙ୍କ ଦ୍ୱାରା ସ୍ଥାପିତ ''ରୟାଲ ଟଚର୍ ଅଫ୍ ଦି ଇୟର ଆଓ୍ୱାର୍ଡ଼ ୨୦୨୫-୨୬ '' ପାଇଁ ଡ଼. ପଙ୍କଜ କୁମାର ଜେନା, ଅଧ୍ୟାପକ, ରସାୟନ ବିଜ୍ଞାନ ବିଭାଗ, ଶ୍ରୀନିବାସ କଲେଜ, ସୋର, ବାଲେଶ୍ୱର ଏବଂ ସନ୍ତୋଷ କୁମାର କର, ଶିକ୍ଷକ, ଜୟଦୁର୍ଗା ବିଦ୍ୟାଳୟ, ନର୍ଲା କଳାହାଣ୍ଡିଙ୍କୁ ଅଧ୍ୟୟନ, ଉଚ୍ଚମାନର ଶିକ୍ଷାଦାନ ପାଇଁ ଅର୍ଥରାଶି, ମାନପତ୍ର, ଉତ୍ତରୀୟ ଓ ଫଳକ ସହିତ ସମ୍ମାନିତ କରାଯାଇଥିଲା । କଲେଜର ଅଧ୍ୟକ୍ଷ ଜୀବନ କିଶୋର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଉତ୍ସବରେ ସମ୍ବଲପୁରର ପୂର୍ବତନ ଆର୍.ଡି.ସି, ତଥା ଅବସରପ୍ରାପ୍ତ ଆଇ.ଏ.ଏସ୍. ନିରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରାଜ୍ୟରେ ଯୁକ୍ତ ଦୁଇ ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ରୟାଲ୍ କଲେଜ୍ ଏକ ମାଇଲ୍‌ଖୁଣ୍ଟ ବୋଲି ମତ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଟେକ୍ସ୍ଟ ବୁକ୍ ବ୍ୟୁରୋର ପୂର୍ବତନ ନିର୍ଦ୍ଦେଶକ ଡ. ଆର.ପି. ରୁଥ୍, ବିଶିଷ୍ଟ ପରିବେଶବିତ୍ ତଥା ପୂର୍ବତନ ପ୍ରାଧ୍ୟାପକ ଡ଼କ୍ଟର ଜୟକୃଷ୍ଣ ପାଣିଗ୍ରାହୀ ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ଅଧ୍ୟୟନ, ଅଧ୍ୟବସାୟ ଓ ବ୍ୟକ୍ତିତ୍ୱର ବିକାଶ ଉପରେ ଗୁରୁତ୍ୱ ଦେବା ପାଇଁ ଉପଦେଶ ଦେଇଥିଲେ । ଡ଼କ୍ଟର ଜୟକୃଷ୍ଣ ପାଣିଗ୍ରାହୀ ପରିବେଶର ସୁରକ୍ଷା, ଜଳସଂପଦର ସଦୁପଯୋଗ ଓ ପ୍ରାକୃତିକ ପରିବେଶ ମଧ୍ୟରେ ଶିକ୍ଷାଦାନ ବ୍ୟବସ୍ଥା ଉପରେ ଗୁରୁତ୍ୱଦେବାକୁ ପରାମର୍ଶ ଦେଇଥିଲେ । କଲେଜର ଚେୟାରମ୍ୟାନ୍ ଡ଼. ବିଷ୍ଣୁମୋହନ ମହାନ୍ତି ଛାତ୍ର ଛାତ୍ରୀମାନଙ୍କ କୃତିତ୍ୱକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଶିକ୍ଷକମାନଙ୍କୁ ସେମାନଙ୍କର ସାଧ ଓ ସାଧନା ଅବ୍ୟାହତ ରଖିବାକୁ ପରାମର୍ଶ ଦେଇଥିଲେ । ଗତ ବର୍ଷ ୨ ବିଜ୍ଞାନ ପରିକ୍ଷାରେ କଲେଜର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶନୀ ଓ ସି.ବି.ଏସ୍.ଇର ୨ବିଜ୍ଞାନ ପରିକ୍ଷାରେ ରୟାଲ ପବ୍ଲିକ୍ ସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ପ୍ରିୟଦର୍ଶିନୀ ମଙ୍ଗରାଜଙ୍କୁ ସମ୍ମାନୀତ କରାଯାଇଥିଲା । ରୟାଲ ପ୍ରିନ୍ସ ଭାବରେ ୨ଦ୍ୱିତୀୟ ବର୍ଷ ଛାତ୍ର ଶିବତନୟା ମହାରଣା ଓ ରୟାଲ ପ୍ରିନ୍‌ସେସ୍ ଭାବରେ ୨ଦ୍ୱିତୀୟ ବର୍ଷ ଛାତ୍ରୀ ଲକ୍ଷ୍ମୀବ୍ରତା ପ୍ରଧାନଙ୍କୁ ମନୋନିତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କଲେଜର କୋଡ଼ିନେଟର ସଂଘମିତ୍ରା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିବା ପରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଓଡ଼ିଶୀ ନୃତ୍ୟ, କଣ୍ଠ ସଂଗୀତ, ଦଳଗତ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସମସ୍ତ ଛାତ୍ର-ଛାତ୍ରୀ, ଅଭିଭାବକ ଏବଂ ନିମନ୍ତ୍ରିତ ଅତିଥିମାନେ ଉପଭୋଗ କରିଥିଲେ ।

**ଅନୁଚିନ୍ତା**

ତୁମ ଭାବନାରାଜି ତୁମ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶଗ୍ରହଣ କରେ।

## ସମ୍ପାଦକୀୟ

# ଭାରତର ସୁଦର୍ଶନ ଚକ୍ର

ଭାରତର ଅପରେସନ ସିନ୍ଦୁର କେବଳ ଆତଙ୍କବାଦ ଓ ଆତଙ୍କୀଙ୍କ ପାଇଁ ଉଦ୍ଦିଷ୍ଟ ଥିଲେ ବି ଅବୁଝା ଓ ଅମାନିଆ ପାକିସ୍ତାନ ଭୟରେ ଭାରତ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା । ଶହ ଶହ ଡ୍ରୋନରେ ହମ୍‌ଲା କରିଥିଲା । କିନ୍ତୁ ପାକିସ୍ତାନର ଏହି ହମ୍‌ଲାକୁ ପଣ୍ଡ କରିଦେଇଥିଲା ଭାରତର ମହାବଳୀ ଏୟାର ଡିଫେନ୍ସ ସିଷ୍ଟମ । ଏହି ସିଷ୍ଟମ ଅଭେଦ୍ୟ ହୋଇଥିଲା ପାକିସ୍ତାନ ପାଇଁ । ଏପରିକି ଚୀନ ଓ ତୁର୍କୀ ନିକଟରୁ ପାକିସ୍ତାନ ପାଇଥିବା ଡ୍ରୋନ ଓ ମିସାଇଲଗୁଡ଼ିକ ମଧ୍ୟ ଭେଦି ପାରିନଥିଲା ଭାରତର ଏୟାର ଡିଫେନ୍ସ ସିଷ୍ଟମକୁ । ନିରାଶ ହୋଇପଡ଼ିଥିଲା ପାକିସ୍ତାନ । ଭାରତ ଏହସବୁ ଏୟାର ଡିଫେନ୍ସ ସିଷ୍ଟମ ମଧ୍ୟରେ ଗୋଟିଏ ହେଉଛି ଏସ୍-୪୦୦ ଯାହାକୁ ସୁଦର୍ଶନ ଚକ୍ର କୁହାଯାଉଛି । ଆକାଶରେ ଆସୁଥିବା ଆକ୍ରମଣକାରୀ ବିମାନ, ମିସାଇଲ ଓ ଡ୍ରୋନକୁ ଚାହୁଁ ଚାହୁଁ ଧ୍ୱଂସ କରିଦିଏ ସି-୪୦୦। ଏହାର ଲକ୍ଷ୍ୟଭେଦ କ୍ଷମତା ବା ଅପରେସନାଲ ରେଞ୍ଜ ୪୦ରୁ ୪୦୦ କିମି । ପ୍ରତି ସେକେଣ୍ଡରେ ଏହାର ଅଧିକତମ ଗତି ୪୮୦୦ ମିଟର । ଏହା ୬୦୦ କିମି ଯାଏ ଟାର୍ଗେଟ ଟ୍ରାକ୍ କରିପାରେ । ଚାରି ପ୍ରକାର ମିସାଇଲ ୧୨୦ କିମି, ୨୦୦ କିମି, ୨୫୦ କିମି ୪୦୦ କିମିରେ ଏହା ସଜ୍ଜିତ । ୫ରୁ ୧୦ ମିନିଟ୍ ମଧ୍ୟରେ ଏହାକୁ ଅବସ୍ଥାପିତ କରାଯାଇପାରିବ। ମାଇନସ ୫୦ରୁ ୭୦ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ତାପମାନରେ ଏହା ଶକ୍ତି ପ୍ରଦର୍ଶନ କରିବାକୁ ସକ୍ଷମ। ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଏହାର ପରିବହନ ମଧ୍ୟ ସୁବିଧାରେ ହୋଇପାରିବ। ଭାରତ ଆଉ ଏକ ଏୟାର ଡିଫେନ୍ସ ସିଷ୍ଟମ ହେଉଛି ବାରାକ୍-୮ । ଏହାର ରେଞ୍ଜ ୧୦୦ କିମି। ଆକାଶରେ ଶତ୍ରୁର ହତିଆର ଉପରେ ପ୍ରଚଣ୍ଡ ପ୍ରହାର କରିପାରୁଥିବା ମିସାଇଲ ସିଷ୍ଟମ ବାରାକ୍-୮ । ଭାରତର ନୌସେନା ଏହାର ବ୍ୟବହାର କରୁଛି ।

> **ଆଜିର ଯୁଗରେ ଯେକୌଣସି ଦେଶ ପାଇଁ ତା'ର ପ୍ରତିରକ୍ଷା ସର୍ବୋପରି । ପ୍ରତିରକ୍ଷା ଉପରେ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱ ଦେଉଥିବା ଭାରତର ସୁଦର୍ଶନ ଚକ୍ର ସମେତ ଚାରିଟି ଏୟାର ଡିଫେନ୍ସ ସିଷ୍ଟମ ଖୁବ୍ ଚର୍ଚ୍ଚାରେ ରହିଛି । ଶତ୍ରୁର ଦର୍ପ ଚୂର୍ଣ୍ଣ କରିବା ପାଇଁ ଏହି ଏୟାର ଡଫେନ୍ସ ଯଥେଷ୍ଟ ।**



ଆକାଶ ଆଉ ଏକ ଏୟାର ଡିଫେନ୍ସ ସିଷ୍ଟମ । ଭୂମିରୁ ଆକାଶକୁ ଲକ୍ଷ୍ୟ ଭେଦ କରୁଥିବା ଭାରତର ସ୍ୱଦେଶୀ ମିସାଇଲ ଡିଫେନ୍ସ ସିଷ୍ଟମ ଆକାଶର ବିକାଶ କରିଛି ଡିଆର୍‌ଡିଓ । ଲଢୁଆ ବିମାନ, କ୍ରୁଜ ମିସାଇଲ, ବାଲିଷ୍ଟିକ ମିସାଇଲ, ଡ୍ରୋନ ଆଦିକୁ ଏହା ଧ୍ୱଂସ କରିଦିଏ । ଆକାଶର ରେଞ୍ଜ ୩୦ରୁ ୭୦ କିମି ଯାଏ । ଏହାର ଗୋଟିଏ ସିଷ୍ଟମ ଥରକରେ ୧୨ଟି ଟାର୍ଗେଟ ଉପରେ ହମ୍‌ଲା କରିପାରିବ। ସ୍ୱାଇଡ଼ର ଭାରତର ଆଉ ଏକ ଏୟାର ଡିଫେନ୍ସ ସିଷ୍ଟମ । ଭୂମିରୁ ଆକାଶ ଏହା ଲକ୍ଷ୍ୟ ଭେଦ କରିପାରିବ। ଏହି ମିସାଇଲ ଡିଫେନ୍ସ ସିଷ୍ଟମର ଅପରେସନାଲ ରେଞ୍ଜ ୧୫ରୁ ୩୫ କିମି । ଭାରତ ନିକଟରେ ରହିଛି ଆଉ ଏକ ଏୟାର ଡିଫେନ୍ସ ସିଷ୍ଟମ ଏମ୍‌ଆର-ଏସ୍‌ଏଏମ୍। ଏହା ଭୂମିରୁ ଆକାଶ ଲକ୍ଷ୍ୟ ଭେଦ କରିପାରିବ । ଏହି ମିସାଇଲ ଡିଫେନ୍ସ ସିଷ୍ଟମର ଅପରେସନାଲ ରେଞ୍ଜ ୭୦ କିମି । ଭାରତ ଏହାକୁ ଇସ୍ରାଏଲ ସହ ମିଳିତ ଭାବେ ତିଆରି କରିଛି । ଭାରତ ମଧ୍ୟ ବାଲିଷ୍ଟିକ ମିସାଇଲ ଡିଫେନ୍ସ ଶିଲ୍ଡରେ ଶକ୍ତିମାନ ଏହି ଆଣ୍ଟି ବାଲିଷ୍ଟିକ ମିସାଇଲ ଡିଫେନ୍ସ ସିଷ୍ଟମରେ ରହିଛି ଦୁଇପ୍ରକାର ମିସାଇଲ-ପୃଥ୍ୱୀ ଏୟାର ଡିଫେନ୍ସ (ପିଡ଼ିଏ) ଏବଂ ଆଡ଼ଭାନ୍ସ ଏୟାର ଡିଫେନ୍ସ (ଏଏଡ଼ି) । ପିଡ଼ିଏ ଅଧିକ ଉଚ୍ଚରୁ ଆସୁଥିବା ମିସାଇଲକୁ ରୋକିପାରିବ ଏବଂ ଏଏଡ଼ି କମ୍ ଉଚ୍ଚରୁ ଆସୁଥିବା ମିସାଇଲକୁ ରୋକିପାରିବ । ବିଶ୍ୱର ହାତଗଣତି କେତୋଟି ଦେଶ ନିକଟରେ ରହିଛି ଏହି ଡିଫେନ୍ସ ସିଷ୍ଟମ ।

## ସାକ୍ଷୀ ରହିଛି ସମୟ



● **ପ୍ରଥମଥର ଇଲେକ୍ଟ୍ରିକ ଲାଇଟିଂ ସିଷ୍ଟମର ପ୍ରୟୋଗ ହୋଇଥିଲା :** ଥୋମାସ ଆଲ୍‌ଭା ଏଡ଼ିସନଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ପ୍ରଥମ ଇଲେକ୍ଟ୍ରିକ ଲାଇଟିଂ ସିଷ୍ଟମର ପ୍ରୟୋଗ ହୋଇଥିଲା ଆମେରିକାରେ ୧୯ ଜାନୁଆରୀ ୧୮୮୩ରେ । ଏଡ଼ିସନ କେତୋଟି ତାର ମାଧ୍ୟମରେ ଗୋଟିଏ ଜାଗାରେ ବିଦ୍ୟୁତ ପ୍ରବାହିତ କରି ନ୍ୟୁଜର୍ସିର ରୋଶଲି କ୍ଷେତ୍ରକୁ ଆଲୋକିତ କରିଥିଲେ।

● **କାସାବ୍ଲାଙ୍କା ସମ୍ମିଳନୀରେ ଏକାଠି ହୋଇଥିଲେ ଚର୍ଚ୍ଚିଲ, ରୁଜଭେଲ୍ଟ, ଡି ଗଲ୍ :** ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ୧୪ ଜାନୁଆରୀ ୧୯୪୩ରେ ମସ୍କୋରେ ଏକାଠି ହୋଇଥିଲେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ, ଆମେରିକାର ରାଷ୍ଟ୍ରପତି ରୁଜଭେଲ୍ଟ ଓ ଫ୍ରାନ୍ସର ଜେନେରାଲ ଡି ଗଲ୍ । ଶତ୍ରୁପକ୍ଷ ବିନା ସର୍ତ୍ତରେ ଆତ୍ମସମର୍ପଣ କରିବା ଉଚିତ ବୋଲି ଏହି ତିନି ନେତା ସହମତି ପ୍ରକାଶ କରିଥିଲେ ।



● **ଲଣ୍ଡନରେ ଆୟୋଜିତ ହୋଇଥିଲା ଜାତିସଂଘ ମହାସଭାର ପ୍ରଥମ ଅଧିବେଶନ :** ଜାତିସଂଘ ମହାସଂଘର ପ୍ରଥମ ଅଧିବେଶନ ୧୦ ଜାନୁଆରୀ ୧୯୪୬ରେ ଲଣ୍ଡନର ମେଥୋଡିଷ୍ଟ ସେଣ୍ଟ୍ରାଲ ହଲ୍‌ରେ ଆରମ୍ଭ ହୋଇଥିଲା । ପ୍ରଥମଥର ପାଇଁ ଏଥିରେ ୫୧ ଦେଶର ପ୍ରତିନିଧି ଯୋଗ ଦେଇଥିଲେ । ଜାତିସଂଘର କାର୍ଯ୍ୟକ୍ଷେତ୍ର ଓ ଉଦ୍ଦେଶ୍ୟକୁ ନେଇ ବୈଠକରେ ଆଲୋଚନା ହୋଇଥିଲା । ବେଲଜିୟମର ହେନେରୀ ସ୍ପେକ୍ ପ୍ରଥମ ଅଧ୍ୟକ୍ଷ ମନୋନୀତ ହୋଇଥିଲେ।



● **ଇରାନ ଛାଡ଼ି ନିର୍ବାସନରେ ଚାଲିଯାଇଥିଲେ ଶାହ ମହମ୍ମଦ ରଜା ପହଲଭୀ :** ଜୋରଦାର ଆନ୍ଦୋଳନ ସହ ପ୍ରତିବାଦର ସ୍ୱର ତୀବ୍ର ହେବା ଫଳରେ ୧୬ ଜାନୁଆରୀ ୧୯୭୯ରେ ଇରାନ ଛାଡ଼ି ଶାହ ମହମ୍ମଦ ରଜା ପହଲଭୀ ନିର୍ବାସନରେ ମିଶର ଚାଲିଯାଇଥିଲେ । ଏହାସହିତ ଇରାନରେ ତାଙ୍କର ପଶ୍ଚିମ ସମର୍ଥିତ ଶାସନର ପତନ ହୋଇଥିଲା । ଏହାପରେ ଖୋମେନୀଙ୍କର ପ୍ରତ୍ୟାବର୍ତ୍ତନ ହୋଇଥିଲା ଏବଂ ଇରାନରେ ଇସ୍‌ଲାମୀ ଗଣ ରାଜ୍ୟ ସ୍ଥାପନର ମାର୍ଗ ପ୍ରଶସ୍ତ ହୋଇଥିଲା।



# ନୂତନ ଶ୍ରମ ନୀତି

**ସୌମେନ୍ଦ୍ର ଜେନା**

ଦେଶରେ ନୂତନ ଶ୍ରମ ନୀତି ଲାଗୁ ହୋଇଛି। ଦେଶର ୧୪୫ କୋଟି ଜନତାଙ୍କ ଭିତରୁ ପ୍ରାୟ ୫୦କୋଟି ଶ୍ରମିକ ସଂଗଠିତ ଏବଂ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ସ୍ୱାର୍ଥରକ୍ଷା, ଶିଳ୍ପର ସ୍ୱାର୍ଥରକ୍ଷା ଏବଂ ଆର୍ଥିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାଲାଗି ଏହି ନୂତନ ନୀତିକୁ ଲାଗୁ କରାଯାଇଛି । ୧୯୯୧ରେ ଦେଶରେ ଆର୍ଥିକ ବ୍ୟବସ୍ଥାର ସଂସ୍କାର ହୋଇଥିଲେ ହେଁ ଶ୍ରମନୀତି ବିଷୟରେ ଅଧିକ ଚିନ୍ତା କରାଯାଇନଥିଲା । ସେମିତି ଅସଂଗଠିତ କ୍ଷେତ୍ରରେ ମୋଟ୍ ଶ୍ରମଶକ୍ତିର ୯୦ପ୍ରତିଶତ କାର୍ଯ୍ୟରତ ଥିବା ସମୟରେ ସେମାନଙ୍କୁ ସାମାଜିକ ସୁରକ୍ଷା ମିଳୁନଥିଲା । କିନ୍ତୁ ଏବେ ଏହି ନୂତନ ଆଇନ ଲାଗୁ ହେବା ପରେ ଉଭୟ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ହେବା ସହ ସେମାନଙ୍କ ପରିବାରବର୍ଗ ମଧ୍ୟ ସୁବିଧା ପାଇବେ । ପୂର୍ବରୁ ଦେଶରେ ୨୩ପ୍ରକାର ଶ୍ରମ ଆଇନ ପ୍ରଚଳିତ ଥିବା ଯୋଗୁ ଅନେକ ସମୟରେ ଶ୍ରମିକମାନଙ୍କ ସମସ୍ୟା ଆଇନଗୁଡିକ ମଧ୍ୟରେ ଛନ୍ଦି ହେବା ଦ୍ୱାରା ସମାଧାନର ମାର୍ଗ ଫିଟୁନଥିଲା । ତେଣୁ ସରକାର ସେଗୁଡିକର ସଂଖ୍ୟା ହ୍ରାସ କରି ମାତ୍ର ଚାରିଟି ନୀତି ମଧ୍ୟରେ ସୀମିତକରି ରଖିଛନ୍ତି । ହେଲେ ଏହି ସଂସ୍କାର ଯେ ଆକସ୍ମିକ ହୋଇଛି ତା' ନୁହେଁ । ସମୟେ ସମୟେ ଏ ବିଷୟରେ ମଧ ଆଲୋଚନା ହୋଇଆସିଥିଲା । ଯେମିତି ୨୦୦୨ରେ ଦ୍ୱିତୀୟ ରାଷ୍ଟ୍ରୀୟ ଶ୍ରମ କମିଶନ ତାଙ୍କ ରିପୋର୍ଟରେ ଅନେକଗୁଡିଏ ଶ୍ରମ ଆଇନକୁ ହ୍ରାସ କରି ୪ କିମ୍ବା ୫ଟି ମଧ୍ୟରେ ସୀମିତ କରିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଅନେକଥର ଏ ବିଷୟରେ ଆଲୋଚନା ହୋଇଥିଲେ ମଧ ସେମିତି କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ତେବେ ଜିଏସ୍‌ଟି, ଏକ ଦେଶ-ଏକ ଟିକସ ନୀତି ଲାଗୁ ହେବାପରେ ଶ୍ରମିକ ଆଇନ ସଂଶୋଧନ ପାଇଁ ବିଚାର ହୋଇଥିଲା ।

ଏହି କ୍ରମରେ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ବ୍ୟାପକ ବିଚାର ଆଲୋଚନା କରାଯାଇ ସମସ୍ତେ ଏ ବିଷୟରେ ଜାଣିବା ଲାଗି ପ୍ରସ୍ତାବ ନୀତିକୁ ୱେବସାଇଟରେ ଛଡାଯାଇଥିଲା । କେବଳ ସେତିକି ନୁହେଁ, ୨୦୧୫ରୁ ୨୦୧୯ ମଧ୍ୟରେ ମନ୍ତ୍ରଣାଳୟ ପକ୍ଷରୁ ୯ଗୋଟି ତ୍ରିପକ୍ଷୀୟ ଆଲୋଚନାର ଆୟୋଜନ କରାଯାଇଥିଲା, ଯେଉଁଥିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ, କର୍ମଚାରୀ ସଂଗଠନ ଏବଂ ରାଜ୍ୟ ସରକାରଙ୍କ ପ୍ରତିନିଧିମାନେ ଉପସ୍ଥିତ ରହି ସେମାନଙ୍କ ମତାମତ ଏବଂ ପ୍ରସ୍ତାବ ଦେଇଥିଲେ । ସଂସଦର ଷ୍ଟାଣ୍ଡିଂ କମିଟି ଏସବୁକୁ ଯାଞ୍ଚ କଲାପରେ ସରକାରଙ୍କ ବିଚାର ପାଇଁ ପଠାଇଥିଲେ ।

ନରେନ୍ଦ୍ର ମୋଦୀ କ୍ଷମତାକୁ ଆସିବା ପରେ ୧୬ ଅକ୍ଟୋବର ୨୦୧୪ରେ ଶ୍ରମିକମାନଙ୍କୁ ଗୁରୁତ୍ୱ ଦେବାକୁ ଯାଇ କହିଥିଲେ ଯେ 'ସତ୍ୟମେବ ଜୟତେ', 'ଶ୍ରମେବ ଜୟତେ' ତୁଳନୀୟ । କାରଣ ଦେଶର ନିର୍ମାଣ ଶ୍ରମିକମାନେ ହିଁ କରି ଆସିଛନ୍ତି । ସେଥିପାଇଁ ସେମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଟଙ୍କାକୁ ଯେକୌଣସି ସ୍ଥାନରେ ବାହାର କରିବାର ସୁବିଧା ଦେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର (ୟୁଏଏନ୍) ଲାଗୁ କରାଯାଇଥିଲା। ଯଦ୍ୱାରା ଶ୍ରମିକମାନଙ୍କୁ ଆଇନର ନାଲି ଆଖି ଦେଖାଇବା ବଦଳରେ ବ୍ୟବସ୍ଥାର ସୁବିଧା ପ୍ରଦାନ ପାଇଁ ସହଯୋଗ କରିବାକୁ କୁହାଯାଇଥିଲା । ଏଥିପାଇଁ ସରକାର ଶ୍ରମ ସୁବିଧା ପୋର୍ଟାଲ ମଧ୍ୟ ଖୋଲିଥିଲେ । ଶିଳ୍ପମାନଙ୍କୁ ସେମାନଙ୍କ ଦେୟ ସୁବିଧାରେ ଦେବାଲାଗି ବ୍ୟବସ୍ଥା ହୋଇଥିଲା । 'ଶ୍ରମଯୋଗୀ ହିଁ ରାଷ୍ଟ୍ର ଯୋଗୀ' ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ । ସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କର ସୁବିଧା ସହ ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ପ୍ରଦାନ କରିବାର ବ୍ୟବସ୍ଥା ସ୍ୱରୂପ ପ୍ରଧାନମନ୍ତ୍ରୀ 'ଶ୍ରମଯୋଗୀ ମନ ଧନ ଯୋଜନା' ଲାଗୁ ହୋଇଥିଲା। ଏଥିରେ ୬୦ବର୍ଷ ପରେ ମାସିକ ୩୦୦୦ଟଙ୍କା ପେନସନ୍ ସୁବିଧା ପାଇବାର ବ୍ୟବସ୍ଥା କରାଯାଇଥିଲା। ୨୦୧୪ରେ ଆର୍ଥିକ ସ୍ୱଚ୍ଛତା ଏବଂ ଦାୟିତ୍ୱବୋଧ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଇଟି ବ୍ୟବସ୍ଥା ଯାଞ୍ଚ ପାଇଁ ବାଧ୍ୟତାମୂଳକ କରାଯାଇଥିଲା । ୨୯ମାର୍ଚ୍ଚ ୨୦୧୮ରୁ ଗ୍ରାଚ୍ୟୁଟି ଅର୍ଥ ୧୦ଲକ୍ଷରୁ ୨୦ଲକ୍ଷକୁ ବୃଦ୍ଧି କରାଯାଇଥିଲା । କର୍ମଚାରୀମାନଙ୍କୁ ବେତନ ଚେକ୍ କିମ୍ବା ଆକାଉଣ୍ଟ ମାଧ୍ୟମରେ ଦେବାଲାଗି ସରକାର ୨ ଫେବୃଆରୀ ୨୦୧୭ରେ ଦେୟ ପ୍ରଦାନ ଆଇନ କାର୍ଯ୍ୟକାରୀ କରିଥିଲେ । ୧ ଏପ୍ରିଲ ୨୦୧୭ରେ ମାତୃତ୍ୱ ସୁବିଧା ସଂଶୋଧନ ଆଇନ ଲାଗୁ କରାଯାଇଥିଲା । ଯେଉଁଥିରେ ମାତୃତ୍ୱ ଅବକାଶ ୧୨ ସପ୍ତାହରୁ ୨୬ ସପ୍ତାହକୁ ବୃଦ୍ଧି କରାଯାଇଥିଲା, ।

ଦେଶରେ ପ୍ରଚଳିତ ଅନେକଗୁଡିଏ ଆଇନ ଇଂରେଜ ସମୟରୁ ଚଳିଆସୁଥିଲା, ଯାହାର ବର୍ତ୍ତମାନ ସମୟରେ ସେମିତି ଗୁରୁତ୍ୱ ନଥିଲା । ପୁରୁଣା ଆଇନଗୁଡିକ ପରିବର୍ତ୍ତିତ ସମୟରେ ଅଦରକାରୀ ହୋଇପଡିଥିଲା । ତେଣୁ ସେଗୁଡିକୁ ହଟାଇବା ଆବଶ୍ୟକ ଥିଲା । କେନ୍ଦ୍ର ସରକାର ନ୍ୟୁନତମ ଶ୍ରମମୂଲ ପାଇଁ ବ୍ୟବସ୍ଥାକରି ୪ଟି ଆଇନକୁ ମୂଳନୀତି (ୱେଜ୍ କୋଡ଼)ରେ ୯ଟି ଆଇନକୁ ସାମାଜିକ ସୁରକ୍ଷା କୋଡରେ, ୧୩ଟି ଆଇନକୁ ଓଏସ୍‌ଏଚ୍ କୋଡ଼ରେ, ୩ଟି ଆଇନକୁ ଶିଳ୍ପ ସଂପର୍କ କୋଡ଼ରେ ଅନ୍ତର୍ଭୁକ୍ତ କଲେ। ଏହି ଚାରିଗୋଟି ଶ୍ରମ ଆଇନର ସୁବିଧା ସଂଗଠିତ ଏବଂ ଅସଂଗଠିତ କ୍ଷେତ୍ରର ଶ୍ରମିକମାନେ ଲାଭ କରିବେ। ଏମ୍ପ୍ଲୟିଜ୍ ପ୍ରୋଭିଡେଣ୍ଟ ଫଣ୍ଡ (ଇପିଏଫ୍), ଏମ୍ପ୍ଲୟିଜ୍ ପେନସନ ସ୍କିମ୍ (ଇପିଏସ୍), କର୍ମଚାରୀମାନଙ୍କ ବୀମା ସୁବିଧା ସବୁ ଶ୍ରମିକ ଏବେ ପାଇବାକୁ ସକ୍ଷମ ହେବେ। ଶ୍ରମ ଆଇନରେ ନ୍ୟୁନତମ ମୂଲ ପାଇବାର ଅଧିକାରକୁ ସୁରକ୍ଷିତ କରାଯାଇଛି । ପ୍ରତି ପାଞ୍ଚ ବର୍ଷରେ ଥରେ ନ୍ୟୁନତମ ମୂଲକୁ ସମୀକ୍ଷା କରିବା ପାଇଁ ବ୍ୟବସ୍ଥା ରହିଛି । ସମୟାନୁଯାୟୀ ବେତନ ଦେୟ ପ୍ରଦାନର ଗ୍ୟାରେଣ୍ଟି ଏଥିରେ ରଖାଯାଇଛି । ବେତନରେ ପୁରୁଷ ଓ ମହିଳାଙ୍କୁ ସମାନ ଅର୍ଥ ମିଳିବାର ବ୍ୟବସ୍ଥା ରହିଛି । ପ୍ରଥମଥର ପାଇଁ ଦେଶର ୪୦ କୋଟି ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଏହି ଅଧିକାର ଲାଭ କରିବାକୁ ସକ୍ଷମ ହୋଇଛନ୍ତି । ଆଞ୍ଚଳିକ କ୍ଷେତ୍ରରେ ବେତନରେ ଅସମାନତାକୁ ହ୍ରାସ କରିବାକୁ ଏଥିରେ ସ୍ପଷ୍ଟ କରାଯାଇଛି । ଭୌଗୋଳିକ ପରିସ୍ଥିତି ଏବଂ ଦକ୍ଷତାର ସ୍ତରକୁ ବିଚାର କରି ନ୍ୟୁନତମ ମୂଲ୍ୟ ସ୍ଥିର କରାଯାଇଛି।

ନୂତନ ଶ୍ରମନୀତିରେ ସାମାଜିକ ସୁରକ୍ଷା ସ୍ଥାନ ପାଇଛି । ଏଥିରେ ବୀମା, ପେନସନ, ଗ୍ରାଚ୍ୟୁଟି, ମାତୃତ୍ୱ ଅଧିକାର ରହିଛି । ଏଥିପାଇଁ ଆଇନଗତ ବ୍ୟବସ୍ଥା ରଖାଯାଇଛି । ସରକାର ମଧ୍ୟ ଶ୍ରମିକମାନଙ୍କ ଦ୍ୱାରା ପ୍ରଦତ୍ତ ପାଣ୍ଠିକୁ ଅର୍ଥ ଯୋଗାଇ ଦେବାର ବ୍ୟବସ୍ଥା ରଖାଯାଇଛି । ଶ୍ରମିକମାନେ ଅଳ୍ପ ଅର୍ଥ ଦେଇ ଇଏସ୍‌ଆଇସି ଡାକ୍ତରଖାନାରେ ମାଗଣା ଚିକିତ୍ସାଗତ ସୁବିଧା ଲାଭ କରିପାରିବେ । ଏବେ ଉଭୟ ସଂଗଠିତ ଏବଂ ଅସଂଗଠିତ କ୍ଷେତ୍ରର ଶ୍ରମିକବର୍ଗ ଡାକ୍ତରଖାନା ସୁବିଧା ପାଇପାରିବେ । ଜିଲ୍ଲାସ୍ତର ପର୍ଯ୍ୟନ୍ତ



ଇଏସ୍‌ଆଇସି ଡାକ୍ତରଖାନା ଖୋଲାଯିବା ପାଇଁ ବ୍ୟବସ୍ଥା ରଖାଯାଇଛି । ଏହି ସୁବିଧା ରହିଥିବା ଜିଲ୍ଲା ସଂଖ୍ୟା ଦେଶରେ ୫୬୬ରୁ ବଢାଇ ୭୪୦ ଜିଲ୍ଲାକୁ ସଂପ୍ରସାରିତ କରାଯାଇଛି । ବିପଦଥିବା କାର୍ଯ୍ୟରେ ନିଯୁକ୍ତ ଜଣେ ଶ୍ରମିକ ମଧ୍ୟ ଇଏସ୍‌ଆଇସିର ସୁବିଧା ଲାଭ କରିପାରିବେ । ବିପଦ ଥିବା ଶିଳ୍ପଗୁଡିକ ସେମାନଙ୍କ ଶ୍ରମିକମାନଙ୍କୁ ଇଏସଆଇସି ସହ ପଞ୍ଜିକୃତ କରିବାକୁ ବାଧ୍ୟତାମୂଳକ କରାଯାଇଛି । ସାମାଜିକ ସୁରକ୍ଷାର ବିସ୍ତାର କରାଯିବା ଯୋଗୁ ପୂର୍ବରୁ ରହିଥିବା ନ୍ୟୁନତମ ଚାକିରି ସମୟର ନିୟମକୁ ବଦଳାଯାଇଥିବାରୁ ଗ୍ରାଚ୍ୟୁଟି ପାଇବାକୁ ଥିବା କର୍ମଚାରୀମାନେ ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ ମଧ୍ୟରେ ବି ସୁବିଧା ପାଇବେ । ସ୍ଥାୟୀ ଏବଂ ଅସ୍ଥାୟୀ କର୍ମଚାରୀମାନେ ଏବେ ସମାନ ସୁବିଧା ଲାଭ କରିବେ । ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ପାଇଁ ପୋର୍ଟାଲ ପଞ୍ଜିକରଣ ମାଧ୍ୟମରେ ଏକ ତଥ୍ୟ ଆଧାରିତ ଡାଟାବେସ ତିଆରି କରାଯିବ।୨୦ଜଣରୁ ଅଧିକ କର୍ମଚାରୀଥିବା ସଂସ୍ଥାଙ୍କୁ ଏବେ ଅନ୍‌ଲାଇନରେ ଖାଲିସ୍ଥାନରେ ନିଯୁକ୍ତି ପାଇଁ ରିପୋର୍ଟ କରିବାକୁ ହେବ । ଅସଂଗଠିତ ଶ୍ରମିକଙ୍କ ପାଇଁ ଇପିଏଫଓ ଏବେ ଇଏସ୍‌ଆଇସି ସୁବିଧା ପାଇବାକୁ ୟୁଏଏନ୍ ଆକାଉଣ୍ଟ ଖୋଲାଯାଇଛି । ଶ୍ରମିକଙ୍କ ସ୍ଥାନାନ୍ତରଣ କ୍ଷେତ୍ରରେ ସୁବିଧାପାଇଁ ଆଧାରକୁ ୟୁଏଏନ୍ ସହ ସଂଯୋଗ କରାଯାଇଛି ।

ଶ୍ରମିକମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା କାର୍ଯ୍ୟକ୍ଷେତ୍ରରେ ଅଧିକାର ରକ୍ଷା ପାଇଁ ବ୍ୟବସ୍ଥା ହୋଇଛି । କଳକାରଖାନା, ଖଣି, ବୃକ୍ଷରୋପଣ, ଯାନବାହନ, ପରିବହନ, ବିଡି ଓ ସିଗାରେଟ ପ୍ରସ୍ତୁତି ଶିଳ୍ପରେ ନିୟୋଜିତ ଶ୍ରମିକ, ଠିକା ଏବଂ ପ୍ରବାସୀ ଶ୍ରମିକମାନେ ସାମାଜିକ ସୁରକ୍ଷା ସୁବିଧା ଲାଭ ସବୁଠାରେ କରିପାରିବେ। ଗୋଟିଏ ରାଜ୍ୟର ଶ୍ରମିକ ଅନ୍ୟ ରାଜ୍ୟରେ ମଧ ଏହି ଆଇନ ବଳରେ ସୁବିଧା ପାଇବାକୁ ହକ୍‌ଦାର ହେବେ । ପୂର୍ବରୁ ଠିକାଦାରମାନେ ଶ୍ରମିକମାନଙ୍କ ରାଜ୍ୟ ଚିହ୍ନଟ କରୁଥିଲେ । କିନ୍ତୁ ଏବେ ଆନ୍ତଃରାଜ୍ୟ ଶ୍ରମିକଙ୍କ ପାଇଁ ପୋର୍ଟାଲର ସୁବିଧା ହେବାପରେ ସେମାନଙ୍କୁ ଚିହ୍ନଟ ପାଇଁ କାହାକୁ କହିବାକୁ ହେବନାହିଁ । ନିଯୁକ୍ତି ଦେଉଥିବା ମାଲିକ ଆନ୍ତଃ-ରାଜ୍ୟ ଶ୍ରମିକମାନଙ୍କ ପାଇଁ ନିଜ ସ୍ଥାନକୁ ଯିବା ଆସିବା ଲାଗି ବାର୍ଷିକ ଥରେ ଅର୍ଥ ପ୍ରଦାନ କରିବାର ବ୍ୟବସ୍ଥା ଏଥିରେ ରହିଛି । ଶ୍ରମିକଙ୍କ ନିଯୁକ୍ତି କ୍ଷେତ୍ରରେ ନିଯୁକ୍ତିପତ୍ର ପ୍ରଦାନକୁ ଏବଂ ନିଯୁକ୍ତିଦାତା ବାର୍ଷିକ ଥରେ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ବାଧ୍ୟତାମୂଳକ କରାଯାଇଛି ।

ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ କାର୍ଯ୍ୟପାଇଁ ଗଲେ ବି ନିର୍ମାଣ ଶ୍ରମିକ ସେସ୍ ପାଣ୍ଠିରୁ ସୁବିଧା ପାଇପାରିବେ । ଗୋଟିଏ ରାଷ୍ଟ୍ର- ଗୋଟିଏ ରାସନକାର୍ଡ ବ୍ୟବସ୍ଥାରେ ଜଣେ ଶ୍ରମିକ ଅନ୍ୟ ରାଜ୍ୟକୁ ଗଲେ ମଧ ସେଠାରେ ରାସନ ପାଇପାରିବେ । ଆନ୍ତଃ-ରାଜ୍ୟ ପ୍ରବାସୀ ଶ୍ରମିକଙ୍କ ପାଇଁ ପ୍ରତ୍ୟେକ ରାଜ୍ୟରେ ହେଲ୍ପଲାଇନ ବାଧ୍ୟତାମୂଳକ କରାଯାଇଛି ସେମାନଙ୍କୁ ଅସୁବିଧା ଦୂର କରିବାକୁ। ପୂର୍ବରୁ ୨୪୦ଦିନ କାର୍ଯ୍ୟକରିବା ବଦଳରେ ଏବେ ଯଦି ଜଣେ ଶ୍ରମିକ ୧୮୦ଦିନ କାର୍ଯ୍ୟ କରନ୍ତି ତେବେ ସେ ପ୍ରତି ୨୦ଦିନରେ ଦିନଟିଏ ଛୁଟି ନେଇପାରିବେ। ମହିଳା ଶ୍ରମିକମାନେ ଚାହିଁଲେ ରାତିରେ ମଧ କାର୍ଯ୍ୟ କରିପାରିବେ । ସେଥିରେ ସେମାନଙ୍କ ସମ୍ମତି ସହ ନିଯୁକ୍ତିଦାତାଙ୍କ ପକ୍ଷରୁ ରାତ୍ରିକାଳୀନ ସୁରକ୍ଷା ଓ ସୁବିଧା ପ୍ରଦାନ କରାଯିବା ଆବଶ୍ୟକ। ମାତୃତ୍ୱ ସୁବିଧା ଆଇନ ୨୧୭ରେ ସଂଶୋଧିତ ହୋଇ ମହିଳା ଶ୍ରମିକଙ୍କ କ୍ଷେତ୍ରରେ ଗର୍ଭଧାରଣ ପାଇଁ ୧୨ରୁ ୧୬ ସପ୍ତାହ ଛୁଟି ସୁବିଧା ପ୍ରଦାନ କରାଯାଇଛି । ୫୦ରୁ ଅଧିକ ମହିଳା ଶ୍ରମିକଥିବା ସ୍ଥାନରେ ଶିଶୁମାନଙ୍କର ଯତ୍ନ ପାଇଁ କ୍ରେଚ ସୁବିଧା ରଖିବାକୁ ବାଧ୍ୟତାମୂଳକ କରାଯାଇଛି । ଶିଳ୍ପ ଶ୍ରମିକଙ୍କ କ୍ଷେତ୍ରରେ ବିବାଦର ସମାଧାନ ପାଇଁ ଏହି ଆଇନରେ ସୁବିଧା ରଖାଯାଇଛି । ଶିଳ୍ପ ସଂପର୍କ କୋଡ-୨୦୨୦ ଅନୁଯାୟୀ ନିଯୁକ୍ତି ପାଇନଥିବା ଶ୍ରମିକ 'ଅଟଳ ବ୍ୟକ୍ତି କଲ୍ୟାଣ ଯୋଜନା'ରୁ ସୁବିଧା ପାଇ ପାରିବେ। ଇଏସ୍‌ଆଇ ଯୋଜନାରେ ଶ୍ରମିକ ସରକାରଙ୍କ ଅନୁଦାନ ପାଇପାରିବେ । ଚାକିରି ହରାଇଥିବା ଶ୍ରମିକ ଦକ୍ଷତାବୃଦ୍ଧି ପାଇଁ ୧୫ ଦିନର ବେତନ ସହ ପ୍ରଶିକ୍ଷଣ ସୁବିଧା ଚାକିରି ହରାଇଥିବା ବେଳେ ପାଇବେ । ସେହି ଅର୍ଥ ସିଧା ତାଙ୍କର ବ୍ୟାଙ୍କ ଜମାଖାତାକୁ ଚାଲିଯିବ ।

ଶ୍ରମ ଟ୍ରିବ୍ୟୁନାଲରେ ଶୀଘ୍ର ନ୍ୟାୟ ପାଇଁ ୧ବର୍ଷ ମଧ୍ୟରେ ବିବାଦ ସମାଧାନର ସମୟ ରଖାଯାଇଛି। ଶିଳ୍ପ ଟ୍ରିବ୍ୟୁନାଲରେ ୨ଜଣ ସଦସ୍ୟ ଏଥିପାଇଁ ରହିବେ। ଶିଳ୍ପ କ୍ଷେତ୍ରରେ ମୋଟ ଶ୍ରମିକଙ୍କ ୫୧ ପ୍ରତିଶତ ମତ ଲାଭ କରିଥିବା ଶ୍ରମିକ ସଂଗଠନକୁ ବିଚାର ଆଲୋଚନା ପାଇଁ, ନିଯୁକ୍ତିଦାତାଙ୍କ ସହ ବୁଝାମଣା ପାଇଁ ସ୍ୱୀକୃତି ଲାଭ କରିବେ । ଯଦି ଶିଳ୍ପ କ୍ଷେତ୍ରରେ କୌଣସି ଗୋଟିଏ ଶ୍ରମିକ ସଂଗଠନ ୫୧ପ୍ରତିଶତ ମତଲାଭ କରିବାକୁ ସକ୍ଷମ ନହୁଅନ୍ତି ତେବେ ବିଚାର ଆଲୋଚନା ପାଇଁ ଏକ ଶ୍ରମିକ ସଂଗଠନଙ୍କ କାଉନସିଲ ଗଠନ କରାଯିବ,ଯେଉଁମାନେ କି ନିଯୁକ୍ତିଦାତାଙ୍କ ସହ ଶ୍ରମିକମାନଙ୍କ ପକ୍ଷରୁ ଆଲୋଚନା କରିବେ।

ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ପାଇଁ ୪୦କୋଟି ଟଙ୍କାର ଏକ ସାମାଜିକ ସୁରକ୍ଷା ପାଣ୍ଠି ଗଠନ କରାଯିବା ଶ୍ରମିକଙ୍କୁ ଶକ୍ତିଶାଳୀ କରିବା, ସେମାନଙ୍କ ସୁରକ୍ଷାର ବିଶ୍ୱାସକୁ ବୃଦ୍ଧି କରିବାକୁ ସରକାର ଏହି ଆଇନ ଆଣିଛନ୍ତି । ଏକଥା ସତ ଯେ ନାରାୟଣମୂର୍ତ୍ତିଙ୍କ ପରି ଶିଳ୍ପପତି ଦେଶରେ କାର୍ଯ୍ୟ ସମୟକୁ ବୃଦ୍ଧି କରିବାକୁ ମତ ଦେଇଥିଲା ବେଳେ ଶ୍ରମିକ ସଂଗଠନଗୁଡିକ ଏହାକୁ ବିରୋଧ କରିଛନ୍ତି । ମହିଳାଙ୍କ ପାଇଁ ରାତ୍ରିକାଳୀନ କାର୍ଯ୍ୟକୁ ସେମାନେ ବିରୋଧ କରିଛନ୍ତି । ଦେଶରେ ଉତ୍ପାଦନ ବୃଦ୍ଧି ପାଇଁ ପଡୋଶୀ ରାଷ୍ଟ୍ର ଚୀନ ସହ ପ୍ରତିଯୋଗିତା ପାଇଁ, ଶ୍ରମିକଙ୍କ କାର୍ଯ୍ୟ ସମୟ ବୃଦ୍ଧିକୁ ସରକାର ସମର୍ଥନ କରୁଛନ୍ତି । ଅର୍ଥନୀତିକୁ ବିକାଶଶୀଳ, ସଶକ୍ତ କରିବା ପାଇଁ ଏହି ବିଚାର ସମୟୋପଯୋଗୀ । ମାସ୍ ପ୍ରଡକ୍ସନ ପାଇଁ ମାସ୍ (ଶ୍ରମିକ)ଙ୍କ ସହଯୋଗ ଆବଶ୍ୟକ । ଅନ୍ୟ ଦେଶରେ ଶ୍ରମିକମାନେ ରାଷ୍ଟ୍ରର ଆବଶ୍ୟକ ଦୃଷ୍ଟିରୁ ଅଧିକ ସମୟ କାର୍ଯ୍ୟ କରୁଛନ୍ତି। କେତେକ ରାଷ୍ଟ୍ର '୮ଘଣ୍ଟା ପେସାପାଇଁ, ୪ଘଣ୍ଟା ଦେଶ ପାଇଁ' ବୋଲି ମଧ କହୁଛନ୍ତି ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# 'ଓଁ'ର ମହତ୍ତ୍ୱ

## ସବୁ ମନ୍ତ୍ର ଆଗରେ 'ଓଁ' ଯୋଡ଼ା ହୋଇଛି

**ଡ. ସୁରେଶ କୁମାର ନାୟକ**

ଆତ୍ମିକ ବଳ ଦିଏ 'ଓଁ'। 'ଓଁ'ର ଉଚ୍ଚାରଣ ଦ୍ୱାରା ଜୀବନୀଶକ୍ତି (ପ୍ରାଣଶକ୍ତି) ଊର୍ଦ୍ଧ୍ୱଗାମୀ ହୁଏ । ଏହାର ସାତବାର ଉଚ୍ଚାରଣ ଦ୍ୱାରା ଶରୀରର ରୋଗ ଉତ୍ପନ୍ନକାରୀ କୀଟାଣୁ ଦୂର ହେବାକୁ ଲାଗନ୍ତି ବରଂ ହତାଶା-ନିରାଶା ଭାବ ମଧ ଦୂର ହୁଏ । ଏହି କାରଣରୁ ହିଁ ଋଷି-ମୁନିଗଣ ସମସ୍ତ ମନ୍ତ୍ର ଆଗରେ 'ଓଁ' ଯୋଡ଼ିଛନ୍ତି । ଶାସ୍ତ୍ରରେ ମଧ୍ୟ ଏହାର ବହୁତ ମହିମା ଗାନ କରାଯାଇଛି । ଭଗବାନ ଶଙ୍କରଙ୍କ ମନ୍ତ୍ର ହେଉଛି ଓଁ ନମଃ ଶିବାୟ । ଭଗବାନ ଗଣପତିଙ୍କର ମନ୍ତ୍ର ହେଉଛି ଓଁ ଗଣେଶାୟ ନମଃ । ଭଗବାନ ରାମଙ୍କର ମନ୍ତ୍ର ହେଉଛି ଓଁ ରାମାୟ ନମଃ। ଶ୍ରୀକୃଷ୍ଣଙ୍କର ଓଁ ନମୋ ଭଗବତେ ବାସୁଦେବାୟ । ଗାୟତ୍ରୀ ମନ୍ତ୍ର ହେଉଛି ଓଁ ଭୂର୍ଭୁବଃ ସ୍ୱଃ ତତ୍ସବିତୁର୍ବରେଣ୍ୟଂ, ଭର୍ଗୋ ଦେବସ୍ୟ ଧୀମହି ଧିୟୋ, ୟୋ ନଃ ପ୍ରଚୋଦୟାତ୍ । ଏହିପରି ସବୁ ମନ୍ତ୍ର ଆଗରେ 'ଓଁ' ଯୋଡ଼ା ହୋଇଛି । ପତଞ୍ଜଳି ମହାରାଜ କହିଛନ୍ତି, 'ତସ୍ୟ ବାଚକଃ ପ୍ରଣବଃ' । 'ଓଁ' (ପ୍ରଣବ) ପରମାତ୍ମାଙ୍କର ବାଚକ ଅଟେ । ତାହାର ସ୍ୱାଭାବିକ ଧ୍ୱନି ଅଛି।

'ଓଁ'ର ରହସ୍ୟ ଜାଣିବା ପାଇଁ କିଛି ପରୀକ୍ଷା (ପ୍ରୟୋଗ) କରି ଋଷୀୟ ବୈଜ୍ଞାନିକଗଣ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ । ସେମାନେ ପ୍ରୟୋଗ କରି ଦେଖିଲେ ଯେ ଯେବେ ବ୍ୟକ୍ତି ବାହାରେ କିଛି କହେ ଏବଂ ଭିତରେ ଅନ୍ୟ କିଛି ବିଚାର କରେ ତେବେ ତାଙ୍କ ସୂକ୍ଷ୍ମ ମେସିନରେ ଦୁଇଟି ଯାକ ଶବ୍ଦ ଅଙ୍କିତ ହୋଇ ଯାଉଥିଲା । ଉଦାହରଣ ସ୍ୱରୂପ: ବାହାରେ 'କ' କୁହାଯାଉଛି ଏବଂ ଭିତରେ 'ଗ' ବିଚାର କାଯାଉଛି, ତେବେ ଉଭୟରେ 'କ' ଏବଂ 'ଗ'ର ଛାପ ପଡ଼ିଯାଉଥିଲା । ଯଦି ବାହାରେ କିଛି ଶବ୍ଦ ନକହି କେବଳ ଭିତରେ ବିଚାର କରାଗଲା ସେ ଶବ୍ଦ ମଧ ଅଙ୍କିତ ହୋଇ ଯାଉଥିଲା। କିନ୍ତୁ ଏମିତି ଏକମାତ୍ର ଶବ୍ଦ 'ଓଁ' ଥିଲା ଯାହାର ବାହାରେ ଉଚ୍ଚାରଣ କରାଯାଇ ଭିତରେ ଯେକୌଣସି ଶବ୍ଦ ବିଚାର କଲେ ମଧ୍ୟ ଦୁଇରେ 'ଓଁ' ହିଁ ଅଙ୍କିତ ହେଉଥିଲା ଅଥବା କେବଳ ଭିତରେ 'ଓଁ' ବିଚାର କରି ବାହାରେ କିଛି ବି କୁହଥିଲେ ହେଁ ଭିତର ବାହାର ଉଭୟରେ 'ଓଁ' ହିଁ ଅଙ୍କିତ ହେଉଥିଲା । ସମସ୍ତ ନାମ ମଧ୍ୟରେ 'ଓଁ'ର ସ୍ଥାନ ପ୍ରଥମରେ ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ,
କଟକ, ମୋ : ୯୪୩୭୨୨୫୫୯୨

# ରୋଷ୍ଟର ଡେଟିଂ ଏକ ନୂଆ ଧାରା

**ପ୍ରଫେସର ଡାକ୍ତର ସମ୍ରାଟ କର**

ଆଧୁନିକ ଯୁବପିଢ଼ିଙ୍କ ଜୀବନଶୈଳୀ ଓ ଚିନ୍ତାଧାରାରେ ଦେଖାଯାଉଛି ଢ଼େର ପରିବର୍ତ୍ତନ। ସାମାଜିକ ଗଣମାଧ୍ୟମ, ଡେଟିଂ ଆପ ଓ ସହରୀ ସଂସ୍କୃତିର ପ୍ରଭାବରେ ସମ୍ପର୍କର ଧାରା ମଧ୍ୟ ବଦଳିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ 'ରୋଷ୍ଟର ଡେଟିଂ' ଏକ ନୂଆ ଧାରା ଭାବେ ସାମ୍ନାକୁ ଆସିଛି।

ରୋଷ୍ଟର ଡେଟିଂ ଅନ୍‌ଲାଇନ ଡେଟିଂର ଏକ ନୂତନ ଧାରା, ଯେଉଁଥିରେ ବ୍ୟବହାରକାରୀମାନେ ନିଜ ପସନ୍ଦ ଅନୁଯାୟୀ ସମ୍ଭାବ୍ୟ ସାଥିଙ୍କର ଏକ ତାଲିକା କରନ୍ତି। ଏହି ଧାରାରେ କୌଣସି ନୂତନତ୍ୱ ନାହିଁ କିମ୍ବା ଏହା ସମାଜରେ କୌଣସି ବିପ୍ଳବ ଆଣି ପାରୁଥିବା ଭଳି ଧାରା ନୁହଁ। ବିସ୍ତୃତ ଭାବରେ ବୁଝିବାକୁ ଗଲେ ରୋଷ୍ଟର ଡେଟିଂର ଅର୍ଥ ହେଉଛି ଏକକାଳୀନ ଅନେକଙ୍କୁ ଡେଟ୍ କରିବା। କିନ୍ତୁ କାହା ସହିତ ସ୍ଥାୟୀ ସଂପର୍କରେ ନରହିବା। ଜଣକ ପରେ ଜଣକୁ ବଦଳାଇ କଥା ହେବା, ଦେଖା କରିବା କିନ୍ତୁ କାହା ସହ ସ୍ଥାୟୀ ସମ୍ବନ୍ଧରେ ନରହିବାକୁ ଏହା ପ୍ରୋତ୍ସାହିତ କରେ। ଅନ୍ୟ ଡେଟିଂ ଧାରା ଭଳି ଏହି ଧାରାରେ ମଧ ପ୍ରତିଶ୍ରୁତିବଦ୍ଧତାର ଅଭାବ ଦେଖିବାକୁ ମିଳେ। ଅଧିକାଂଶ ଯୁବକ ଯୁବତୀ ନିଜର ପସନ୍ଦ, ଆବଶ୍ୟକତା ଓ ଭବିଷ୍ୟତ ବିଷୟରେ ସ୍ପଷ୍ଟତା ପାଇବା ଉଦ୍ଦେଶ୍ୟରେ ଆପଣାନ୍ତି ଏହି ଧାରା। ଏହା ମାଧ୍ୟମରେ ନିଜ ପସନ୍ଦକୁ ଭଲରେ ବୁଝିବାର ସମୟ ମିଳେ। ଭିନ୍ନ ପ୍ରକୃତିର ଲୋକଙ୍କ ସହ ମିଶିବା ଦ୍ୱାରା ନିଜ ପସନ୍ଦକୁ ଅଧିକ ଭଲରେ ଜାଣି ହୁଏ ଏବଂ ଅନ୍ୟ ବ୍ୟକ୍ତି କେଉଁ ଗୁଣ ଅସହଜ କରାଏ ତାହା ମଧ ବୁଝି ହୁଏ।

ଆଜିକାଲିର ସଂପର୍କରେ ବ୍ରେକଅପ୍ ଖୁବ ସାଧାରଣ। ସଂପର୍କରେ ବାରମ୍ବାର ଧୋକା ଖାଇବା ପରେ ଅନେକ ବ୍ୟକ୍ତି ବେଶ୍ ସହଜରେ ଆପଣାଇ ନିଅନ୍ତି ରୋଷ୍ଟର ଡେଟିଂ ଭଳି ଧାରାକୁ। ବିଶେଷଜ୍ଞଙ୍କ କହିବା ଅନୁସାରେ, ବ୍ରେକଅପ୍ ପରେ ତୁରନ୍ତ ଗଭୀର ସମ୍ପର୍କରେ ରହିବାକୁ ଇଚ୍ଛା ନଥିବା ଲୋକମାନଙ୍କ ପାଇଁ ଏହି ରୋଷ୍ଟର ଡେଟିଂ ସାଜିଛି ସର୍ବୋତ୍ତମ ବିକଳ୍ପ। ଗୋଟିଏ ସମ୍ପର୍କରେ ତୁରନ୍ତ ବାନ୍ଧି ହେବା ପୂର୍ବରୁ, ଅନ୍ୟଜଣଙ୍କ ଚିନ୍ତାଧାରା, ମୂଲ୍ୟବୋଧ ବୁଝିବାକୁ ଯୁବପିଢ଼ି ଏହି ପଦ୍ଧତି ଆପଣାଉଛନ୍ତି ଓ ବାରମ୍ବାର ଗଭୀର ସଂପର୍କରେ ଯୋଡ଼ି ହୋଇ ଭାବାବେଗକୁ ହାନି ପହଞ୍ଚାଇବା ପରିବର୍ତ୍ତେ ଏଡି ଧାରାରେ ସକ୍ରିୟ ରହୁଛନ୍ତି। ଯାହା ସେମାନଙ୍କୁ ଏକୁଟିଆ ଅନୁଭବ କରାଉନଥିବା ବେଳେ ଭବିଷ୍ୟତର ନିଷ୍ପତ୍ତି କ'ଣ ହେବ ସେ ନେଇ ଆତଙ୍କିତ ମଧ କରାଉ ନାହିଁ।

କେତେକଙ୍କ ମତରେ ଏହି ଧାରା ସ୍ୱଚ୍ଛତା ଓ ସ୍ପଷ୍ଟତା ଉପରେ ପର୍ଯ୍ୟବସିତ। ଦ୍ୱନ୍ଦ୍ୱ ଏବଂ ଭୁଲ ବୁଝାମଣାର ଆଶଙ୍କା



ଏହି ଧାରାରେ କମ୍। ଅଧିକନ୍ତୁ ଏହି ଧାରା ଯୁବକମାନଙ୍କୁ ସେମାନଙ୍କର ସାମାଜିକ ଓ ବ୍ୟକ୍ତିଗତ ଜୀବନରେ ତାରତମ୍ୟ ରଖିବାରେ ସାହାଯ୍ୟ କରିଥାଏ ଯାହା ଡେଟିଂ ଅଭିଜ୍ଞତାକୁ ଅଧିକ ଉପଭୋଗ୍ୟ ଏବଂ ନିୟନ୍ତ୍ରିତ କରିଥାଏ। ଅନ୍ୟ ପକ୍ଷରେ ଭାରତୀୟ ସମାଜରେ ସମ୍ପର୍କର ଗୁରୁତ୍ୱ ଅଧିକ। ଏଠାରେ ପରସ୍ପର ପ୍ରତି ସୌହାର୍ଦ୍ଦ୍ୟ ଓ ବିଶ୍ୱାସକୁ ସଂପର୍କର ମୂଳଦୁଆ ଭାବରେ ଗଣନା କରାଯାଏ। କିନ୍ତୁ ଏକକାଳୀନ ଏକାଧିକଙ୍କୁ ଡେଟ୍ କରିବା ଭାରତୀୟ ମୂଲ୍ୟବୋଧକୁ ନେଇ ପ୍ରଶ୍ନ ସୃଷ୍ଟି କରେ।

ଏ କ୍ଷେତ୍ରରେ ଜଣେ ମାନସିକ ରୋଗ ବିଶେଷଜ୍ଞ ଭାବେ କହିବି ଯେ, ଏହା ବେଶ୍ ଗବେଷଣାତ୍ମକ ତଥ୍ୟର ଉତ୍ସ ଯାହା କହୁଛି ରୋଷ୍ଟର ଡେଟିଂ ସ୍ୱଚ୍ଛତା ଓ ସତ୍ୟତା ସହ କରାଗଲେ ଏହା ହାନିକାରକ ନୁହଁ। କିନ୍ତୁ ଲୁଚାଇବା ଓ ଭ୍ରମ ସୃଷ୍ଟି କରିବା ଉଭୟ ପକ୍ଷଙ୍କ ମାନସିକ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ଏହି ଧାରାର ସବୁଠୁ ବଡ଼ ନକରାତ୍ମକ ଦିଗଟି ହେଉଛି, ଏହା 'ଯୋଜନାବଦ୍ଧ' ଭାବରେ ହୋଇଥିବାରୁ 'ଯାନ୍ତ୍ରିକ' ଅନୁଭବ କରାଏ। ସଂପର୍କରେ ଥିବା ଉଭୟ ପକ୍ଷଙ୍କୁ ନିଜ ପରବର୍ତ୍ତୀ ପଦକ୍ଷେପ ଭଲରେ ଜଣାଥାଏ, ଯାହା ଉତ୍ସାହୀ ଓ ଭାବପ୍ରବଣ ସଂଯୋଗର ଅଭାବ ସୃଷ୍ଟି କରିଥାଏ। ଏଭଳି ସଂପର୍କର ଅପବ୍ୟବହାର ହେଲେ ବ୍ୟକ୍ତିଗତ ସୁରକ୍ଷା ଓ ଗୋପନୀୟତା ପ୍ରତି ବିପଦ ସୃଷ୍ଟି ହୁଏ। ଏ ସବୁ କ୍ଷେତ୍ରରେ ଅବସାଦ, ମାନସିକ ଭାରସାମ୍ୟ ହରାଉଥିଲେ ତୁରନ୍ତ ମାନସିକ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ,
ମୋ : ୯୧୩୨୪୩୩୩୩୩

## କନ୍ଧଗୁଡା-ଫୁଙ୍ଗୁଗାଁ ରାସ୍ତା ଶୋଚନୀୟ, ମରାମତି ଦାବି

ଝରିଗାଁ,୨୧।୧(ନି.ପ୍ର): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତର କନ୍ଧଗୁଡା ଠାରୁ ଫୁଙ୍ଗୁଗାଁ ରାସ୍ତା ଦୀର୍ଘଦିନରୁ ଶୋଚନୀୟ ଅବସ୍ଥାରେ ରହିଛି। ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଗ୍ରାମବାସୀ ଜଣାଇ ଆସୁଥିଲେ ମଧ୍ୟ କାହାରି ନଜର ପଡୁନାହିଁ । ରାସ୍ତା ଖାଲଖମା ହୋଇ ଅତି ଶୋଚନୀୟ ଅବସ୍ଥା ରହିଥିବାବେଳେ ଗ୍ରାମବାସୀଙ୍କୁ ଯାତାୟତରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । କନ୍ଧଗୁଡା ଗ୍ରାମରେ କନ୍ଧ ସମ୍ପ୍ରଦାୟର



ଶତାଧିକ ପରିବାର ବସବାସ କରୁଛନ୍ତି । ଅନେକ ବର୍ଷ ପୂର୍ବେ କନ୍ଧଗୁଡା-ଫୁଙ୍ଗୁଗାଁ ରାସ୍ତାରେ ମୋରମ ବିଛା ଯାଇଥିଲା । ବର୍ତ୍ତମାନ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଛି । ଫୁଙ୍ଗୁଗାଁ ଯିବାକୁ ହେଲେ ପୂଜାରୀଗୁଡା, ପାଲିଆ ଦେଇ ୫କିମି ବୁଲି ଯିବାକୁ ପଡୁଛି । ବର୍ଷା ଦିନରେ କନ୍ଧଗୁଡା -ପୂଜାରୀଗୁଡା ରାସ୍ତା ମଧ୍ୟ କାଦୁଅ ହେବା ଯୋଗୁ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିଯାଏ । ଭଲ ରାସ୍ତା ଖଣ୍ଡେ ନିର୍ମାଣ ପାଇଁ ପ୍ରଶାସନକୁ ବାରମ୍ବାର ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେଣୁ ଉକ୍ତ ରାସ୍ତା ପ୍ରତି ଧ୍ୟାନ ଦେବାକୁ ଗ୍ରାମର ଶୁକଦେବ ସାନ୍ତା, ମହାଦେବ ମାଝୀ, କୃଷ୍ଣ ସାନ୍ତା, ମୋତିରାମ ସାନ୍ତା, ପୂର୍ବତନ ସରପଞ୍ଚ ନୀଳାମ୍ବର ସାନ୍ତା, ମହେଶ୍ୱର ସାନ୍ତା, ବଲ୍ଲବ ସାନ୍ତା, ମନୋହର ସାନ୍ତା, ଅଭି ସାନ୍ତା, ଫୁଲଧର ସାନ୍ତା ସମେତ ଗ୍ରାମବାସୀ ଦାବି କରିଛନ୍ତି ।

## ହୋହାଲ୍ଲାରେ ହୋଇ ପାରିଲାନି ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ

ଦଶପଲ୍ଲା,୨୧।୧(ନି.ପ୍ର): ଦଶପଲ୍ଲା ପଞ୍ଚାୟତ ସମିତିର ଦ୍ୱାଦଶ ସାଧାରଣ ଅଧିବେଶନ ବୁଧବାର ଦିନ ହୋ ହାଲ୍ଲା ମଧ୍ୟରେ ଅନୁଷ୍ଠିତ ହୋଇଛି। ଅଧିବେଶନରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଏବଂ ସାଂସଦଙ୍କ ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଡ଼ିଓ ଶରତ କୁମାର ମଲ୍ଲିକ, ପଞ୍ଚାୟତ ସମିତି ଅଧକ୍ଷା ସୁନନ୍ଦା ସାହୁ, ଉପାଧାକ୍ଷା ଅନୁପମା ବେହେରା ସହିତ ଜିଲ୍ଲା ପରିଷଦ ସଭ୍ୟ ଓ ସଭ୍ୟାମାନଙ୍କ ସହିତ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ୨୦ ପଞ୍ଚାୟତର ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟ-




ସଭ୍ୟାମାନେ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ହୋ ହାଲ୍ଲା ଭିତରେ ଅଧିବେଶନ ଆରମ୍ଭ ହୋଇଥିଲା। ହେଲେ ବୈଠକ ହୋଇପାରିନଥିଲା। ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟ, ସଭ୍ୟାମାନେ ସଭାଗୃହରୁ ବାହାରକୁ ଆସିବା ପରେ ଅଧକ୍ଷାଙ୍କ କ୍ୱାଟରକୁ ଯାଇଥିଲେ। କିଛି ସମୟ ପରେ ବିଡ଼ିଓଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ବିଡ଼ିଓ ଆସି ୧୫ଦିନ ମଧ୍ୟରେ ବିଲପତ୍ର ହେବ ବୋଲି କହିବାରୁ ସମସ୍ତେ ଅଫିସ ସମ୍ମୁଖରୁ ଉଠିଥିଲେ। ତେବେ ନୂତନ ସରକାର ଆସିବା ପରେ ଅନେକ କାମ ଠପ ହୋଇ ରହିଛି ଯାହାକି ବିଜେଡ଼ି ପାଇଁ ତଥା ଲୋକଙ୍କ ପାଇଁ ସମସ୍ୟା ଉପୁଜିଛିବୋଲି ଅଭିଯୋଗ କରିଥିଲେ।

## ପାର୍ବତୀ ଗିରୀଙ୍କ ଶତବାର୍ଷିକୀ ସଫଳ ଆୟୋଜନ ପାଇଁ ବିଧାୟକଙ୍କୁ କୃତଜ୍ଞତା ଜଣାଇଲେ କାର୍ଯ୍ୟକର୍ତ୍ତା

ବିଜେପୁର,୨୧।୧(ନି.ପ୍ର): ରାଜ୍ୟ ସ୍ତରୀୟ ସ୍ୱାଧୀନତା ସଂଗ୍ରାମୀ ତଥା 'ବହ୍ନିକନ୍ୟା' ଭାବେ ପରିଚିତ ପାର୍ବତୀ ଗିରୀଙ୍କ ଜନ୍ମ ଶତବାର୍ଷିକୀ ସୁରୁଖୁରୁରେ ଆୟୋଜିତ ହୋଇଥିବାରୁ ପାର୍ବତୀ ଗିରୀ ସମସ୍ତ କାର୍ଯ୍ୟକର୍ତ୍ତାମାନେ ବିଜେପୁର ବିଧାୟକ ସନତ କୁମାର ଗଡ଼ତୀୟାଙ୍କୁ



ସାକ୍ଷାତ କରି ସ୍ୱାଗତ ଓ କୃତଜ୍ଞତା ଜଣାଇଛନ୍ତି। ବିଜେପୁର ବିଧାୟକ ସନତ କୁମାର ଗଡ଼ତୀୟାଙ୍କ ସକ୍ରିୟ ପ୍ରୟାସ ଓ ଅବିରତ ଉଦ୍ୟମ ଫଳରେ ପାର୍ବତୀ ଗିରୀଙ୍କ ଜନ୍ମ ଶତବାର୍ଷିକୀ ଆୟୋଜନ ପ୍ରତି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷିତ ହୋଇଥିଲା ଏବଂ ଏହାକୁ ରାଜ୍ୟସ୍ତରୀୟ ମର୍ଯ୍ୟାଦା ମିଳିଥିଲା। ରାଜ୍ୟ ସରକାରଙ୍କ ସହଯୋଗରେ ଏବଂ ସ୍ଥାନୀୟ ପ୍ରଶାସନ, ସମାଜସେବୀ ସଂଗଠନ ସହ ପାର୍ବତୀ ଗିରୀ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ମିଳିତ ପ୍ରୟାସରେ ବିଜେପୁରରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ ଶତବାର୍ଷିକୀ କାର୍ଯ୍ୟକ୍ରମ ସମଗ୍ର ରାଜ୍ୟର ଦୃଷ୍ଟି ଆକର୍ଷଣ କରିଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପାର୍ବତୀ ଗିରୀଙ୍କ ସ୍ୱାଧୀନତା ସଂଗ୍ରାମର ତ୍ୟାଗ, ନିର୍ଭୀକତା ଓ ଦେଶପ୍ରେମକୁ ସ୍ମରଣ କରାଯାଇଥିଲା। ସାକ୍ଷାତକାରରେ ପାର୍ବତୀ ଗିରୀ ବୃଦ୍ଧାଶ୍ରମର ପରିଚାଳକ ଜଳନ୍ଧର ପଟେଲ କହିଥିଲେ ଯେ ବିଧାୟକ ସନତ କୁମାର ଗଡ଼ତୀୟାଙ୍କ ନେତୃତ୍ୱ, ସକ୍ରିୟ ଭୂମିକା ଓ ଆଗ୍ରହ ବିନା ଏତେ ବଡ଼ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସୁଚାରୁ ଭାବେ ସମ୍ପନ୍ନ ହେବା ସମ୍ଭବ ହୋଇନଥାନ୍ତା। ସେମାନେ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଆଗାମୀ ଦିନରେ ମଧ୍ୟ ପାର୍ବତୀ ଗିରୀଙ୍କ ସ୍ମୃତି ସଂରକ୍ଷଣ ପାଇଁ ସହଯୋଗ ଆଶା କରିଥିଲେ। ଏହି ଅବସରରେ ବିଧାୟକ ସନତ କୁମାର ଗଡ଼ତୀୟା କହିଥିଲେ ଯେ ପାର୍ବତୀ ଗିରୀ କେବଳ ବରଗଡ଼ ଜିଲ୍ଲା ନୁହେଁ, ସମଗ୍ର ଓଡ଼ିଶା ଓ ଦେଶର ଗର୍ବ। ତାଙ୍କର ଆଦର୍ଶ, ସାହସ ଓ ଦେଶପ୍ରେମକୁ ଯୁବପିଢି ମଧ୍ୟରେ ପହଞ୍ଚାଇବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ ମତ ପ୍ରକାଶ କରିଥିଲେ।

## ଗୋଷ୍ଠୀ ସଂଘର୍ଷ ମାମଲା: ଆଉ ୧୭ ଗିରଫ

ଭଞ୍ଜନଗର,୨୧।୧(ନି.ପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ବେଲଗୁଣ୍ଠା ଥାନା ଅଧିନ ବେଲଗୁଣ୍ଠା ଦଳିତ ସାହି ଓ ଉଡୁରା ଗ୍ରାମର ଦଳିତ ସାହି ମଧ୍ୟରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ମାମଲାରେ ପୁଲିସ ଆଉ ୧୭ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁର୍ବରୁ ଏହି ମାମଲାରେ ଉଭୟ ପକ୍ଷର ୧୦ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ବୁଧବାର ବେଲଗୁଣ୍ଠା ହରିଜନ ସାହିର କବିତା ନାଇକ, ଝିଲି ନାଇକ, ବାମ ନାଇକ, ଭାଗ୍ୟ ନାଇକ, କୁମାରୀ ନାଇକ, ଭାରତୀ ନାଇକ, ହେମ ନାଇକ, ବବିତା ନାଇକ, ଦମୟନ୍ତୀ ନାଇକ, ମିନି ନାଇକ, ସଞ୍ଜୁ ନାଇକ, ମାଧୁରୀ ନାଇକ, ଶୈଳ ନାଇକ, ମଙ୍ଗୁଳି ନାଇକ, ଚମ୍ପା ନାଇକ, ବାସନ୍ତୀ ନାଇକ ଓ ସଞ୍ଜୁ ନାଇକକୁ ଗିରଫ କରି କୋର୍ଟ ଚାଲାଣ



କରାଯାଇଥିବା ଥାନାଧିକାରୀ ରେବତୀ ଶବର ପ୍ରକାଶ କରିଛନ୍ତି।

ସୁଚନାନୁସାରେ, ଗତ ୬ ମାସ ତଳେ ସ୍ଥାନୀୟ ଏକ ପେଟ୍ରୋଲ୍ ଟାଙ୍କିରେ ବେଲଗୁଣ୍ଠାର ଜଣେ ଦଳିତ ଯୁବକଙ୍କୁ ଉଡୁରା ଦଳିତ ସାହିର କିଛି ପିଲା ଆକ୍ରମଣ କରିଥିଲେ। ପରେ ବେଲଗୁଣ୍ଠା ଥାନାରେ ମୌଖିକ ଭାବେ ଉଭୟ ପକ୍ଷ ମଧ୍ୟରେ ଆପୋସ ବୁଝାମଣା ହୋଇଥିଲା। ହେଲେ ଭିତିରିଆ ଶତ୍ରୁତା ଲାଗି ରହିଥିଲା। ଗତ ମକର ଯାତ୍ରାରେ ପୁଣି ଥରେ ଉଭୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଥିଲା। ଏନେଇ ଥାନାରେ ଅଭିଯୋଗ କରିବା ପାଇଁ ଗୁରୁବାର ଦିନ ସନ୍ଧ୍ୟାରେ ଉଡୁରାର କିଛି ଲୋକ ବେଲଗୁଣ୍ଠା ଥାନାକୁ ଆସିବା ବେଳେ ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଥିଲା। ଏଥିରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ବେଲଗୁଣ୍ଠା ପୋଲିସ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଭଞ୍ଜନଗର ଏସଡିପିଓ ଡ.ଦୀପକ କୁମାର ମିଶ୍ର ନେତୃତ୍ୱରେ ବୁଗୁଡ଼ା ଥାନାଧିକାରୀ ସୀତାଂଶୁ ଶେଖର ମାନ୍ଧାତା, ଜଗନ୍ନାଥପ୍ରସାଦ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା, ତାରାସିଂ ଥାନାଧିକାରିଣୀ, ଶୁଭଲକ୍ଷ୍ମୀ ପୂଜାରୀ, ଭଞ୍ଜନଗର ଥାନା ଏସଆଇ ଲିପିନା ବିଶ୍ୱାଳଙ୍କ ସହ ଭଞ୍ଜନଗର ପୋଲିସ ସହ ୨ ପ୍ଲାଟୁନ ପୋଲିସ ବେଲଗୁଣ୍ଠାରେ ରହି ସ୍ଥିତି ନିୟନ୍ତ୍ରଣ କରିଥିଲେ।

## ବ୍ଲକସ୍ତରୀୟ ଜଳବିଭାଜିକା ମହୋତ୍ସବ

ଭଞ୍ଜନଗର,୨୧।୧(ନି.ପ୍ର): ଚାଷୀ ଓ ଚାଷର ଉନ୍ନତି ପାଇଁ ବହୁବିଦ୍ଧି ଯୋଜନା କରାଯାଇ ଅର୍ଥ ବ୍ୟୟବରାଦ କରାଯାଉଛି। ଏଥିସହ ସମସ୍ତ ଯୋଜନା ଗୁଡିକ ତୃଣମୂଳ ସ୍ତରରେ କିଭଳି ଚାଷୀ ପାଇ ଉପକୃତ ହୋଇ ପାରିବେ ସେନେଇ ପଦକ୍ଷେପ ନିଆଯାଉଛି ବୋଲି ଭଞ୍ଜନଗର ବ୍ଲକ ଗୋଲାପଡା ପଞ୍ଚାୟତର ସପ୍ତେଶ୍ୱର ମନ୍ଦିର ନିକଟ ପଡିଆରେ ଆୟୋଜିତ ବ୍ଲକସ୍ତରୀୟ ଜଳବିଭାଜିକା ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଯୋଗ୍ୟ ଚାଷୀଙ୍କୁ ସମସ୍ତ ସୁବିଧା ଦେବା ନେଇ ରାଜ୍ୟ ସରକାର ଯୋଜନା କରିଛନ୍ତି। ଏଥିରେ ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ,ସରପଞ୍ଚ ସୁକାନ୍ତ କୁମାର ମଲ୍ଲିକ, ସମିତିସଭ୍ୟ ପିତବାସ ପ୍ରଧାନ, ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଇତିଶ୍ରୀ ପ୍ରିୟଦର୍ଶିନୀ, ବିଡିଓ ଟୁକୁ କୁମାର ସିଂ, ସହକାରୀ ମତ୍ସ୍ୟ ଅଧିକାରୀ ସୁଦେଷ୍ଣା ପାତ୍ର, ଡିଓ ଏଲ୍ଆର୍ ସର୍ମିଷ୍ଠା ପାଣିଗ୍ରାହୀ ପ୍ରମୁଖ ସମନ୍ୱିତ କୃଷି ସହ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ସଂପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କିଛି ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାକୁ ସୁଶାନ୍ତ କୁମାର ବେହେରା ସଂଯୋଜନା କରିଥିବା ବେଳେ ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ସ୍ୱାଇଁ ଓ ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।


**CUTTACK MUNICIPAL CORPORATION**

**"e" PROCUREMENT NOTICE**

**Tender Call Notice No. 988 (PW) Date.20.01.2026**

**Tender ID :2025_ORULB_123537**

**Bid Value : Rs. 3.49 Lakhs to Rs. 23.10 Lakhs**

**Date and Time schedule :**

| Start | End | Opening |
|---|---|---|
| 11.00 AM on dt. 22.01.2026 | 5.00 PM on dt.05.02.2026 | 11.00 A.M. on dt. 09.02.2026 |

Tender Details : can be seen from the procurement portal : **www.tendersorissa.gov.in**

**Caption No.: 13001/4/2526**

Sd-
Executive Engineer
City Division-II, CMC


## କାର-ଅଟୋ ଧକ୍କା ବାଛୁରୀ ମୃତ, ୪ ଗୁରୁତର



ଦଶପଲ୍ଲା,୨୧।୧(ନି.ପ୍ର): ସ୍ଥାନୀୟ ବ୍ଲକ ଅନ୍ତର୍ଗତ କୁଆଁରୀଆ ଛକ ନିକଟରେ କାର ଅଟୋ ମୁହାଁମୁହିଁ ଧକ୍କା ହୋଇଥିବା ବେଳେ କାରଟି ଭାରସାମ୍ୟ ହରାଇ ଗୋଟିଏ ଘର ଭିତରକୁ ପଶି ଯିବା ସହିତ ଅଟୋଟି ଓଲଟି ପଡଥିଲା। ସୂଚନା ଅନୁସାରେ ଭୁବନେଶ୍ୱରରୁ ବରଗଡ଼ ଅଭିମୁଖେ ଯାଉଥିବା କାରଟି ଦ୍ରୁତ ଗତିରେ ଆସି ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। କାରଟି ଘର ଉପରେ ମାଡି ଯିବା ଫଳରେ ଘରଟି ନଷ୍ଟ ହେବା ସହ ବନ୍ଧା ହୋଇଥିବା ବାଛୁରୀଟି ମୃତ୍ୟୁବରଣ କରିଥିବା ସୂଚନା ମିଳିଛି । କାର ଚାଳକ, ଅଟୋ ଚାଳକ ଓ ଅନ୍ୟ ଦୁଇ ଜଣଙ୍କୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ। ତେବେ ଗୁରୁତର ଥିବାରୁ ଚାରି ଜଣକୁ ଭୁବନେଶ୍ୱର ପଠାଇ ଦିଆଯାଇଥିବା ସୂଚନା ମିଳିଛି। ଦଶପଲ୍ଲା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଛାନ ଭିନ ଆରମ୍ଭ କରିଛି।

## ଗ୍ରାମାଞ୍ଚଳକୁ ଯାଇ ଲୋକଙ୍କ ସମସ୍ୟା ବୁଝିଲେ ଜିଲ୍ଲାପାଳ

ନୟାଗଡ,୨୧।୧(ନି.ପ୍ର): ବୁଧବାର ପୂର୍ବାହ୍ନରେ ଜିଲ୍ଲାପାଳ ମଧୁମିତା ରଥ ଦଶପଲ୍ଲା ତହସିଲ ଅର୍ନ୍ତଗତ ବୁଗୁଡ଼ା ଗ୍ରାମକୁ ଯାଇ ସେଠାରେ ଖୋର୍ଦ୍ଧା ରୋଡ ବଲାଙ୍ଗୀର ରେଳ ଚଳାଚଳ ପ୍ରକଳ୍ପ କାର୍ଯ୍ୟ



ସମ୍ପର୍କିତ ସମସ୍ୟା ନେଇ ଲୋକ ନଙ୍କ ସହ ଆଲୋଚନା କଲେ ଏବଂ ପ୍ରକଳ୍ପ ନିର୍ମାଣ ହେତୁ କ୍ଷତି ଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ଏବଂ ଯୋଗ୍ୟ ହିତାଧିକାରିଙ୍କୁ ଘରଡିହ ପଟ୍ଟା ଦେବା ପାଇଁ ତହସିଲଦାର ଦଶପଲ୍ଲାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଏହା ସହିତ ପିଏମ୍ଏୱାଇ ଯୋଜନାରେ ଘର ନିର୍ମାଣ ପାଇଁ ମଣ୍ଡଳ ଉନ୍ନୟନ ଅଧିକାରୀ ଦଶପଲ୍ଲାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ଏହା ପରେ ଟାକେରା, ଝିଣ୍ଟିକାବାରି, ଗୋପାଳପୁର ପରିଦର୍ଶନ କରି ରେଳ ପ୍ରକଳ୍ପ ଯୋଗୁଁ କ୍ଷତି ଗ୍ରସ୍ତ ଲୋକ ମାନଙ୍କ ପିଇବା ପାଣି ଏବଂ ଲାଇନ୍ ସମସ୍ୟା ଦୂର କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ଗ୍ରାମର ବାସିନ୍ଦା ମାନେ ଜିଲ୍ଲାପଳଙ୍କୁ ଅତି ନିକଟରୁ ଦେଖି ଖୁସି ହୋଇଥିଲେ ଏବଂ ଜିଲ୍ଲାପାଳ ମହୋଦୟ ତାଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଭୁଅର୍ଜନ ଅଧିକାରୀ ନୟାଗଡ଼, ଅତିରିକ୍ତ ତହସିଲଦାର, ଦଶପଲ୍ଲାଙ୍କ ସହିତ ରେଳ ବିଭାଗ ଅଧିକାରୀ ଏବଂ ବିଭାଗିୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଜଗନ୍ନାଥ ଡ୍ରାମା କ୍ରିଏସନ୍‌ର ପ୍ରଥମ ବାର୍ଷିକ ଉତ୍ସବ

ଛତ୍ରପୁର,୨୧।୧(ନି.ପ୍ର): ଛତ୍ରପୁର ସହରର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ସଂଗଠନ ଜଗନ୍ନାଥ ଡ୍ରାମା କ୍ରିଏସନ୍‌ର ପ୍ରଥମ ବାର୍ଷିକ ଉତ୍ସବ ବର୍ଣ୍ଣାଢ୍ୟ ସମାରୋହରେ ସମାହିତ ହୋଇଯାଇଛି । ଛତ୍ରପୁର ଏନଏସି କଲ୍ୟାଣ ମଣ୍ଡପର ଅବସ୍ଥିତ ରଙ୍ଗମଞ୍ଚରେ ଅନୁଷ୍ଠିତ ସାଂସ୍କୃତିକ ବିଭବ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ କଳା ଓ ସଂସ୍କୃତିକୁ ଆଗକୁ ବଢ଼ିବାରେ ଅନୁଷ୍ଠାନର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ଅରୁଣ କୁମାର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛତ୍ରପୁର ସହରର ମଞ୍ଚ ନାଟକର ଐତିହ୍ୟ ପରମ୍ପରା ଥିଲା ଏକ ମହନୀୟ ବୋଲି ଆଲୋକପାତ କରିଥିଲେ । ଓଡ଼ିଶାର କଳା ସଂସ୍କୃତିକୁ ବଞ୍ଚାଇ



ରଖୁବା କ୍ଷେତ୍ରରେ ସହରର ଭୂମିକା ଉପସ୍ଥାପନ କରିଥିଲେ । ସମ୍ମାନୀୟ ଅତିଥୀ ଅଭିନେତା ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ବିଶ୍ୱଜିତ୍ ସାହୁ ଓ ବରିଷ୍ଠ ଖ୍ୟାତନାମା ଜନପ୍ରିୟ ଗୁରୁ ଓ କଣ୍ଠଶିଳ୍ପୀ ଗଣେଶ ପଟ୍ଟନାୟକ, ନାଟକ ଓ ସଙ୍ଗୀତ ମାଧ୍ୟମରେ ମନୋରଞ୍ଜନ କାର୍ଯ୍ୟକ୍ରମ ସହିତ ସମାଜରେ ସଂସ୍କାର ଅଣାଯାଇପାରିବ ବୋଲି କହିଥିଲେ । ଅନୁଷ୍ଠାନର ମୁଖ୍ୟ ଉଦ୍ୟକ୍ତା ସୁମନ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀ/ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଉତ୍ସାହିତ କରାଯାଇଥିଲା । ବରିଷ୍ଠ ସଙ୍ଗୀତ ସାଧକ ପ୍ରଫୁଲ୍ଲ ମହାପାତ୍ର, ସ୍ୱର୍ଗତ ବିଜୟା କୁମାରୀ ପଟ୍ଟନାୟକ, ସଙ୍ଗୀତଜ୍ଞ ତଥା ବାଦ୍ୟଯନ୍ତ୍ର ନିର୍ଦ୍ଦେଶକ ସ୍ୱର୍ଗତ ଜୟକୃଷ୍ଣ ମହାରଣାଙ୍କୁ ମରୋଣତ୍ତର ସମ୍ମାନାର୍ଥେ ତାଙ୍କରି ଧର୍ମପତ୍ନୀ ରୁକ୍ମିଣୀ ମହାରଣାଙ୍କୁ ମାନପତ୍ର ସହ ଉପଢୌକନ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ସେହିପରି ସ୍ୱର୍ଗତ ରାମଚନ୍ଦ୍ର ପଟ୍ଟନାୟକ, କଳା ପ୍ରେମୀ ପ୍ରଫୁଲ୍ଲ ପଟ୍ଟନାୟକଙ୍କୁ ସ୍ୱର୍ଗତ ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ ଓ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀଙ୍କୁ ସ୍ୱର୍ଗତ ସୂର୍ଯ୍ୟନାରାୟଣ ପଟ୍ଟନାୟକ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଅନୁଷ୍ଠାନର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା କ୍ଷୁଦ୍ର ନାଟକ ସଂସ୍କାର ଦର୍ଶକଙ୍କ ମନକୁ ଆକର୍ଷିତ କରିବାସହ ପ୍ରଶଂସା ସାଉଁଟିଥିଲା ଛ ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଏନ୍ଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧକ୍ଷ ଜି. ପାପା ରାଓ, ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସୁମନ କୁମାର୍ ପଟ୍ଟନାୟକ ଓ ଝରଣା ପଟ୍ଟନାୟକ, ସଭାପତି ଦିନେଶ ସାହୁ, ସମ୍ପାଦକ ଦୁର୍ଗା ପ୍ରସାଦ ମାର୍ଥା, ଉପଦେଷ୍ଟା ପ୍ରଶାନ୍ତ ପଟ୍ଟନାୟକ ଓ ନୃତ୍ୟଗୁରୁ ଗୌତମ ନାୟକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


**କଟକ ଉନ୍ନୟନ କର୍ତ୍ତୃପକ୍ଷ**
**ଅରୁଣୋଦୟ ଭବନ, ଲିଙ୍କରୋଡ ,କଟକ-12**

CAD - 3073

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-13 ରେ ପ୍ଲଟ୍ ନଂ- 13-3B/41231 ଟିକୁ ଶ୍ରୀ ପ୍ରଣବ କିଶୋର ଜେନା, ପିତା-ସ୍ୱର୍ଗତ ପୁରନ୍ଦର ଜେନା, ସା-ବାଦାମବାଡ଼ି, ପୋ-ଅରୁଣୋଦୟ ମାର୍କେଟ, ଥା-ବାଦାମବାଡ଼ି, ଜିଲ୍ଲା-କଟକ-୭୫୩୦୧୨ ଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ପ୍ରଣବ କିଶୋର ଜେନା ଉକ୍ତ ପ୍ଲଟଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ସୁନୀଲ କୁମାର ମାହେଶ୍ୱରୀ, ପିତା-ସ୍ୱର୍ଗତ ଇନଦରଚାନ୍ଦ ମାହେଶ୍ୱରୀ, ସା-ଜୁନୁସପାଟଣା, ପୋ-କଲେଜ ଛକ, ଥା-ମାଲଗୋଦାମ, ଜିଲ୍ଲା-କଟକ-୭୫୩୦୦୩ ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତପ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/-
ଭାରପ୍ରାପ୍ତ ଅଧିକାରୀ(ଇଷ୍ଟେଟ)


## କେ ରାଇସିଙ୍ଗପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଆସିକା,୨୧।୧(ନି.ପ୍ର): ଚଢିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ କେରାଇସିଙ୍ଗପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଭାରତୀପ୍ରୀୟା ପାତ୍ର ସଭାପତିତ୍ୱ କରିଥିଲେ । ସ୍ଥାନୀୟ ସରପଞ୍ଚ ଜୟସନ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଅର୍ଚ୍ଚନା ବେହେରା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଏହି ଅନୁଷ୍ଠାନର ପୂର୍ବତନ ଶିକ୍ଷକ ସୁରେନ୍ଦ୍ର ନାଥ ମିଶ୍ର, ପୂର୍ବତନ ଶିକ୍ଷକ ମହେନ୍ଦ୍ର କୁମାର ଭୋଇ, ସନ୍ତୋଷ କୁମାର ମହାରଣା, ଗିତାଞ୍ଜଳି ପାତ୍ର ମଞ୍ଚାସିନଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ




ଲମ୍ବୋଦର ଜେନା, କରୁଣା କର ଜେନା, ଅନ୍ୟ ସଭ୍ୟ ସଭ୍ୟାଙ୍କ ସମେତ ବହୁ ଅଭିଭାବକ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ । ମୁଖ୍ୟବକ୍ତାଙ୍କ ବିଦ୍ୟାଳୟ ଇତିହାସ ବିଷେଦ ବିବରଣୀ ଦେଇଥିଲେ । ଅନ୍ୟାନ୍ୟ ଅତିଥିମାନେ ଛାତ୍ରଛାତ୍ରୀମାନେ ନିଷ୍ଠାର ସହ ପରିଶ୍ରମ କଲେ ସଫଳତା ଅବଶ୍ୟମ୍ଭାବୀ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବଟିକୁ ମହିମା ମଣ୍ଡିତ କରିଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସିମାଞ୍ଚଳ ସାହୁ, କୃଷ୍ଣଚନ୍ଦ୍ର ବେହେରା, ଶିକ୍ଷୟିତ୍ରୀ ଉଷାରାଣୀ ବେବର୍ତ୍ତା, ସୁମିତ୍ରା ଦାସ କାର୍ଯ୍ୟକ୍ରମରେ ସୁପରିଚାଳନାରେ ସହଯୋଗ କରିଥିଲେ ।


**NOTICE**

By virtue of an affidavit sworn before the Executive Magistrate, Nabarangpur, dtd.21st January 2026, I, Sri Surendra Harijan, permanent resident of village-Bualibeda, Po-Dangriguda, Ps-Umerkote, in the District of Nabarangpur, Odisha, Pin No.-764072 declare that I have changed my son'0s name from Rahitb Harijan (old name) to Suman Harijan (new name). Henceforth, he shall be known as Suman Harijan (new name) for all purposes.

**Surendra Harijan**

**AFFIDAVIT**

By virtue of an affidavit sworn before the Executive Magistrate, Jajpur, dt.21.01.2026, I, Sudhakar Das, 42yrs, S/o- Baishnab Das, At/Po-Rahania, Ps-Bhandaripokhari, Dist-Bhadrak, Odisha, Pin-756120, declare that I have changed the name of my son from ARJUN DAS (old name) to SHUBHANKAR DAS (new name). Henceforth, he will be known as SHUBHANKAR DAS for all future purposes.

**Sudhakar Das**
**Deponent**

**AFFIDAVIT**

By virtue of an affidavit sworn before the Executive Magistrate, Tentulikhunti, dt.20.01.2026, I, Bubu Garada, S/o-Prabhudan Garada, Vill-Kanheimunda, Po-Bejuguda, Dist-Nabarangpur, Pin-764070, Odisha declare that I have changed the name of my minor daughter from Phrislis Garada (old name) to Elis Garada (new name). Henceforth, she shall be known as Elis Garada for all purposes.

**Bubu Garada**


## ଭିବି-ଜି ରାମ ଜି ଜିଲ୍ଲାସ୍ତରୀୟ କର୍ମଶାଳା

ହିଞ୍ଜିଳିକାଟୁ, ୨୧।୧(ନି.ପ୍ର): ଭିବି-ଜି ରାମ ଜି ଆସ୍କା ସାଂଗଠନିକ ଜିଲ୍ଲା, ଗଞ୍ଜାମ ପକ୍ଷରୁ ହିଞ୍ଜିଳିକାଟୁ ସ୍ଥିତ ଆସ୍କା ଜିଲ୍ଲା



ସାଂଗଠନିକ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ବିଜୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ହିଞ୍ଜିଳି ବିଧାୟକ ପ୍ରାର୍ଥୀ ଶିଶିର ମିଶ୍ର, ଜିଲ୍ଲା ବିଜେପି ପ୍ରଭାରୀ ପ୍ରକାଶ ମଙ୍ଗରାଜ, ରାଜ୍ୟ ସମ୍ପାଦକ ପୃଥ୍ୱୀରାଜ ମହାପାତ୍ର, ବିଜେପି ନେତା ଉତ୍ତମ ପାଣିଗ୍ରାହୀ, ଜିଲ୍ଲା ସାଧାରଣ ସମ୍ପାଦକ ଯଜ୍ଞ ନାରାୟଣ ଦାସ, ଭିବି-ଜି ରାମ ଜି ଜିଲ୍ଲା ସଂଯୋଜକ ହୃଷିକେଶ ପଣ୍ଡା, ସହ ସଂଯୋଜକ ସନ୍ତୋଷ ପାଣିଗ୍ରାହୀ, ଶ୍ରୀକାନ୍ତ ପଣ୍ଡା, ଶ୍ରୀକାନ୍ତ ମହାପାତ୍ର, ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି, ମଣ୍ଡଳ ଭିବି- ଜି ରାମ ଜି ତିନି ଜଣିଆ କମିଟି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଭାପତି ବିଜୟ ସ୍ୱାଇଁ ମନରେଗାରେ ହୋଇ ଆସୁଥିବା ଦୁର୍ନୀତିକୁ ରୋକିବାରେ କେନ୍ଦ୍ର ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିବା ସହ ଭିବି-ଜି ରାମ ଜି ଯୋଜନାକୁ ଘରକୁ ଘର ବୁଲି ପ୍ରଚାର କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥି ସହିତ କୃଷକ ଓ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ଏହି ଆଇନରେ ବ୍ୟାପକ ପରିବର୍ତ୍ତନ ହୋଇଛି ବୋଲି ଜିଲ୍ଲା ପ୍ରଭାରୀ ଅବଗତ କରାଇଥିଲେ। ଆଗାମୀ ଦିନରେ ଜନ ଜାଗରଣ ସୃଷ୍ଟି ପାଇଁ ଏହାକୁ ବ୍ୟାପକ ଭାବରେ ପ୍ରଚାର କରିବା ସହ ଗାଁ ଗାଁ ବୁଲି ଶ୍ରମିକ, କୃଷକ ଏବଂ ଦଳିତଙ୍କ ପାଖରେ ପହଞ୍ଚାଇବା ପାଇଁ ସମସ୍ତ ନେତୃବୃନ୍ଦ ଗୋଟିଏ ସ୍ୱରରେ ଡାକରା ଦେଇଥିଲେ।

## ରାଜନେତା ରେବତୀ ମୋହନ ନାୟକଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ

ବୁଗୁଡା,୨୧।୧(ନି.ପ୍ର): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଘନିଷ୍ଠ ସହଯୋଗୀ ତଥା ବୁଗୁଡା ରାଜନୈତିକ ପରିମଣ୍ଡଳରେ ଭୀଷ୍ମ ପିତାମହ ରୂପେ ସୁପରିଚିତ ଦିବଂଗତ ରାଜନେତା ରେବତୀ ମୋହନ ନାୟକଙ୍କ ଦ୍ୱାଦଶାହରେ ତାଙ୍କର ପୈତୃକ ଗ୍ରାମ ବି.କରଡ଼ାବାଡ଼ିରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ



ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଦୟାନିଧି ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଶୋକସଭା କାର୍ଯ୍ୟକ୍ରମରେ ପ୍ରାକ୍ତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ଶ୍ରୀକାନ୍ତ ସାହୁ, ପ୍ରାକ୍ତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଲତିକା ପ୍ରଧାନ, ଗଞ୍ଜାମ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ ଓ ଉପାଧକ୍ଷା ରାଜେଶ୍ୱରୀ ଦୋରା, ବ୍ରହ୍ମପୁର ନଗର ନିଗମ ମେୟର ସଙ୍ଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲା ବିଜେଡି ପ୍ରାକ୍ତନ ସଭାପତି ସୁବାସ ଚନ୍ଦ୍ର ମହାରଣା, ବିଜେଡି ଯୁବ ସଭାପତି ନଚିକେତା ସ୍ୱାଇଁ, ହିଞ୍ଜିଳିକାଟୁ ବିଧାୟକ ପ୍ରତିନିଧି ଦେବେନ୍ଦ୍ର ମହାପାତ୍ର, ବୁଗୁଡ଼ା ବ୍ଲକ ପ୍ରାକ୍ତନ ଅଧକ୍ଷ ରାମନାରାୟଣ ସାହୁ ଓ କିଶୋର ଚନ୍ଦ୍ର ବେହେରା, ବଂଶୀଧର ନାୟକ, ନିରଞ୍ଜନ ପ୍ରଧାନ, ଅକ୍ଷୟ ରାଉତ, ଅନିଲ ସାହୁ ପ୍ରମୁଖ ମଞ୍ଚାସୀନ ଥବାବେଳେ ପୋଲସରା ବିଧାୟକ ପ୍ରତିନିଧି ହରିକୃଷ୍ଣ ସାହୁ, ଜୟନ୍ତୀ ପଡିଆରୀ, ଗଙ୍ଗାଧର ନାୟକ,ହରପ୍ରସାଦ ଦାଶ, ଦେବରାଜ ବେହେରା, ଖଦାଳ ଖଟେଇ, ଗୌରଚରଣ ପ୍ରଧାନ, ସୂର୍ଯ୍ୟ ନାରାୟଣ ମହାନ୍ତି, ମଦନ ଗୋପାଳ ଦୋରାଙ୍କ ସମେତ ବହୁ ରାଜନୈତିକ ବ୍ୟକ୍ତିବିଶେଷ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଏ ଅବସରରେ ଦିବଂଗତ ରେବତୀ ମୋହନଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ ଏବଂ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ୧୦ ନଭେମ୍ବର ୧୯୩୭ରେ ଜନ୍ମିତ ୮୯ ବର୍ଷୀୟ ରେବତୀ ମୋହନ ସୁଶିକ୍ଷା ଗ୍ରହଣ ସହ ରାଜ୍ୟର ତୁଙ୍ଗ ରାଜନେତାଙ୍କ ସହିତ ସୁସମ୍ପର୍କ ସ୍ଥାପନ କରି ବୁଗୁଡା ବ୍ଲକର ୩ ଥର ଅଧ୍ୟକ୍ଷ, ଗଞ୍ଜାମ ଜିଲ୍ଲା ପରିଷଦର ଅଧକ୍ଷ, ଜିଲ୍ଲା ବିଜେଡି ସଭାପତି, କାର୍ଡ ବ୍ୟାଙ୍କର ରାଜ୍ୟ ସଭାପତି, ଭଞ୍ଜନଗର ଆରସିଏମର ସଭାପତି ପଦମଣ୍ଡନ କରି ଅଞ୍ଚଳର ଗୌରବ ବୃଦ୍ଧି କରିଥିଲେ। ସେ ଜଣେ ମେଳାପୀ, ମିଷ୍ଟଭାଷୀ ଓ ଖୁସି ମିଜାଜର ବ୍ୟକ୍ତି ଥିଲେ। ତାଙ୍କର ଆଦର୍ଶମୟ ଜୀବନ ଦର୍ଶନ ପ୍ରେରଣାଦାୟକ ଥିଲାବେଳେ ସେ ଗତ ୯ ଜାନୁଆରୀ ୨୦୨୬ରେ ଇହଲୀଳା ସମ୍ବରଣ କରି ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିଲେ।


**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO II**
**BHUBANESWAR**

**B- 1014**

eerb2 bbsr@yahoo.com

**INVITATIONS FOR BIDS THROUGH e-Procurement**

**Bid Identification No- C.C. (R&B)-02**

**e-Procurement Notice No. 41 of 2025-26**

The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for Three Number Barricading works to be received in online bidding, Single cover system as detailed in: https://tendersorissa.gov.in. The details of bid documents will be available in the above website from 22.01.2026 to 5.00 P.M of 31.01.2026. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 01.02.2026 in the Office of the Superintending Engineer, Bhubaneswar (R&B) Division No-II, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd/-
Superintending Engineer,
BBSR (R&B) Division No.II, BBSR

**OFFICE OF THE NOTIFIED AREA COUNCIL, BANKI**

**No: 168/ Date : 21.01.2026**

**C-2153**

**QUOTATION CALL NOTICE**

Sealed quotation are invited from registered/experienced reputed firms/civil Contractors who are only offered their Rates for the following items in prescribed schedule format for the work of "Completion of Kalyan Mandap under Banki NAC", The firms/civil contractors must have experience in similar nature of work with registration license, GST, PAN card.

| Sl no | ITEMS | QUOTED RATE PER SQM EXLUDING GST. (IN FIGURE) | IN WORD |
|---|---|---|---|
| | PROVIDING AND FIXING TECHNONICOL ROOFING SHINGLES WITH COMPLETE MS STRUCTURE. | | |

N.B: Detailed Quotation call notice Specification can be seen in Office Website at www.bankinac.in vide this office letter No:158/dt:20.01.2026.

The Quotation shall be submitted through Postal/Courier/By hand in the office tender box from 11.00 am on dt:-22.01.2026 up to 5.00 pm dt:-02.02.2026 excluding Govt holiday. and shall be opened on date:-03.02.2026 at 11.00AM in presence of Tender committee. The undersigned reserves all rights to reject any or all quotations without assigning any reason thereof.

Sd/-
Executive Officer
NAC, Barki

## ନିଜକୁ ନିଜେ ଗୁଳି କଲେ ଯୁବ କଂଗ୍ରେସ ନେତା

ସୁବର୍ଣ୍ଣପୁର,୨୧।୧(ନି.ପ୍ର): ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟିର କୋଷାଧ୍ୟକ୍ଷ ରାଜେଶ ମିଶ୍ର (୪୦) ନିଜ ପିସ୍ତଲରୁ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ସୁବର୍ଣ୍ଣପୁର ସହର ଭଗବତୀପ୍ଲଟ ସ୍ଥିତ ବାସଭବନରେ ନିଜ ପିସ୍ତଲରୁ ମୁଣ୍ଡକୁ ଗୁଳି ମାରି ସେ ଆତ୍ମହତ୍ୟା କରିଥିବା



ଜଣାପଡିଛି। ସୋନପୁର ଥାନା ପୋଲିସ ଘଟଣାର ତଦନ୍ତ କରୁଛି। ରାଜେଶ ଛାତ୍ର ସମୟରୁ କଂଗ୍ରେସ ସହିତ ଜଡ଼ିତ ରହି ବିଭିନ୍ନ ପଦପଦବୀ ମଣ୍ଡନ କରିଥିଲେ। ସେ ଜଣେ ନିର୍ବିବାଦୀୟ ବ୍ୟକ୍ତିତ୍ୱ ଭାବରେ ସମସ୍ତ ଙ୍କର ପ୍ରିୟ ଥିଲେ। ତାଙ୍କ ମୃତ୍ୟୁରେ ସହରରେ ଶୋକର ଛାୟା ଖେଳି ଯାଇଥିବା ବେଳେ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାମାନେ ତାଙ୍କ ବାସଭବନରେ ପହଞ୍ଚି ସ୍ୱର୍ଗତ ରାଜେଶଙ୍କ ଅନ୍ତିମ ଦର୍ଶନ କରିଥିଲେ। ବଲାଙ୍ଗିରରୁ ସାଇଣ୍ଟିଫିକ୍ ଟିମ୍ ଆସି ଅଧିକ ତଦନ୍ତ ଜାରିରଖିଥିବା ବେଳେ ସୋନପୁର ପୋଲିସ ମଧ୍ୟ ଏହି ଘଟଣାର ବିଭିନ୍ନ ଦିଗକୁ ନେଇ ଅନୁସନ୍ଧାନ ଜାରି ରଖିଛି।

## ରିଆମାଳ ବ୍ଲକରେ ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଛି ଶିକ୍ଷା ବ୍ୟବସ୍ଥା

ରିଆମାଳ,୨୧।୧(ନି.ପ୍ର): ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଜୋର ଦେଇ କହୁଥିବା ବେଳେ ରିଆମାଳ ବ୍ଲକରେ ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ଭୁଶୁଡି ପଡ଼ିଥିବା ଦେଖିବାକୁ ମିଳିଛି । ସ୍କୁଲଠୁ କଲେଜ ସବୁଠି ସମାନ ଅବସ୍ଥା । ବିଶେଷତଃ ରିଆମାଳ ସଦର ମହାକୁମା ସମେତ ଦଶ କିଲୋମିଟର ଭିତରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାରେ ଚାଲିଛି ପାଠ ପଢା। କିଛି ଶିକ୍ଷକ ଅଧ୍ୟାପକଙ୍କ ରାଜନୈତିକ ସମ୍ପୃକ୍ତି ତଥା ବେପରୁଆ ମନୋଭାବ ଏବଂ ଉପରିସ୍ଥ ଅଧିକାରୀଙ୍କୁ ହେୟ ଜ୍ଞାନ ହିଁ ଏହି ବିପର୍ଯ୍ୟସ୍ତର ମୁଖ୍ୟ କାରଣ । ଗତକାଲି ଶିକ୍ଷକ ବଦଳିକୁ ନେଇ ବୁଡିଦୋ ପଞ୍ଚାୟତ ଘମମୁଣ୍ଡା ସ୍କୁଲରେ ଅଭିଭାବକ ତଥା କମିଟି ତାଲା ପକାଇ ଆନ୍ଦୋଳନ କରିଥିଲେ । ସ୍କୁଲ ବାହାରେ ଛାତ୍ର ଛାତ୍ରୀ ମାନେ ବସିଥିବା ଦେଖାଯାଇଥିଲା । ପରେ ଶିକ୍ଷା ବିଭାଗ ତରଫରୁ ବୁଝା ସୁଝା ପରେ ବି ଶିକ୍ଷକ ନଦେବା ପର୍ଯ୍ୟନ୍ତ ତାଲା ପଡିବ ବୋଲି ରୋକଠୋକ ଆନ୍ଦୋଳନକାରୀ ମାନେ କହିଥିଲେ । ଏନେଇ ବ୍ଲକ ଶିକ୍ଷା ବିଭାଗ ତରଫରୁ ନିକଟସ୍ଥ ସ୍କୁଲରୁ ଡେପୁଟେସନରେ ଦିଆ ଯାଇଥିଲେ ମଧ୍ୟ ଉକ୍ତ ଶିକ୍ଷକ ଯାଇ ନଥିଲେ । ସେଥିପାଇଁ ବୁଧବାର ମଧ୍ୟ ଉକ୍ତ ସ୍କୁଲରେ ତାଲା ପଡ଼ିଥିବା ଦେଖା ଯାଇଥିଲା । ଏଠି ପ୍ରଶ୍ନ ଉଠେ କାହିଁକି ରିଆମାଳ ବ୍ଲକର ବିଭିନ୍ନ ସ୍କୁଲ ରେ ବାରମ୍ବାର ତାଲା ପଡୁଛି । କାହିଁକି ବ୍ଲକ ଶିକ୍ଷା ବିଭାଗ ନୀରବ ଦ୍ରଷ୍ଟା ପାଲଟିଛି । ଏହା ଆଗରୁ ଜୋନ ୨ ର ବହୁ ସ୍କୁଲରେ ଆବଶ୍ୟକତା ଠାରୁ ଅଧିକ ଶିକ୍ଷକ ନିଯୁକ୍ତ ଥିବାବେଳେ ଜୋନ ୧ ରେ ଆବଶ୍ୟକତା ଠାରୁ କମ ଶିକ୍ଷକ ରହିବା ଏକ ମୁଖ୍ୟ କାରଣ । ଏହାବାଦ ରିଆମାଳ ସଦର ସ୍କୁଲ ମାନଙ୍କରେ ଶିକ୍ଷକ ମାନଙ୍କର ଦୁଇ ବର୍ଷ, ତିନି ବର୍ଷରେ ବଦଳି ହେଉଥିବା ବେଳେ ସ୍ଥାନୀୟ ଶିକ୍ଷକ ମାନେ ସଦର ସ୍କୁଲରେ ନ ରହି ଦଶ କିଲୋମିଟର ଦୂରକୁ ବଦଳି ହେଉଛନ୍ତି ।ଏମିତି ବି ସଦର ମହାକୁମା ଠାରୁ ଚାରି ପାଞ୍ଚ କିଲୋମିଟର ଦୂର ସ୍କୁଲ ଅଛି ,ଯେଉଁଠି ଦୀର୍ଘ ୨୫ବର୍ଷ ହେବ ନିଜ ନିଜ ଗ୍ରାମ ମାନଙ୍କରେ ଥିବା ସ୍କୁଲରେ ଶିକ୍ଷକ ଶିକ୍ଷୟତ୍ରୀ ମାନେ କାର୍ଯ୍ୟରତ ଅଛନ୍ତି । ବଦଳି ସତ୍ତ୍ୱେ ରାଜନୈତିକ ପ୍ରଭାବ ତଥା ଭିତିରିଆ କରବାର କରି ଉକ୍ତ ସ୍କୁଲ ମାନଙ୍କରେ ଜମି ରହୁଛନ୍ତି। ଉକ୍ତ ସ୍କୁଲ ମାନଙ୍କରେ ଏମ ଡି ଏମ ଠାରୁ ଛାତ୍ରଛାତ୍ରୀ ଉପସ୍ଥାନ, ପାଠପଢା, ପୋଷାକ ବଣ୍ଟନ, ସ୍କୁଲରେ ଠିକ ସମୟରେ ଉପସ୍ଥିତ ନରହିବା ଆଦିରେ ବ୍ୟାପକ ଅନିୟମିତତା ହେଉଥିଲେ ମଧ୍ୟ ଶିକ୍ଷା ବିଭାଗ ନୀରବରେ ଶୋଇ ସବୁ ଦେଖି ନଜାଣିଲା ଭଳି ରହୁଛି । ବହୁ ସ୍କୁଲରେ ଶିକ୍ଷକ, ଅଧ୍ୟାପକ ମାନେ ଆସି ଆଙ୍ଗୁଟି ଟିପ ମାରି, ଉପସ୍ଥାନ ପକାଇ ଅନୁଷ୍ଠାନରୁ ବାହାରକୁ ଆସି ବେପିଂକର ଭାବରେ ବୁଲିବା ସହିତ ମାସକୁ ମାସ ଦରମା ଉଠାଉଛନ୍ତି। ତେଣୁ ଦୋଷ ଦେବା କାହାକୁ ନ୍ୟାୟରେ ଉପରିସ୍ଥ ଅଧିକାରୀଙ୍କ ସମେତ ଲୋକମାନେ ଚୁପ ରହି ସବୁ ଅନ୍ୟାୟକୁ ସହୁଥିବା କହିଛନ୍ତି। କିଛିଦିନ ତଳେ ରିଆମାଳ ସଦର ୟୁପି /ଏମ ଇ ସ୍କୁଲରେ ଶିକ୍ଷକ ନିଯୁକ୍ତିକୁ ନେଇ ଏକ ବଡ଼ ଆନ୍ଦୋଳନ ହୋଇଥିବାବେଳେ ଆଗାମୀ ଦିନରେ ଯଦି ଶିକ୍ଷା ବିଭାଗ ନ୍ୟାୟ ନକରେ ତାହେଲେ ବହୁ ସ୍କୁଲରେ ତାଲା ପଡିବା ଆଶଙ୍କା ସୃଷ୍ଟି ହୋଇଛି । ଏ ନେଇ ନୂତନ ଭାବରେ କାର୍ଯ୍ୟରେ ଯୋଗ ଦେଇଥିବା ବିଇଓ ପ୍ରଫୁଲ୍ଲ କୁମାର କାଲୋଙ୍କୁ ଏ ବିଷୟରେ ପଚାରିବାରୁ ସେ କାର୍ଯ୍ୟରେ ଯୋଗ ଦେବା ପରେ ସମସ୍ତ ବିଷୟ ପ୍ରତି ଅବଗତ ଅଛନ୍ତି ବୋଲି କହିଥିଲେ। ଛାତ୍ର ଅନୁସାରେ ଶିକ୍ଷକ ମାନଙ୍କର ସ୍ଥିତାବସ୍ଥା ନିୟମ ଲାଗୁ ହୋଇଥିଲେହେଁ ସରକାରଙ୍କ ନିର୍ଦ୍ଦେଶରେ ଏହା ବନ୍ଦ ରହିଛି । ଯାହା ଫଳରେ କାହାକୁ ସହଜରେ ବଦଳି କରାଯାଇ ପାରୁନାହିଁ । ଏବେ ରିଆମାଳ ବ୍ଲକରେ ଏଭଳି ଶିକ୍ଷାର ଦୂରବସ୍ଥାକୁ ଗୁରୁତ୍ୱ ଦେଇ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଦୃଢ ସଂକଳ୍ପ ବୋଲି ବିଇଓ ପ୍ରଫୁଲ କୁମାର କାଲୋ କହିଥିଲେ।

## ଧାନ ମଣ୍ଡି ଉଦ୍‌ଘାଟନ କଲେ ବିଧାୟକ

ବୋଲଗଡ,୨୧।୧(ନି.ପ୍ର): ବୋଲଗଡ଼ ବ୍ଲକ ପିଚୁକୁଳି ସେବା ସମବାୟ ସମିତି ଲିଃ ଠାରେ ବୁଧବାର ଧାନ ମଣ୍ଡି ଉଦଘାଟିତ ହୋଇଛି। ବିଧାୟକ ପ୍ରଦୀପ କୁମାର ସାହୁ ମଣ୍ଡି ଉଦଘାଟନ କରିଥିଲେ। ସଭାପତି ପବିତ୍ର ମୋହନ ମାଝୀ ବି ଜେଡି ଜିଲ୍ଲା ଉପସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ ପିଚୁକୁଳି ସମିତିସଭ୍ୟ ସଞ୍ଜୟ କୁମାର ଗୁମାନସିଂ ସମବାୟ



ସୁପରଭାଇଜର ପ୍ରଭାକର ସ୍ୱାଇଁ, ନୋଡାଲ ଅଧିକାରୀ ଯୋଗିନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀ ପ୍ରମୋଦ ପ୍ରତାପ ସିଂ ଗୌତମ ଜେନା, ଆନନ୍ଦ ଚନ୍ଦ୍ର ସାମନ୍ତରାୟ ଗୋପାଳ ବେହେରା ଆନନ୍ଦ ଚନ୍ଦ୍ର ରଣସିଂଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ ଏହି ଅବସରରେ ସମିତିର ୪୦୦ଜଣ ପଞ୍ଜିକୃତ ଚାଷୀ ଟୋକନ ପାଇନଥିବା ଅଭିଯୋଗ କରିଥିଲେ ମୋଟ ୫୩୧ଜଣଙ୍କ ମଧ୍ୟରୁ ୧୫୧ଜଣ ଟୋକନ ପାଇଛନ୍ତି। ଆଜି ୫୦୪କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ସମସ୍ତ ଚାଷୀଙ୍କ ଧାନ ସରକାର ନେବେ। ଏସମ୍ପର୍କରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇଥିବା ପ୍ରକାଶ କରିଥିଲେ। ଯଦି ସମସ୍ତ ଚାଷୀଙ୍କ ଧାନ ନ ନିଅନ୍ତି ତେବେ ସାରୁଅ ଠାରୁ ଦିଘିରି ଯାଏଁ ଜାତୀୟ ରାଜପଥ ୫୭ଉପରେ ଧାନ ବସ୍ତା ରଖି ଅବରୋଧ କରାଯିବ ବୋଲି ସୂଚନା ଦେଇଛନ୍ତି। ପରିଶେଷରେ ସମ୍ପାଦକ ସୁନୀଲ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଉପଜିଲ୍ଲାପାଳଙ୍କୁ ଭେଟିଲେ ଅଧିବକ୍ତା ଓ ଲିଗାଲ ସେଲ

ଖୋର୍ଦ୍ଧା,୨୧।୧(ନି.ପ୍ର): ଖୋର୍ଦ୍ଧା ଉପଜିଲ୍ଲାପାଳ ଭାବେ ସଂକଳ୍ପ ସ୍ୱସ୍ତିକ ସାହୁ ଯୋଗ ଦେବା ପରେ ଖୋର୍ଦ୍ଧା ଜିଲ୍ଲା ଅଧିବକ୍ତା ଓ ଲିଗାଲ ସେଲ ପକ୍ଷରୁ ସଭାପତି ପବିତ୍ର ମୋହନ ରାଜଗୁରୁ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ସଂଯୋଜକ ଲୋତକ ବିନ୍ଦୁ ପଟ୍ଟନାୟକ, ପ୍ରଦୀପ ରାମ, ଅଜିତ ମିଶ୍ର, ପ୍ରଭାତ ମହାପାତ୍ର, ପ୍ରମୁଖ ଉପସ୍ଥିତ ହୋଇ ପୁଷ୍ପଗୁଚ୍ଛ ଦେବା ସହିତ ଖୋର୍ଦ୍ଧା ଆଗମନରେ ଅଭିନନ୍ଦନ ଜଣାଇଥିଲେ । ସେହିପରି ଖୋର୍ଦ୍ଧାର ସାମଗ୍ରିକ ବିକାଶ,



ଉପରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ସରାକାରଙ୍କ ନୀତି ନିୟମ ଭିତରେ ଖୋର୍ଦ୍ଧା ବିକାଶ କାମ କରାଯିବ ବୋଲି ଉପଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ।

## କାମକୁ ଯାଇ ଫେରିଲେନି ଯୁବକ ଥାନାରେ ନିଖୋଜ ଅଭିଯୋଗ

ବଣାଇ,୨୧।୧(ନି.ପ୍ର): କଲର ଓ ପୁଟି ମିସ୍ତ୍ରୀ କାମ କରିବାକୁ ଯାଇ ଜଣେ ଯୁବକ ନିଖୋଜ ହୋଇଥିବା ଘଟଣା ବଣାଇ ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି କରିଛିଛ ଏନେଇ ନିଖୋଜ ଯୁବକଙ୍କ ବାପା ବଣାଇ ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ବଣାଇ ଥାନା ଅନ୍ତର୍ଗତ ବଣାଇଗଡ଼ ସହରରେ ବସବାସ କରୁଥିବା ମହମ୍ମଦ ହସରେ ଆଲମଙ୍କ ପୁଅ ମହମ୍ମଦ ସଲାଉଦ୍ଦିନ (୨୫) ଗତ ରବିବାର ଦିନ ଜାଙ୍ଗଳା ଗ୍ରାମକୁ କଲର ଓ



ପୁଟି କାମ କରିବା ଉଦ୍ଦେଶ୍ୟରେ ଘରୁ ବାହାରିଥିଲେ। କିନ୍ତୁ ସେହି ଦିନ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନଥିବାରୁ ପରିବାର ଲୋକେ ଚିନ୍ତିତ ହୋଇ ପଡ଼ିଥିଲେ। ପରେ ରାତି ପ୍ରାୟ ୧୦ଟା ସମୟରେ ଜଣେ ପରିଚିତ ବ୍ୟକ୍ତି ସଲାଉଦ୍ଦିନଙ୍କ ସାଇକେଲ ଆଣି ଘରେ ରଖିଦେଇଥିଲେ। ସେଠାରୁ ଯୁବକ ଜଣକ ହଠାତ୍ କେଉଁଠି ପଳାଇଯାଇଥିବା ନେଇ ପରିବାର ଲୋକଙ୍କ ସନ୍ଦେହ ଆଉ ଗଭୀର ହୋଇଥିଲା। ନିଖୋଜ ଯୁବକଙ୍କ ବାପା ତାଙ୍କ ପୁଅକୁ ଫୋନ କରିବା ସତ୍ତ୍ୱେ ମୋବାଇଲ ରିଙ୍ଗ ହେଉଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିନଥିଲାଛ ଶେଷରେ ଗତ ୧୪ ତାରିଖ ଦିନ ବଣାଇ ଥାନାରେ ଏନେଇ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା। ଅଭିଯୋଗ ପାଇବା ପରେ ପୋଲିସ କେଶ ନମ୍ବର ୧୮୪/୨୦୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରାଉରକେଲା ପୋଲିସ ଜିଲ୍ଲା ସହ ଅନ୍ୟାନ୍ୟ ଥାନାକୁ ମଧ୍ୟ ଏହି ନିଖୋଜ ଘଟଣା ସମ୍ପର୍କରେ ସୂଚନା ଦିଆଯାଇଛି। ନିଖୋଜ ଯୁବକଙ୍କୁ ଖୋଜିବା ପାଇଁ ବଣାଇ ପୋଲିସ ସତର୍କ ଦୃଷ୍ଟି ରଖି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

## ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଯୋଜନାର ସମୀକ୍ଷା

 କେନ୍ଦ୍ରାପଡ଼ା,୨୧।୧(ନି.ପ୍ର): ଜିଲ୍ଲାପାଳ, ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ ମାନଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗ୍ରାମୀଣ ଉନ୍ନୟନ ଏବଂ ଜନକଲ୍ୟାଣ ଯୋଜନାଗୁଡ଼ିକର ଅଗ୍ରଗତି ଉପରେ ଗଭୀର



ଆଲୋଚନା କରାଯାଇଥିଲା। ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଗ୍ରାମୀଣ ଆବାସ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚୟତା ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା, ଗ୍ରାମ ପଂଚାୟତ ଭବନ, ପଞ୍ଚାୟତ ଲର୍ଣ୍ଣିଂ ସେଣ୍ଟର, ଅଙ୍ଗନବାଡ଼ି କେନ୍ଦ୍ର, ସ୍ୱଚ୍ଛ ଭାରତ ମିଶନ, ଗ୍ରାମୀଣ ଜୀବିକା ମିଶନ, ମିଶନ ଶକ୍ତି, ରୁରାଲ ଇଣ୍ଡଷ୍ଟ୍ରିଆଲ ପାର୍କ, ଏବଂ ସମଗ୍ର ଶିକ୍ଷା ଅଭିଯାନ ଆଦି ବିଷୟରେ ବ୍ଲକ୍‌ୱାର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ ମହୋଦୟ ସମସ୍ତ ବିଡ଼ିଓ ମାନଙ୍କୁ ଯୋଜନାଗୁଡ଼ିକୁ ସମୟବଦ୍ଧ, ଗୁଣାତ୍ମକ ଓ ଲକ୍ଷ୍ୟଭିତ୍ତିକ ଭାବରେ କାର୍ଯ୍ୟକାରୀ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଅସମ୍ପୂର୍ଣ୍ଣ ଓ ଅଧୁରା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସମାପ୍ତ କରି ଜନସାଧାରଣଙ୍କୁ ଲାଭ ପହଞ୍ଚାଇବା ପାଇଁ ସେ ଗୁରୁତ୍ୱ ଦେଇଥିଲେ। ଏହା ସହିତ ଜିଲ୍ଲାପାଳ ମହୋଦୟ ସ୍ପଷ୍ଟ କରିଥିଲେ ଯେ, କ୍ଷେତ୍ର ସ୍ତରରେ ଦାୟିତ୍ୱବୋଧ, ସମନ୍ୱୟ ଓ କାର୍ଯ୍ୟଦକ୍ଷତା ହିଁ ସରକାରୀ ଯୋଜନାର ସଫଳତାର ମୂଳ ଆଧାର। ଲୋକମୁଖୀ ଉନ୍ନୟନ ଓ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ସମସ୍ତ ଅଧିକାରୀଙ୍କୁ ଟିମ୍ ଭାବେ କାମ କରିବାକୁ ସେ ଆହ୍ୱାନ କରିଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ,ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା, ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଯୋଜନାର ନୋଡାଲ ଅଧିକାରୀ ଏବଂ ସମସ୍ତ ବ୍ଲକର ବିଡ଼ିଓ ମାନେ ଉପସ୍ଥିତ ଥିଲେ।

## ମାଣିକେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କଳାହାଣ୍ଡି,୨୧।୧(ନି.ପ୍ର): ସୋମବାର ଦିନ ସ୍ଥାନୀୟ ମାଣିକେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଧର୍ମେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସମ୍ମାନିତ ଅତିଥି ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ରାଧାକାନ୍ତ ଛତ୍ରୀ କ୍ଲଉଗ- ୧ ଅତିରିକ୍ତ ଜିଲ୍ଲା ଶିକ୍ଷା ଆଦିକାରୀ ଶ୍ରୀ ଯୁକ୍ତ ତପିମାନି ଜାନୀ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀମତୀ ସସ୍ମିତା ପଧାନ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ଦେବୀ ପ୍ରସାଦ ଅଚାରୀ ଏବଂ ଗୀତାଞ୍ଜଳି ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ ଅତିଥି ମାନଙ୍କର କରକମଳରେ ବିଦ୍ୟାଳୟର ବାର୍ଷିକ ପତ୍ରିକା ଶର୍ବାଣୀ ଉନ୍ମୋଚନ ହୋଇଥିଲା ଯାହାକି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଆଶୁତୋଷ ଦୁବେ, ଜଗମୋହନ ବିଶ୍ୱାଳ, ଉଦିତ ପ୍ରତାପ ସିଂ, ହୃଦୟ ରଞ୍ଜନ ଜଗଦଲା, ଶିକ୍ଷୟତ୍ରୀ ଶ୍ରୀମତୀ




ସୁଶ୍ରୀ କଲ୍ୟାଣୀ ଦାଶ ଏବଂ ମୁଖ୍ୟ ବକ୍ତା ରୂପେ ନାଟ୍ୟଶ୍ରୀ ମନୋଜ ରଥ, ଏବଂ କବି ତଥା ସାମ୍ବାଦିକ କାର୍ତ୍ତିକେଶ୍ୱର ନନ୍ଦ ଯୋଗ ଦେଇଥିଲେ । ବିଦ୍ୟାଳୟର ଛାତ୍ରୀ ମାନେ ସୁମଧୁର କଣ୍ଠରେ ସ୍ୱାଗତ ସଂଗୀତ ପରିବେଶନ କରିଥିଲେ ପ୍ରଧାନ ଶିକ୍ଷକ ଶ୍ରୀ ଯୁକ୍ତ ପ୍ରଧାନ ବିଦ୍ୟାଳୟର ଚଳିତ ବର୍ଷର ବିବରଣୀ ପାଠ କରିଥିଲେ ବିଭିନ୍ନ ପ୍ରତିଯୋଗୀତାରେ ବିଜେତା ହୋଇଥିବାଇ ଛାତ୍ରଛାତ୍ରୀ ମାନେ ସମ୍ମାନିତ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମ ବରିଷ୍ଠ ଶିକ୍ଷକ ରାଜୁ କୁମାର ସାହୁ, ଶ୍ରୀ ମତୀ ପ୍ରତିଭା ସାହୁ ଓ ପ୍ରଗତି ସେଠ ଗୀତାଞ୍ଜଳି ନାଏକ ସୂଦୀପ୍ତା ଦାଶ ଆନନ୍ଦିନୀ ଠାକୁର ଟିଲୋତ୍ତମା ବାରିକ, ସୋଫିକା ପ୍ରଧାନ, ଆକାଂକ୍ଷା ସାହୁ, ଶୁଭଶ୍ରୀ ମହାନ୍ତି, ସୁଦେଷ୍ଣା ନାୟକ ରଙ୍ଗରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟାକ୍ରମକୁ ଶିକ୍ଷୟତ୍ରୀ ନିରୁପମା ମଲ୍ଲିକ, ସ୍ୱପ୍ନା ପ୍ରଧାନ, ହେମା ସାଠୁଆ, ଲୋକନାଥ ନାଏକ, ପୁଷ୍ପାଞ୍ଜଳି ବେହେରା ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ଗୋକୁଳ ଚନ୍ଦ୍ର ସାହୁ, ଧବଳେଶ୍ୱର ସିଂ, ସଂଜୀବ ଗୌଡ଼, ନରେଶ ମାଝୀ ସହଯୋଗ କରି ଥିଲେ। ପରିଶେଷରେ ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ରାଜୁ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଇଏସ୍ଆଇସି ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ ଓ ମେଡିକାଲ୍ କଲେଜ ପ୍ରତିଷ୍ଠା ପାଇଁ ସିଆଇଟିୟୁ ପକ୍ଷରୁ ଦାବି

ରାଉରକେଲା,୨୧।୧(ନି.ପ୍ର): ସିଆଇଟିୟୁ ପକ୍ଷରୁ ରାଉରକେଲାରେ ଇଏସ୍ଆଇସି ସୁପର ସ୍ପେଶିଆଲିଷ୍ଟ ହସ୍ପିଟାଲ ଓ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କରାଯିବା ନେଇ ଦାବି କରାଯାଇଛି। ଏ ନେଇ ଏକ




ବୈଠକ ସେକ୍ଟର-୧୬ ସ୍ଥିତ ସିଆଇଟିୟୁ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ସିଆଇଟିୟୁର ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତିଙ୍କ ସମେତ ସିଆଇଟିୟୁର ରାଜ୍ୟ ସମ୍ପାଦକ ବିମାନ ମାଇତି, ଜାହାଙ୍ଗୀର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍ତାରଣ ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ

କଣ୍ଟାପଡ଼ା,୨୧।୧(ନି.ପ୍ର): କଣ୍ଟାପଡା ବ୍ଲକ୍ ଉତ୍ତାରଣ ସେବା ସମବାୟ ସମିତି ରେ ଚଳିତ ବର୍ଷର ପ୍ରଥମ ଧାନ ମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ଏହି ମଣ୍ଡି କୁ ଉକ୍ତ ସେବା ସମବାୟ ସମିତି ର ସଭାପତି ଉଦ୍‌ଘାଟନ କରିଥିବା ବେଳେ ବରିଷ୍ଠ ଚାଷୀ ବଳଭଦ୍ର ମିଶ୍ର ନଡ଼ିଆ ବାଡେଇ ପ୍ରଥମ ଧାନ ଦେଇଥିଲେ। ଏହି ଉଦଘାଟନି ଉତ୍ସବରେ ଅତିଥି ମାନଙ୍କ ମଧ୍ୟରେ ଉତ୍ତାରଣ କାନାଡ଼ା ବ୍ୟାଙ୍କର ପରିଚାଳକ ସିଦ୍ଧାର୍ଥ ପ୍ରଧାନ, ସହ ପରିଚାଳକ ଅଭିନନ୍ଦ ମହାନ୍ତି, ସ୍ନେହା ନାଏକ,



ପୂର୍ବତନ ସରପଞ୍ଚ ଟୁନି ଭୋଇ, ପୂର୍ବତନ ସମ୍ପାଦକ ଆର୍ତ୍ତ ତ୍ରାଣ ବିଶ୍ୱାଳ, ସାମ୍ବାଦିକ ତଥା ଚାଷୀ ଶରତ କୁମାର ସାହୁ, ଅଜେନ୍ଦ୍ର ଦୀକ୍ଷିତ୍, ବଂଶୀଧର ବେହେରା ଉପସ୍ଥିତ ରହିଥିଲେ। ଉକ୍ତ ସେବା ସମବାୟ ସମିତି ରେ ୧୯ ଜଣ ଚାଷୀ ୬୭୦ କ୍ୱିଣ୍ଟାଲ୍ ଧାନ ଉକ୍ତ ମଣ୍ଡି ରେ ଧାନ ଦେଇଛନ୍ତି। ସେମାନେ ହେଲେ ଯୋଗେନ୍ଦ୍ର ନାଥ ବରାଳ, ପବନି କୁମାର ଚୌଧୁରୀ, ଜଗବନ୍ଧୁ ନାୟକ, ପ୍ରକାଶ ଚନ୍ଦ୍ର ଜେନା, ଶଶିକାନ୍ତ ସୁନ୍ଦର ରାୟ, ବ୍ରଜ କିଶୋର ମୁଦୁଲି, ତପନ କୁମାର ସ୍ୱାଇଁ, କାଳନ୍ଦୀ ଚରଣ ଜେନା,ସୁଧୀର କୁମାର ମହାପାତ୍ରଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ରହିଥିଲେ। ଏହାକୁ ସେବା ସମବାୟ ସମିତି ର ସମ୍ପାଦକ କ୍ଷୀରଦୋ ମିଳିକ୍,ଡିଓ ବିଶ୍ୱଜିତ୍ ସୁଇଁ, ସୁକାନ୍ତ ଭୋଇ, ଭଗବାନ ମଲ୍ଲିକ୍ ପରିଚାଳନା କହିଥିଲେ ।

## ସଫ୍ଟବଲ ପ୍ରତିଯୋଗୀତାରେ କୁଲୁଣ୍ଡା ସ୍କୁଲର ୨ ଛାତ୍ରଛାତ୍ରୀ

ବିନିକା,୨୧।୧(ନି.ପ୍ର): ଓଡ଼ିଶା ବିଦ୍ୟାଳୟ ସ୍ପୋର୍ଟସ ଆସୋସିସନ ପକ୍ଷରୁ ବାଲେଶ୍ୱରର ଖ୍ରୀଷ୍ଟିଆନ ହାଇସ୍କୁଲରେ ୧୭ ବର୍ଷ ରୁ କମ ବାଳକ ଓ ବାଳିକା ବିଭାଗ ର ସଫ୍ଟବଲ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିନିକା ବ୍ଲକ କୁଲୁଣ୍ଡା



ପଞ୍ଚାୟତ ହାଇସ୍କୁଲର ଛାତ୍ର ସ୍ୱାଗତ ଡ଼ାଙ୍ଗ ଓ ଛାତ୍ରୀ ସ୍ମୃତି ନାଗ ଜାତୀୟସ୍ତର ପ୍ରତିଯୋଗୀତା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ଫେବୃୟାରୀ ୪ ତାରିଖ ଛତିଶଗଡ଼ ର ବିଲାସପୁର ଠାରେ ହେବାକୁ ଥିବା ଜାତୀୟ ସ୍ତରୀୟ ସଫ୍ଟବଲ ପ୍ରତିଯୋଗୀତାରେ ଖେଳିବାପାଇଁ ଭାଗ ନେବେ । ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି ।

## କାରରେ ପିଟିହେଲା ବାଇକ ଘଟଣା ସ୍ଥଳରେ ଚାଳକଙ୍କ ମୃତ୍ୟୁ

ଜଟଣୀ,୨୧।୧(ନି.ପ୍ର): ଖୋର୍ଦ୍ଧା-ଜଟଣୀ-ପିପିଲି ମୁଖ୍ୟ ରାସ୍ତାରେ ଏକ କାରରେ ପିଟି ହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି । ସ୍ଥାନୀୟ ଜଟଣୀ ସବ ରେଜିଷ୍ଟ୍ରାର ଅଫିସ ସାମ୍ନାରେ ଏହି ଦୁର୍ଘଟଣା ଘଟିଛି। ମୃତ ଯୁବକ ହେଲେ କଟକ ଜିଲ୍ଲା ବାଙ୍କି ଥାନା ସମନ୍ତରାପୁରର ବିକାଶ କୁମାର ରଥ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଅନ୍ୟପଟେ ଦୁର୍ଘଟଣାଗ୍ରସ୍ତ ବାଇକ ସମେତ ଗୋଟିଏ କାର ଓ ପିକ୍ ଅପକୁ ଭ୍ୟାନକୁ ଘଟଣାସ୍ଥଳରୁପୋଲିସ ଜବତ କରିଛି । ସୂଚନା ମୁତାବକ, ଆଜି ଅପରାହ୍ନ ସମୟରେ (ଏମପି-୦୪-ସିଏସ-୪୨୮୧) ବିଶିଷ୍ଟ ଏକ କାର ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ସାମ୍ନାରେ ଥିବା ଡିଭାଇଡରରେ ଖୋର୍ଦ୍ଧା ଆଡ଼କୁ ଯିବା ପାଇଁ ୟୁ-ଟର୍ଣ୍ଣ ନେବା ବେଳେ ଖୋର୍ଦ୍ଧା ଆଡୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ ସିଧା କାରକୁ ପିଟିଥିଲାଛ ଘଟଣାସ୍ଥଳରେ ବାଇକ ଚାଳକ ତଳେ ପଡ଼ିଯାଇଥିଲେଛ ଏହି ସମୟରେ ପଛରୁ ଆସୁଥିବା ଏକ ପିକ୍ ଅପ୍ ଭ୍ୟାନ୍ (ଓଡି୦୨ସିଏକ୍ସ୪୮୬୮) ଯୁବକଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲାଛ ଘଟଣାସ୍ଥଳରେ ହିଁ ବିକାଶଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୩ଟିକୁ ଜବତ କରିଛି।

## ଅଭିଳାଷ ବୃଦ୍ଧାଶ୍ରମରେ ନିଶୁଳ୍କ ଚକ୍ଷୁ ଚିକିତ୍ସା

ଖୋର୍ଦ୍ଧା,୨୧।୧(ନି.ପ୍ର): ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ଅଭିଳାଷ ବୃଦ୍ଧାଶ୍ରମରେ ଏକ ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ଖଣ୍ଡଗିରି ଓ ଅଭିଳାଷ ଚାରିଟେବଲ୍ ଟ୍ରଷ୍ଟର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରରେ ଚାଳିଶରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରଯିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ରୋଟାରୀ କ୍ଲବ ସଭାପତି ନିରୁପମା



ନାୟକଙ୍କ ନେତୃତ୍ୱରେ ଡାକ୍ତର ଆଲୋକ କୁମାର ସାହୁ ଏବଂ ତାଙ୍କ ସହଯୋଗୀମାନେ ରୋଗୀମାନଙ୍କର ଚକ୍ଷୁ ଚିକିତ୍ସା ସହ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ ।

## ରାଜ୍ୟ କିକ୍ ବକ୍ସିଂ: ମୁନି ଓରାମଙ୍କୁ ରୌପ୍ୟ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ

ବଣାଇ,୨୧।୧(ନି.ପ୍ର): ବଣାଇ ଉପଖଣ୍ଡର ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ନରେନ୍ଦ୍ର ଗ୍ରାମ ପଞ୍ଚାୟତର ବଡ଼ପଡ଼ା ଗାଁର ସାହସୀ ଝିଅ ମୁନି ଓରାମ ରାଜ୍ୟସ୍ତରୀୟ କିକ୍ ବକ୍ସିଂ ଲିଗ୍ରେ ଉଲ୍ଲେଖନୀୟ ସଫଳତା ହାସଲ କରି ବଣାଇ ଅଞ୍ଚଳକୁ ଗର୍ବିତ କରିଛନ୍ତି। ଯାଜପୁର ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍ଡୋର ଷ୍ଟାଡିୟରେ ଆୟୋଜିତ ମହିଳା କିକ୍ ବକ୍ସିଂ ଲିଗ୍ରେ ସେ ଜିଲ୍ଲା ଦଳ ପକ୍ଷରୁ ଅଂଶଗ୍ରହଣ କରିଥିଲେ। ଲୋ-କିକ୍ ବର୍ଗରେ ଉଚ୍ଚ କୋଟିର ପ୍ରଦର୍ଶନ କରି ୫୨ କିଲୋ ଓଜନ ବର୍ଗରେ ମୁନି ଓରାମ ରୌପ୍ୟ ପଦକ



ହାସଲ କରିଛନ୍ତି। ଏହା ସହିତ ସେ ବଣାଇ ଉପଖଣ୍ଡର ପ୍ରଥମ ମହିଳା କିକ୍ ବକ୍ସିଂ ଖେଳାଳୀ ଭାବେ ରାଜ୍ୟ ସ୍ତରରେ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି। ଆଦିବାସୀ ଗରିବ ପରିବାରରୁ ଆସିଥିବା ମୁନି ପିଲାବେଳୁ ଆର୍ଥିକ ଅଭାବ ଓ ଅନଟନ ମଧ୍ୟରେ ବଢ଼ିଛନ୍ତି। ସେଥିରେ ମଧ୍ୟ ଅଦମ୍ୟ ମନୋବଳ, କଠୋର ଅଭ୍ୟାସ ଓ ସ୍ୱପ୍ନକୁ ସାକାର କରିବାର ଆଗ୍ରହ ତାଙ୍କୁ ଏହି ସଫଳତା ମଞ୍ଚକୁ ପହଞ୍ଚାଇଛି। ରାଜ୍ୟ ସ୍ତରରେ ଏହି ଉତ୍କୃଷ୍ଟ ପ୍ରଦର୍ଶନ ପରେ ଆସନ୍ତା ମାର୍ଚ୍ଚ ମାସରେ କର୍ଣ୍ଣାଟକ ରାଜ୍ୟର ବେଙ୍ଗାଲୁରୁରେ ହେବାକୁ ଥିବା ଜାତୀୟ ସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତା ପାଇଁ ମୁନି ଓରାମଙ୍କୁ ମନୋନୀତ କରାଯାଇଛି। ମୁନି କହିଛନ୍ତି, ଯଦି ସରକାର କିମ୍ବା କୌଣସି ସଂସ୍ଥାରୁ ଯଥାଯଥ ସହାୟତା ମିଳେ, ତେବେ ସେ ଜାତୀୟ ସ୍ତରରେ ଆଉ ଭଲ ପ୍ରଦର୍ଶନ କରି ରାଜ୍ୟ ସହ ଦେଶ ପାଇଁ ଗୌରବ ଆଣିପାରିବେ। ମୁନି ଓରାମଙ୍କ ଏହି ସଫଳତା ପାଇଁ ବଣାଇ ଉପଖଣ୍ଡ ସହ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଥିଲା ଜଣା ପଡିଛି।

## ଗଞ୍ଜେଇ ଜବତ, ଜଣେ ଗିରଫ

ବୌଦ୍ଧ,୨୧।୧(ନି.ପ୍ର): ବୌଦ୍ଧ ଜିଲ୍ଲା ବାଉଁଶୁଣୀ ପୋଲିସ୍ ଦ୍ୱାରା ୨୨ କେଜି ୨୦୦ ଗ୍ରାମ୍ ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ ମନମୁଣ୍ଡା ଥାନା ଅନ୍ତର୍ଗତ ବଡ଼ଡୁଙ୍ଗୁରିପାଲି ଗ୍ରାମର ପ୍ରଭାସ କର୍ମୀ (୩୭) ଓ ଅନ୍ୟ ଜଣେ ସହଯୋଗୀ ବାଉଁଶୁଣୀ ଥାନା ଅନ୍ତର୍ଗତ ବାଦିକଟା-ଜୁରାମୁଣ୍ଡା ରାସ୍ତାରେ ଗଞ୍ଜେଇ ନେଇ ଯାଉଥିବା କୌଣସି ସୂତ୍ରରୁ ପୋଲିସ୍ ଖବର ପାଇ ଚଢ଼ାଉ କରିଥିଲା । ପୋଲିସ୍ ଦେଖି ଜଣେ ଅଭିଯୁକ୍ତ ଫେରାର୍ ମାରିଥିବା ବେଳେ ପୋଲିସ୍ ହାବୁଡ଼ାରେ ପଡ଼ିଥିବା ପ୍ରଭାସ କର୍ମୀକୁ ଗିରଫ କରିବା ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କଲାପରେ ୨୨ କେଜି ୨୦୦ ଗ୍ରାମ ଗଞ୍ଜେଇ ଥିବା ଜଣାପଡିଥିଲାଛ ଆଜି ଅଭିଯୁକ୍ତ ପ୍ରଭାସ କର୍ମୀକୁ କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ଅଭିଯୁକ୍ତକୁ ଖୁବଶୀଘ୍ର ଧରାଯିବ ବୋଲି ବାଉଁଶୁଣୀ ଥାନା ଅଧିକାରୀ ବବିତା ସାହୁ ସୂଚନା ଦେଇଛନ୍ତି ।

## ଖଣି ଅଞ୍ଚଳରେ ନିଆରା ପଦକ୍ଷେପ: ଟାଟା ଷ୍ଟିଲ ଫାଉଣ୍ଡେସନ ସହଯୋଗରେ ଷ୍ଟ୍ରବେରୀ ଚାଷ କରି ଉଦାହରଣ ପାଲଟିଛନ୍ତି ଗଙ୍ଗାଧର

ଯୋଡ଼ା/କୋଇଡା,୨୧।୧(ନି.ପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ଅଞ୍ଚଳର ଲାଲ ମାଟିରେ ଚାଷର ନୂଆ ଅଧ୍ୟାୟ ଆରମ୍ଭ କରିଛନ୍ତି ଚମକପୁର ପଞ୍ଚାୟତ ଅଧୀନ ରେଭେନ୍ସାପୁର (କ) ଗାଁର ଗଙ୍ଗାଧର ମୁଣ୍ଡା। ସ୍ଥାନୀୟ ବୃଦ୍ଧାଶ୍ରମ ନିକଟସ୍ଥ ସୁନା ନଦୀ କୂଳରେ ଆଧୁନିକ ପଦ୍ଧତିରେ ଚାଷ କରି ସଫଳତାର ନୂଆ କାହାଣୀ ଲେଖିଛନ୍ତି ଗଙ୍ଗାଧର । ଟାଟା ଷ୍ଟିଲ୍ ଫାଉଣ୍ଡେସନର ସହଯୋଗ ଫଳରେ ପ୍ରାକୃତିକ ପଦ୍ଧତିରେ ଚାଷ କରି ଆଜି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ୨୦୨୦ ମସିହାରେ ଏକ ସରକାରୀ ପ୍ରକଳ୍ପ ପାଇଁ ନିଜ ଜମି ହରାଇବା ପରେ ଗଙ୍ଗାଧର ଯୋଡ଼ା ଅଞ୍ଚଳକୁ ଆସିଥିଲେ। ଜମିହରା ପରିବାରର ଅଧିକାଂଶ ଲୋକ ଖଣିରେ ଶ୍ରମିକ ଭାବେ କାମ କରୁଥିବା ବେଳେ ଗଙ୍ଗାଧର କିନ୍ତୁ ପିଲାଦିନର ସ୍ୱପ୍ନକୁ ସାକାର କରିବା ପାଇଁ ଲାଗିପଡ଼ିଥିଲେ। ସ୍କୁଲରେ ପାଠ ପଢିବା ବେଳେ ସେ ଯେତେବେଳେ କହୁଥିଲେ ମୁଁ 'କୃଷକ' ହେବି, ସେତେବେଳେ ଅନ୍ୟମାନେ ତାଙ୍କ କଥାକୁ ହସରେ ଉଡାଇ ଦେଉଥିଲେ। ହେଲେ ସେହି ସ୍ୱପ୍ନକୁ ବାସ୍ତବ ରୂପ ଦେବାକୁ ଅଣ୍ଟା ଭିଡ଼ିଥିଲେ ଗଙ୍ଗାଧର। ସ୍ଥାନୀୟ ଜମି ମାଲିକ ମାନଙ୍କ ସହଯୋଗରେ ପଡ଼ିଆ ପଡ଼ିଥିବା ଚାରି ଏକର ଜମିକୁ ଉଦ୍ଧାର କରି ସେଠାରେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ଜମି ମାଲିକଙ୍କୁ ବୁଝାଇବା ଓ ସେ ମାଟିରେ କିଭଳି ଚାଷ କରାଯାଇପାରିବ ଜାଣିବାକୁ ୩ ମାସ ସମୟ ଲାଗିଥିଲା।। ପ୍ରାରମ୍ଭିକ ପର୍ଯ୍ୟାୟରେ ରାସାୟନିକ ସାର ବ୍ୟବହାର ପରେ ମାଟିର ଉର୍ବରତା ହ୍ରାସ ପାଉଥିବା ଦେଖି ଗଙ୍ଗାଧର ଚିନ୍ତିତ ଥିଲେ। ଏହି ସମୟରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ତାଙ୍କୁ ସହାୟତାର ହାତ ବଢ଼ାଇଥିଲା। ଫାଉଣ୍ଡେସନ ପକ୍ଷରୁ



ତାଙ୍କୁ ମଲ୍ଚିଂ, ବୀଜାମୃତ ଏବଂ ଜୀବାମୃତ ଭଳି ପ୍ରାକୃତିକ ଚାଷ ପ୍ରଣାଳୀ ବାବଦରେ ପ୍ରଶିକ୍ଷଣ ଦିଆଯାଇଥିଲା।। ଏହାଦ୍ୱାରା ଚାଷ ଖର୍ଚ୍ଚ କମିବା ସହ ଅମଳ ମଧ୍ୟ ବୃଦ୍ଧି ପାଇଲା। ଜମିରେ ବିଭିନ୍ନ ପ୍ରକାରର ପନିପରିବା, ଶାଗ ଏବଂ ପିଜୁଳି, ଅମୃତଭଣ୍ଡା ଭଳି ଫଳ ଚାଷ କରିବା ସହ ଷ୍ଟ୍ରବେରୀ ଚାଷ କରି ଗଙ୍ଗାଧର ସମସ୍ତଙ୍କୁ ଚକିତ କରିଦେଇଛନ୍ତି । ବିଗତ ତିନିବର୍ଷ ଧରି ଏହି ଜମିରେ ଷ୍ଟ୍ରବେରୀ ଚାଷ କରିଆସୁଥିବା ଗଙ୍ଗାଧର କହନ୍ତି ଷ୍ଟ୍ରବେରୀ ଏକ ଲାଭଦାୟକ ଚାଷ । ଏ ଅଞ୍ଚଳର ଜଳବାୟୁ ଦେଖି ମୁଁ ପ୍ରଥମେ ଆଶଙ୍କାରେ ଥିଲ,କିନ୍ତୁ ଚାଷ କଲାପରେ ଜାଣି ପାରିଲି ଏହି ଚାଷ ମଧ୍ୟ ଏଭଳି ଜାଗାରେ ହୋଇ ପାରିବ । ଏହା ମୋତେ ପ୍ରେରଣା ମଧ୍ୟ ଦେଇଛି ଆଗକୁ ଅଧିକରୁ ଅଧିକ ଚାଷ କରିବା ପାଇଁ। ଏ ସମସ୍ତ ସହାୟତା ଏବଂ ମାର୍ଗଦର୍ଶନ ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନକୁ ଧନ୍ୟବାଦ । ସେ କହନ୍ତି, ଏହି ଷ୍ଟ୍ରବେରୀ ଚାଷରୁ ବାର୍ଷିକ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ପାଆନ୍ତି । ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ପଲିହାଉସ୍, ବିହନ ଏବଂ ବୈଷୟିକ ପରାମର୍ଶ ବଳରେ ସେ ମାସିକ ପ୍ରାୟ ୨୬,୦୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି । ଖଣି ଗୁଣ୍ଡରୁ ଫସଲକୁ ସୁରକ୍ଷା ଦେବା ପାଇଁ ସେ ଡ୍ରିପ୍ ଇରିଗେସନ୍ ଏବଂ ସ୍ପ୍ରିଙ୍କଲର ବ୍ୟବହାର କରୁଛନ୍ତି । ଚାଷ ପାଇଁ ଆଗ୍ରହୀ ଥିବା ଆଖପାଖ ଅଞ୍ଚଳର ଅନେକ ଲୋକ ଗଙ୍ଗାଧରଙ୍କ ଫସଲ ବୁଲି ଦେଖିବା ସହ ତାଙ୍କଠାରୁ ପ୍ରାକୃତିକ ଚାଷ ପ୍ରଣାଳୀ ସମ୍ପର୍କରେ ପଚାରି ବୁଝୁଛନ୍ତି। ଖଣିର ଛାଇ ତଳେ ଗଙ୍ଗାଧର ବୁଣିଥିବା ଏହି ସବୁଜ ସ୍ୱପ୍ନ ଆଜି ସାରା କେନ୍ଦୁଝର ଜିଲ୍ଲାର ଚାଷୀଙ୍କୁ ଏକ ନୂଆ ଦିଗ ଦେଖାଇଛି । ଗଙ୍ଗାଧରଙ୍କ ସଫଳତା ସମ୍ପର୍କରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଯୋଡ଼ା ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ରବୀନ୍ଦ୍ର କୁମାର କହିଛନ୍ତି, ଗଙ୍ଗାଧରଙ୍କ ସଫଳତା ପ୍ରମାଣ କରିଛି ଯେ, ସଠିକ୍ କୌଶଳ ଏବଂ ସହଯୋଗ ମିଳିପାରିଲେ ପ୍ରତିକୂଳ ପରିବେଶରେ ମଧ୍ୟ କୃଷିକୁ ଜୀବିକା ଭାବେ ଗ୍ରହଣ କରାଯାଇପାରିବ।

# ବାଲିମେଳା ଜଳବିଦ୍ୟୁତ କେନ୍ଦ୍ରରେ ବହୁତଳ ବାସ ଗୃହ ନିର୍ମାଣକୁ ନେଇ ପ୍ରଶ୍ନବାଚୀ



କୋରୁକୋଣ୍ଡା,୨୧।୧(ନି.ପ୍ର): ମାଲକାନଗିରି ଜିଲ୍ଲା ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ର ଅଧୀନରେ ସର୍ବମୋଟ ୬୩୦ଟି ବାସଗୃହ ଅଛି। ବର୍ତ୍ତମାନ ଜଳ ବିଦ୍ୟୁତ କେନ୍ଦ୍ରର ରକ୍ଷଣ ବେକ୍ଷଣ ପାଇଁ ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ରରେ ସର୍ବମୋଟ ୨୭୧ଟି ବିଭିନ୍ନ ବର୍ଗର କର୍ମଚାରୀ ଆବଶ୍ୟକ କରୁଥିବା ସ୍ଥଳେ ଅଦ୍ୟାବଧି ଅଧାରୁ ଅଧିକ ଗୃହ ବଳକା ରହୁଛି ଓ ଏହି ସବୁ ଗୃହ ମାନଙ୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧୁ ଚନ୍ଦ୍ରିକାରେ ଅସାଧୁ ବ୍ୟକ୍ତି ବ୍ୟବସାୟୀ ତଥା ଅନ୍ୟାନ୍ୟ ଶ୍ରମିକ କର୍ମଚାରୀ ମାନେ ରହୁଛନ୍ତି। ବର୍ତ୍ତମାନ ପ୍ରଶ୍ନ ଉଠୁଛି ବହୁତଳ ବିଶିଷ୍ଟ ଆବାସ ଗୃହ ନିର୍ମାଣ କରି ରାଜସ୍ୱକୁ ଦୁରୁପଯୋଗ କରାଯାଉଛି। ଏହି ଗୃହ ନିର୍ମାଣର ଆବଶ୍ୟକତା ତଥା ଗୃହ ନିର୍ମାଣ ନିମନ୍ତେ କେଉଁ ପାଣ୍ଠି ବିନିଯୋଗ କରାଯାଉଛି ତାର ଉପଯୁକ୍ତ ତଦନ୍ତ କରିବା ସହ ବଳକା ଥିବା ଗୃହ ଗୁଡ଼ିକ ଏହି ଯୋଜନାରେ କାର୍ଯ୍ୟ କରିଥିବା ଅବସର ପ୍ରାପ୍ତ କର୍ମଚାରୀ ତଥା ମୃତ ଶ୍ରମିକ ପରିବାରକୁ ରିହାତି ଦରରେ ଭଡ଼ା ସୂତ୍ରରେ ବଳକା ଥିବା ଗୃହ ପ୍ରଦାନ କରିଥିଲେ ଏହି ଯୋଜନା ନିମନ୍ତେ ଶ୍ରମଦାନ କରିଥିବା ଶ୍ରମିକ ମାନଙ୍କୁ ନ୍ୟାୟ ପ୍ରଦାନରେ ସହାୟକ ହୋଇପାରିବ ବୋଲି ଅବସର ପ୍ରାପ୍ତ ଶ୍ରମିକ ଓ କର୍ମଚାରୀ ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି। ଓଡ଼ିଶା ଜଳ ବିଦ୍ୟୁତ ନିଗମ ଏଥିପ୍ରତି ଦୃଷ୍ଟିପାତ କରି ସୁବିଚାର କରାଯିବା ଉଚିତ।

## ନିର୍ମାଣ ପରଠୁ ବିଏସଏନଏଲ ଟାୱାର ଅଚଳ

# ଅନ୍ଧାରରେ ଗରୁଟି ଗ୍ରାମବାସୀ: ମରାମତି ଦାବି

ଟିକାବାଲି,୨୧।୧(ନି.ପ୍ର): ସାରା ଦେଶ ଯେତେବେଳେ ୫ଜି (5G) ସେବା ଅତିକ୍ରମ କରି ୬ଜି (6G) ଅଭିମୁଖେ ଅଗ୍ରସର ହେଉଛି, ସେତିକିବେଳେ କନ୍ଧମାଳ ଜିଲ୍ଲାର ଏକ ଉପାନ୍ତ ଅଞ୍ଚଳରେ ମୋବାଇଲ୍ ନେଟୱାର୍କ ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟିକାବାଲି ବ୍ଲକ ଅନ୍ତର୍ଗତ ଗାର୍ଡିଙ୍ଗିଆ ପଞ୍ଚାୟତର ଗିରୁଟି ଗାଁରେ ଥିବା ବିଏସଏନଏଲ ଟାୱାର ଦୀର୍ଘ ତିନି ବର୍ଷରୁ ଅଧିକ ସମୟ ଧରି ଅଚଳ ହୋଇ ପଡ଼ିରହିଛି। ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ସ୍ଥାନୀୟ ଅଞ୍ଚଳରେ ଏକ ପ୍ରକାର 'ଡିଜିଟାଲ୍ ଅନ୍ଧକାର' ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଗିରୁଟି ଗାଁ ସ୍କୁଲ ନିକଟରେ ସ୍ଥାପିତ ଏହି ଟାୱାରଟି ନିର୍ମାଣର କିଛି ଦିନ ପରେ ଭୟଙ୍କର ବଜ୍ରପାତରେ କ୍ଷତିଗ୍ରସ୍ତ ହୋଇଥିଲା। ସେହିଦିନଠାରୁ ଟାୱାରଟି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ତିନି ବର୍ଷ ବିତିଯାଇଥିଲେ ମଧ୍ୟ ନା ବିଭାଗୀୟ କର୍ତ୍ତୃପକ୍ଷ ନା ସରକାର ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଉଛନ୍ତି। ନେଟୱାର୍କ ନଥିବା ଯୋଗୁଁ ସବୁଠାରୁ ଅଧିକ ପ୍ରଭାବିତ ହେଉଛି ଜରୁରୀକାଳୀନ ସେବା। ଗାଁରେ କାହାର ଦେହ ଖରାପ ହେଲେ ଆମ୍ବୁଲାନ୍ସକୁ ଫୋନ୍ କରିବା ସମ୍ଭବ ହେଉନାହିଁ। ସେହିପରି ଅଗ୍ନିକାଣ୍ଡ କିମ୍ବା ପୋଲିସ ସହାୟତା ଆବଶ୍ୟକ ପଡ଼ିଲେ ଲୋକଙ୍କୁ ଅନେକ କିଲୋମିଟର ଦୂରକୁ ଯାଇ ନେଟୱାର୍କ ଖୋଜିବାକୁ ପଡୁଛି। ଏହା ବ୍ୟତୀତ ଛାତ୍ରଛାତ୍ରୀମାନେ ଅନଲାଇନ୍ ପାଠପଢ଼ା ଏବଂ ସରକାରୀ ଯୋଜନାର ଅନଲାଇନ୍ ସୁବିଧାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଟାୱାର ଅଛି କିନ୍ତୁ କାମ କରୁନି, ଏହାଠାରୁ ବଡ଼ ବିଡ଼ମ୍ବନା ଆଉ କ'ଣ ହୋଇପାରେ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ବିଭିନ୍ନ ସମୟରେ ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଯଦି ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ନହୁଏ, ତେବେ ଅଞ୍ଚଳବାସୀ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ତୁରନ୍ତ ଏହି ଟାୱାର ମରାମତି କରାଯାଇ ଗିରୁଟି ଏବଂ ଆଖପାଖ ଅଞ୍ଚଳକୁ ମୋବାଇଲ୍ ସେବା ଯୋଗାଇ ଦେବାକୁ ଗାର୍ଡିଙ୍ଗିଆ ପଞ୍ଚାୟତବାସୀ ଜିଲ୍ଲା ପ୍ରଶାସନ ଓ ବିଏସଏନଏଲ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

## ଓଡ଼ିଶୀ ନୃତ୍ୟ ଗୁରୁ ଭାନୁପ୍ରିୟାଙ୍କୁ ନିତ୍ୟ ଶିଖର ଶିରୋମଣି ସମ୍ମାନ



କେନ୍ଦ୍ରାପଡ଼ା,୨୧।୧(ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବ ପ୍ରାଚୀନ ନୃତ୍ୟ ସଂଗୀତ ଅନୁଷ୍ଠାନ ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନର ନୃତ୍ୟଗୁରୁ ସୁଶ୍ରୀ ଭାନୁପ୍ରିୟା ଖଟୁଆଙ୍କୁ ନିତ୍ୟମ କଳାକ୍ଷେତ୍ର ପକ୍ଷରୁ ଆୟୋଜିତ ଚଳିତ ବର୍ଷର ଘୁଂଘୁର ଉତ୍ସବରେ ନିତ୍ୟ ଶିଖର ଶିରୋମଣି ସମ୍ମାନରେ ସମ୍ମାନିତ କରାଯାଇଛି । ଭୁବନେଶ୍ୱରସ୍ଥିତ ଗୁରୁ କେଳୁ ଚରଣ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରର ଉତ୍କଳ ରଙ୍ଗମଞ୍ଚ ଠାରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ କଳାକାର କୁନି ମିଶ୍ର ସୁଶ୍ରୀ ଭାନୁପ୍ରିୟାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ । ବିଶିଷ୍ଟ ନୃତ୍ୟ ଗୁରୁ ମୀରା ଦାଶଙ୍କୁ ଚଳିତ ବର୍ଷର ଘୁଘୁର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ରଂଜନ କୁମାର ଦାସ, ବିଶିଷ୍ଟ ଓଡ଼ିଶୀ ଗୁରୁ ଭରତ ଚରଣ ଗିରୀ, ଓଡ଼ିଶୀ ଗୁରୁ ମଂଜୁଶ୍ରୀ ପଣ୍ଡା, ଓଡ଼ିଶୀ ଗୁରୁ ଅଶୋକ ଘୋଷାଲ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ତିନି ଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ ଦେଶର ବିଭିନ୍ନ ପ୍ରାନ୍ତରୁ ୨୫୦ରୁ ଉର୍ଦ୍ଧ୍ୱ ନୃତ୍ୟ ଗୁରୁ ଯୋଗଦାନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଶୁଭେନ୍ଦୁ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୂର୍ବରୁ ସୁଶ୍ରୀ ଭାନୁପ୍ରିୟା ରାଜ୍ୟ ଓ ଜାତୀୟ ସ୍ତରରେ ବହୁ ସମ୍ମାନ ଓ ପୁରସ୍କାର ର ଅଧିକାରୀଣୀ ହୋଇଛନ୍ତି । ତେବେ ସମ୍ମାନଜନକ ନିତ୍ୟ ଶିଖର ଶିରୋମଣି ସମ୍ମାନ ଲାଭ କରିବା ସହିତ କେନ୍ଦ୍ରାପଡ଼ା ପାଇଁ ଗୌରବ ଆଣିଥିବା ସୁଶ୍ରୀ ଭାନୁପ୍ରିୟାଙ୍କୁ ଜିଲ୍ଲାର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନିଆଳି,୨୧।୧(ନି.ପ୍ର): ନିଆଳି ବ୍ଲକ ୨୩ ଗୋଟି ଗ୍ରାମ ପଂଚାୟତର ସମେତ ଆଖ ପାଖ ଅଞ୍ଚଳରୁ ଭିନ୍ନ କ୍ଷମଙ୍କ ପାଇଁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ଶୁଚି ଅନୁଯାଇ ନିଆଳି ଉଚ୍ଚ ବିଦ୍ୟାଳୟ ପରିଶର ମଧ୍ୟରେ ଭୀମ ଭୋଇ ଭିନ୍ନ କ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ନିଆଳି ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଧର୍ମ ରଞ୍ଜନ ପଣ୍ଡା ଅନୁଷ୍ଠାନିକ ଭାବେ ଉଦଘାଟିତ କରିଥିଲେ। ପଞ୍ଚାୟତ ସମିତି ଆନୁକୂଲ୍ୟରେ ଏହି ଶିବିରରେ ୮ ଟି ବିଭାଗର ଡାକ୍ତର ଓ ତାଙ୍କର ସହଯୋଗୀ ଯୋଗ ଦେଇଥିବା ବେଳେ ମୋଟ ୩୩୬ ଜଣ ଶିବିରାର୍ଥୀ ଯୋଗ ଦେଇ ନିଜ ନିଜ ପରୀକ୍ଷା କରାଇ ନେଇଥିଲେ। ସେମାନଙ୍କ ମଧ୍ୟରୁ ଶ୍ରବଣ, ବଧିର, ମାନସିକ ଅନଗ୍ରସର, ଶାରୀରିକ ଭିନ୍ନକ୍ଷମ (୧୧୬), ସ୍ୱାସ୍ଥ୍ୟ ବିଭାଗ ଆଦି ବିଭାଗର ରୋଗୀ ଯୋଗ ଦେଇ ପରୀକ୍ଷା କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରିତା ବେଉରା ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ ସହଯୋଗ କରିଥିଲେ। ବିଭିନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ପୂର୍ବତନ ସରପଞ୍ଚମାନେ ଉପସ୍ଥିତ ରହି ଶିବିରାର୍ଥୀମାନଙ୍କୁ ସହଯୋଗ କରିଥିଲେ। ଉକ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ପରିଚାଳନାରେ ସହଯୋଗର ହାତ ବଢ଼ାଇଥିଲେ।



## ବିସ୍ଥାପିତ ବଢ଼ତି ପରିବାର ସଦସ୍ୟଙ୍କୁ ଆରଏସପିରେ ନିଯୁକ୍ତି ଦାବି



ରାଉରକେଲା,୨୧।୧(ନି.ପ୍ର): ସ୍ଥାନୀୟ ବାସଚ୍ୟୁତ ସଂଘ – ୭୦ ଗ୍ରାମର ବାସିନ୍ଦାମାନଙ୍କ ପକ୍ଷରୁ ବାସଚ୍ୟୁତ ବଢ଼ତି ପରିବାରର ସଦସ୍ୟଙ୍କୁ ରାଉରକେଲା ଇସ୍ପାତ କାରଖାନାର ବିଭିନ୍ନ ବିଭାଗରେ ନିଯୁକ୍ତି ଦେବାକୁ ନେଇ ଏକ ଦାବିପତ୍ର ବୁଧବାର ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ୨୦୧୩ ଫେବୃୟାରୀ ୧ ତାରିଖରେ ପଞ୍ଚମ ଆରପିଡିଏସି ବୈଠକରେ ବିସ୍ଥାପିତ ବଢ଼ତି ପରିବାରର ସଦସ୍ୟଙ୍କୁ ୩ ମାସ ମଧ୍ୟରେ ନିଯୁକ୍ତି ଦେବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। ଦୀର୍ଘ ୬ ବର୍ଷ ବିତିଗଲା ପରେ ମଧ୍ୟ କାହାରି ଚାକିରୀ ହୋଇନଥିଲା। ୨୦୧୯ ଡିସେମ୍ବର ୨୧ ତାରିଖର ଷଷ୍ଠ ଆରପିଡିଏସି ବୈଠକ ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ୧୦୯୮ ଜଣଙ୍କୁ ଯଥାଶୀଘ୍ର ସେଲ୍ ବୋର୍ଡରେ ପ୍ରସ୍ତାବ ପାରିତ କରି ନିଯୁକ୍ତି ଦେବା ପାଇଁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଭିତ୍ତିକରି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଏକ ଚିଠି ସଂଖ୍ୟା ୩୯୭୬, ୨୦୨୦ ଡିସେମ୍ବର ୧୨ ତାରିଖରେ ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ଷଷ୍ଠ ଆରପିଡିଏସି ବୈଠକରେ ପାରିତ ହୋଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଦେଇଥିଲେ,କିନ୍ତୁ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ନହୋଇଥିବା ଦୃଷ୍ଟିରୁ ଆଜି ରାଉରକେଲା ସ୍ଥାନୀୟ ବିସ୍ଥାପିତ ସଂଘ – ୭୦ ଗ୍ରାମର ବାସିନ୍ଦାମାନଙ୍କ ପକ୍ଷରୁ ଖାରା କୁଜୁରଙ୍କ ନେତୃତ୍ୱରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ ସପ୍ତମ ଆରପିଡିଏସି ବୈଠକ ଆୟୋଜନ କରିବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ରାଉରକେଲା ସ୍ଥାନୀୟ ବିସ୍ଥାପିତ ସଂଘ – ୭୦ ଗ୍ରାମର ସଭାପତି ଖାରା କୁଜୁର, ସାଧାରଣ ସମ୍ପାଦକ ପୁଟନ ଖାଲକୋ, ସହ-ସମ୍ପାଦକ ଜୁଗିଆ କୁଜୁର, ଉପଦେଷ୍ଟା ବସନ୍ତ କିସାନ, ଅନିଲ ଲାକ୍ରା, ତିଳ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ରାଉରକେଲା ସ୍ଥାନୀୟ ବିସ୍ଥାପିତ ସଂଘ – ୭୦ ଗ୍ରାମର ସଭାପତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ବିସ୍ଥାପିତ ସଂଘର ଦାବି ନେଇ ସେମାନେ ଦୀର୍ଘ ଦିନରୁ ଦାବି କରିଆସୁଥିଲେ ମଧ୍ୟ ଏବଂ ଦୁଇଟି ଆରପିଡିଏସି ବୈଠକରେ ନିଷ୍ପତ୍ତି ସତ୍ତ୍ୱେ ରାଉରକେଲା ଇସ୍ପାତ କାରଖାନାରେ ବିସ୍ଥାପିତ ବଢ଼ତି ପରିବାରର ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇନାହିଁ। ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଏକ ସପ୍ତାହ ମଧ୍ୟରେ ଆରପିଡିଏସି ବୈଠକରେ ଏହା ଅତିରିକ୍ତ ଜିଲ୍ଲାପାଳଙ୍କୁ ଜଣାଇବେ ବୋଲି କହିଛନ୍ତି।

## ମା' ରାମଚଣ୍ଡୀଙ୍କ ତ୍ରିବେଣୀ ଉତ୍ସବ ଉଦ୍‌ଯାପିତ



ବୋଲଗଡ,୨୧।୧(ନି.ପ୍ର): ବୋଲଗଡ ପଂଚାୟତ ପଞ୍ଚୁକୋଟ ସ୍ଥିତ ମା ରାମଚଣ୍ଡୀଙ୍କ ୧୩ତମ ତ୍ରିବେଣୀ ଉତ୍ସବ ଗତ ୧୮ତାରିଖ ଠାରୁ ଉଦଘାଟିତ ହୋଇଛି। ଉଦ୍‌ଘାଟନ ଉତ୍ସବରେ ବରିଷ୍ଠ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଯୋଗ ଦେଇ ମାଙ୍କର ଦର୍ଶନ କରି କୃପା ଲାଭ କରିଥିଲେ। ପାହାଡ଼ ଶିଖରରେ ଗୁମ୍ଫା ଭିତରେ ମାଙ୍କର ଆର୍ବିଭାବ ହୋଇଥିଲା। ପ୍ରତିବର୍ଷ ଧୂମଧାମରେ ଉତ୍ସବ ପାଳିତ ହେଉଛି। ଉଦଯାପନୀ ଉତ୍ସବରେ ବିଲଡର ପ୍ରମୋଦ ମଙ୍ଗରାଜ ଯୋଗଦେଇ ଥିଲେ। ଗ୍ରାମବାସୀ ସେବେ ଠାରୁ ମାଙ୍କୁ ପୂଜାର୍ଚ୍ଚନା କରି ଆସୁଛନ୍ତି। ଗ୍ରାମକମିଟି ସଭାପତି ଦିନମଣୀ ରାଉତରାୟ ଓ ଯୁବକ ସଘ ସଦସ୍ୟ ବେଣୁଧର ବେହେରା ପ୍ରଭାସ କୁମାର ପାଟ୍ଟଶାଣୀସଞ୍ଜୟ କୁମାର ମାର୍ଥା ରମେଶ ବଳିୟାରସିଂ ଦିଲ୍ଲୀପ ପରିଡା ଶ୍ରୀତମ ସାମନ୍ତସିଂହାର ପ୍ରମୁଖଙ୍କ ସହଯୋଗରେ ଉତ୍ସବ ଅନୁଷ୍ଠିତ ହେଉଛି। ମଙ୍ଗଳବାର ଉଦଯାପିତ ହୋଇଛି। ପ୍ରତ୍ୟହ ହୋମ ଯଜ୍ଞ ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହେଉଥିଲା।

## କନ୍ଧମାଳରେ ହତ୍ୟା: କଳାହାଣ୍ଡିରେ ହାତୀ ଶବ ଉଦ୍ଧାର

ବାଲିଗୁଡ଼ା,୨୧।୧(ନି.ପ୍ର): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ବେଲଘର ବନାଞ୍ଚଳରେ ହାତୀକୁ ଖଣ୍ଡ ଖଣ୍ଡ କରି ହତ୍ୟା କରାଯାଇଥିବା ବେଳେ ପ୍ରମାଣ ନଷ୍ଟ କରିବା ଘଟଣାରେ ବନାଞ୍ଚଳ ଅଧିକାରୀ ବିନୟ କୁମାର ବିଶି ନିଲମ୍ବିତ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲା କେସିଙ୍ଗା ତହସିଲରେ ଥିବା ରେଞ୍ଜରଙ୍କ ଘର ବାରି ପଟେ ଥିବା ଡ୍ୟାମ ନିକଟରେ ୭ ଫୁଟ ମାଟି ତଳେ ହାତୀର ଖଣ୍ଡ ବିଖଣ୍ଡିତ ଶବ ପୋତି ଥିଲେ। ଦୀର୍ଘ ୪୮ର ଉଦ୍ୟମ ପରେ ଭୁବନେଶ୍ୱର ସ୍ୱତନ୍ତ୍ର ଜଏଣ୍ଟ ଟାସ୍କ ଫୋର୍ସ ଏବଂ ବାଲିଗୁଡ଼ା ଡ଼ିଏଫ ଓ ଘନସ୍ୱାମ ମହନ୍ତ ପହଞ୍ଚି ମୃତ ହାତୀର ଶବକୁ ଜବତ କରି ହାତୀ ଶବକୁ ବ୍ୟବଛେଦ କରାଯାଉଛନ୍ତି । ଗତ ଜାନୁଆରୀ ୫ ତାରିଖରେ ବେଲଘର ରେଞ୍ଜର ଝିରିପାଣି ସେକ୍ସନ ଅନ୍ତର୍ଗତ ମୁଣ୍ଡୁଟି ଜଙ୍ଗଲରେ ଗୋଟିଏ ହାତୀକୁ ହତ୍ୟା କରାଯାଇଥିଲା। ହାତୀର ମୃତ ଦେହକୁ ସେଠାରେ ଖଣ୍ଡ ଖଣ୍ଡ କରି ଅଖାରେ ଭରି ୧୨ରୁ ୧୪ କିଲୋମିଟର ଦୂର ବେଲଘର ଅଞ୍ଚଳର କଡ଼ାପାନା ନର୍ସରୀ ରେ ପୋତା ଯାଇଥିଲା । ସେଠାରୁ ରେଞ୍ଜର ବିନୟ କୁମାର ବିଶି ମୃତ ହାତୀର ଶବକୁ ବାହାର କରି ନିଜ ଘର ବାରି ପଟେ ପୋତି ଦେଇ ଥିଲେ । ଦୀର୍ଘ ୧୬ ଦିନ ପରେ ହାତୀ ଶବ ଉଦ୍ଧାର ହୋଇଛି ।

## ସରସ୍ୱତୀ ଶିଶୁ ମନ୍ଦିର ଗଜବନ୍ଧର ବାର୍ଷିକ ଉତ୍ସବ

ଡୁ ଙ୍ଗୁ ରି ପା ଲି / ଏସ.ରାମପୁର, ୨୧।୧(ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଅନ୍ତର୍ଗତ ସରସ୍ୱତୀ ଶିଶୁ ମନ୍ଦିର ଗଜବନ୍ଧର ବାର୍ଷିକ ଉତ୍ସବ ପ୍ରଧାନ ଆଚାର୍ଯ୍ୟ କିଶୋର ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ପ୍ରଶାନ୍ତକୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉତ୍ସବ ପରିଚାଳନା କରିଥିବା ବେଳେ ଗୁରୁଜୀ ଗୌତମ ଭୋଇ, କପିଳେଶ୍ୱର ପାଣ୍ଡେ, ଶତ୍ରୁଘ୍ନ ସାହୁ, ଲିଙ୍ଗରାଜ ପୁଟେଲ, ଅମିତ ରଣା, ବାଙ୍କା ମହାକୁର, ଗୁରୁମା ଅନୁପମା ରାୟ, ମମତା ବିଶି, ଚନ୍ଦନା ଦଣ୍ଡସେନା, କୌଶଲ୍ୟା ବଢେ, ଲିଳିମା ସାହୁ, ନୀଳାବତୀ ଥପା, ସଉକି ନାଏକ, ସେଲୋନୀ କର୍ଣ୍ଣ, ମାନସୀ ମାଝୀ, ବେଦମତୀ ଦନ୍ତାଙ୍କ



ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ। ଛାତ୍ରୀମାନେ ଫୁଲତୋଡ଼ା, ଉତ୍ତରୀୟ ଓ ବ୍ୟାଚ ପ୍ରଦାନ ପୂର୍ବକ ସ୍ୱାଗତ ସଂଗୀତ ଗାନ କରି ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଗଣେଶ କିଷାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବନରେ ସଫଳ ହେବା ପାଇଁ କଠୋର ପରିଶ୍ରମ ଓ ଅଧ୍ୟବସାୟର ମାର୍ଗ ଆପଣେଇବାକୁ ଛାତ୍ରଛାତ୍ରୀ ତତ୍ପର ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଶିକ୍ଷା ବିକାଶ ସମିତି ର ପ୍ରାକ୍ତନ ସୁବର୍ଣ୍ଣପୁର ଜିଲ୍ଲା ପ୍ରମୁଖ ପ୍ରଦୀପ କୁମାର ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନର ସମ୍ମାନ ବଢାଇବା ସହ ଆଦର୍ଶ ମଣିଷ ହେବା ପାଇଁ ଛାତ୍ରଛାତ୍ରୀ ମାନେ ପ୍ରଚେଷ୍ଟାରତ ରହିବାକୁ ପ୍ରେରଣା ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି କୋଷାଧକ୍ଷ ଭାଗିରଥି ମେହେର ବାର୍ଷିକ ବିବରଣୀ ପଠନ କରିବା ସହ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଆଚାର୍ଯ୍ୟା ଗାୟତ୍ରୀ ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୁରୁମା ପ୍ରିୟଙ୍କା ମାଝୀ ପୁରସ୍କାର ବିତରଣୀ ଓ ସମ୍ବର୍ଦ୍ଧନା ତତ୍ତ୍ୱାବଧାନରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଗୀତ, ନାଚ, ଅଭିନୟ ରେ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପିତାମ୍ବର ପାଣ୍ଡିଆ, ପୂର୍ବରୁ ଶିଶୁମନ୍ଦିରରେ କାର୍ଯ୍ୟ କରିଥିବା ସମସ୍ତ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ପୁରୋହିତ, ଡୋଳାମଣୀ ସାହୁ, ବିଶ୍ୱନାଥ ବଡ଼ପଣ୍ଡା, ସଂକୁଳ ପ୍ରମୁଖ ବଳରାମ ପଧାନ, ଅନ୍ୟ ଅତିଥି ଓ ବିଗତ ଦିନରେ ବିଭିନ୍ନ ବୃତ୍ତି ଓ ନବୋଦୟ ପାଇଥିବା ଛାତ୍ରଛାତ୍ରୀ ଓ ତାଙ୍କ ଅବିଭାବକ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟନାଟିକା ଗୁଡିକ ଦର୍ଶକଙ୍କ ମନ ମୋହିଥିଲା। ସମସ୍ତ ଅବିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା ଓ କର୍ମଚାରୀ ସହଯୋଗ କରିଥିଲେ। ପରିଚାଳନା ସମିତି ସମ୍ପାଦକ ଡୋଳାମଣୀ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡି ସଭାପତି ପଦ ବଜାୟ ରଖିଲେ ସୋମନାଥ ଓ ଦ୍ୱାରିକା



ବିନିକା,୨୧।୧(ନି.ପ୍ର): ପୁଣି ବିନିକା ନଗର ପାଇଁ ସୋମନାଥ ମିଶ୍ର ଓ ବିନିକା ବ୍ଲକ ପାଇଁ ଦ୍ୱାରିକାନାଥ ସାହୁ ବିଜୁ ଜନତା ଦଳର ସଭାପତି ପଦ ବଜାୟ ରଖିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କ ଶୁଭେଚ୍ଛୁ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି। ସୂଚନା ଯୋଗ୍ୟ ଯେ ବିଜେଡି ଦଳ ଓଡ଼ିଶାରେ ପ୍ରତିଷ୍ଠା ହେବା ଦିନ ଠାରୁ ବିନିକା ଏନଏସି ପାଇଁ ସୋମନାଥ ଏବଂ ବ୍ଲକ ପାଇଁ ଦ୍ୱାରିକାନାଥ ଦୀର୍ଘ ୨୦ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଦଳର ସଭାପତି ପଦରେ ରହି ଆସିଛନ୍ତି। ଉଭୟଙ୍କ କାର୍ଯ୍ୟ ଦକ୍ଷତା, ତୃଣମୂଳ ସ୍ତରରୁ ସଂଗଠନ ଦାୟିତ୍ୱ ନିର୍ବାହ, କର୍ମୀ ଓ ସାଧାରଣ ଲୋକଙ୍କ ସହିତ ସମ୍ପର୍କ ବରାବର ରଖିବାକୁ ସକ୍ଷମ ହେଉ ଥିବାରୁ ପୁଣି ୫ବର୍ଷ ପାଇଁ ଉଭୟଙ୍କୁ ବିଜୁ ଜନତା ଦଳର ମୁଖିଆ ଭାବେ ଦଳ ଦାୟିତ୍ୱ ଦେଇଥିବା ଚର୍ଚ୍ଚା ହେଉଛି। ନଗର ସଭାପତି ସୋମନାଥ ମିଶ୍ର ତାଙ୍କର ନିର୍ଭିକ କାର୍ଯ୍ୟ ଦକ୍ଷତା ସମ୍ପାଦନା ପାଇଁ ବିନିକା ବିଜୁ ଜନତା ଦଳର ନଗର ସଭାପତି ପଦ ସହ ବିନିକା ସ୍ପୋର୍ଟସ କ୍ଲବ ସଭାପତି, ସିଦ୍ଧାର୍ଥ ଡିଗ୍ରୀ କଲେଜ ଆଲମିନିଏସୋସିଏସନ ସଭାପତି, ସାଂସ୍କୃତିକ ସାଂସଦ ଉପ ସଭାପତି, କପିଳେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡ ସମ୍ପାଦକ, ଦୁର୍ଗା ମନ୍ଦିର କମିଟି ଉପସଭାପତି, ବିନିକା ସାମ୍ବାଦିକ ସଂଘ ଉପଦେଷ୍ଟା, ବିନିକା ମାତାମଠ ମନ୍ଦିର ଟ୍ରଷ୍ଟ ସଦସ୍ୟ, ସୋନପୁର ଇଣ୍ଡୋର ଷ୍ଟେଡିୟମ ଷ୍ଟିକ ସଦସ୍ୟ, ଜିଲ୍ଲା ଏଥେଲେଟିକ ଏସୋସିଏସନ, ଜିଲ୍ଲା କ୍ରିକେଟ ସଂଘ ସଦସ୍ୟ, ବିନିକା ଆରକେଏସ ସଦସ୍ୟ ଭାବେ କାର୍ଯ୍ୟ ତୁଲାଉଛନ୍ତି । ସେହିପରି ଦ୍ୱାରିକାନାଥ ରାଜନୀତି ଓ ସମାଜ ସେବା କ୍ଷେତ୍ରରେ ନିଜକୁ ସମର୍ପି ଦେଇଛନ୍ତି। ତେବେ ଉଭୟେ ପୁନର୍ବାର ବିନିକା ଏନଏସି ଓ ବ୍ଲକ ପାଇଁ ସଭାପତି ପଦ ସମ୍ଭାଳି ଥିବାରୁ ଆଗାମୀ ଦିନରେ ବିଜୁ ଜନତା ଦଳର ସଂଗଠନ ସୁଦୃଢ଼ ହେବ ବୋଲି ରାଜନୀତିଜ୍ଞ ମହଲରେ ଆଶା କରାଯାଉଛି ।

## ଭାମଣ୍ଡା କପ୍ କ୍ରିକେଟ ୩ୟ ଦିନ: ଭୁବନେଶ୍ୱର ବିଜୟୀ



ଆଳି,୨୧।୧(ନି.ପ୍ର): ରାଜକନିକା ବ୍ଲକ ଭାମଣ୍ଡା ନୃସିଂହ ନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମୁକେଶ ପଟ୍ଟନାୟକଙ୍କ ପ୍ରାୟୋଜିତ ଜିଲ୍ଲା ସ୍ତରୀୟ ଭାମଣ୍ଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନ ଖେଳରେ ଏସ ସି ଏ ଏନ ଭୁବନେଶ୍ୱର ନିମପୁର, କଟକକୁ ଭେଟିଥିଲା । ଏଥିରେ ଭୁବନେଶ୍ୱର ୭ ଉଇକେଟ ରେ ବିଜୟ ଲାଭ କରି ତୃତୀୟ ଦଳ ଭାବେ ସେମିଫାଇନାଲ ରେ ପ୍ରବେଶ କରିଛି । କଟକ ପ୍ରଥମେ ବ୍ୟାଟିଂ ନିର୍ଦ୍ଧାରିତ ୨୦ ଓଭର ରେ ୬ ଉଇକେଟ ହରାଇ୧୬୨ ରନ କରିଥିବାବେଳେ ଭୁବନେଶ୍ୱର ୧୮. ୨ ଓଭର ରେ ୩ ଉଇକେଟ ହରାଇ ୧୬୩ ରନ କରି ବିଜୟ ଲାଭ କରିଥିଲା । ନିରଞ୍ଜନ ଦାଶ ଓ ବିଶ୍ୱଜିତ ଅଧିକାରୀ ଖେଳ ପରିଚାଳନା କରିଥିଲେ, ଏହି ଖେଳରେ ଅତିଥି ଭାବେ ଅବସର ପ୍ରାପ୍ତ ସେନାଧିକାରୀ ଉମେଶ ଚନ୍ଦ୍ର ନାୟକ ଯୋଗ ଦେଇ ବିଜେତା ଦଳର ୭୯ ରନ କରିଥିବା ସରୋଜ ପଣ୍ଡାଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ, ସତ୍ୟବ୍ରତ ବିଶ୍ୱାଳ, ଅବିନାଶ ସାମଲ, ରିତେଶ ସାମଲ, ବିକ୍ରମ ମହାପାତ୍ର, ଅନନ୍ତ ମହାପାତ୍ର, ରାକେଶ ସାମଲ, ଦୀପକ ମହାପାତ୍ର, ସୁବ୍ରତ ବିଶ୍ୱାଳ, ରାକେଶ ବିଶ୍ୱାଳ, ବିକାଶ ମହାପାତ୍ର, ଅବିନାଶ ନାୟକ, ମାନସ ନାୟକ, ଆଶିଷ ଶତପଥି, ତୁଷାର ମହାପାତ୍ର, ଅନ୍ତର୍ଯ୍ୟାମୀ ନାୟକ, ନିହାର ନାୟକ, ଆକାଶ ଦାଶ, ଗଙ୍ଗାଧର ବାରିକ ସମେତ ଅନୁଷ୍ଠାନ ର ସମସ୍ତ କର୍ମକର୍ତ୍ତା ଆଦି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ଅମିତ ମହାପତ୍ର, ସତ୍ୟଜିତ ବେହେରା ସ୍କୋରର କାର୍ଯ୍ୟ ସମ୍ପାଦନ କରିଥିଲେ, ପ୍ରଜ୍ଞାଜିତ ନାୟକ, ଚିରଞ୍ଜିବି ନାୟକ, ରଜନୀକାନ୍ତ ସାମଲଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଗ୍ରଣୀ ଯୁବକ ସଙ୍ଗର ବନ୍ଧୁମିଳନ

ହରଭଙ୍ଗା,୨୧।୧(ନି.ପ୍ର): ବୌଦ୍ଧ ଜିଲ୍ଲା ଅଗ୍ରଣୀ ଯୁବ ସଂଘର ବନ ବିହାର କାର୍ଯ୍ୟକ୍ରମ ଗିରାଶିଙ୍ଗା ଜଗନ୍ନାଥ ବନ ପ୍ରକଳ୍ପ ଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗର ଆବାହକ ସୁନିଲ ଖେତୀଙ୍କ ଆହ୍ୱାନ କ୍ରମେ ଜିଲ୍ଲାର ତିନୋଟି ବ୍ଲକ ରୁ ୭୦୦ ଯୁବକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରଥମେ ଭାରତ ମାତାଙ୍କୁ ପୂଜା କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସଙ୍ଗର ମୂଳ ଲକ୍ଷ୍ୟ ସରକାର ଓ ପ୍ରଶାସନ ଶହ ସମନ୍ୱୟ ରଖି ଜିଲ୍ଲାର ବିଭିନ୍ନ ଉନ୍ନତି ସକାଶେ କାମ କରିବା ଦିଗରେ ଆଗେଇ ଯିବା ସଂଗଠନ ନ ମୂଳ ଲକ୍ଷ୍ୟ। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀମାନ ଦେବବ୍ରତ ପାଣିଗ୍ରାହୀ ବିଭାଗ ବୌଦ୍ଧିକ ପ୍ରମୁଖ




ଏବଂ ସମ୍ମାନନୀୟ ଅତିଥି ରାଜ କିଶୋର ଅଗ୍ରୱାଲ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଖଣ୍ଡ ଚାଳକ ଓ ବରେଣ୍ୟ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ କୁମାର ପ୍ରଧାନ, ସମ୍ମାନନୀୟ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର ଅଧ୍ୟକ୍ଷ ସମ୍ଭୁ ପ୍ରସାଦ ମିଶ୍ର, ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ କାହ୍ନୁ ଚରଣ ନାଥ, ଯୁବ ନେତା ଓମ ପ୍ରକାଶ ମିଶ୍ର, କୃଷକ ନେତା ସୂର୍ଯ୍ୟନାରାୟଣ ମହାପାତ୍ର, ବିସିକେଶନ ପ୍ରଧାନ, ଯୁବ ନେତା ସୁବାସ ପ୍ରଧାନ, ନାରାୟଣ କର୍ମୀ, ଅରୂପା ଦୀପ, ସରପଞ୍ଚ ଗଣେଶ ବେହେରା, ପ୍ରଦୀପ ସେଠି, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରତ୍ୟୁଷ ଦାନୀ, ବଜରଙ୍ଗ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଶହ ଜିଲ୍ଲାର ଶହ ଶହ ଯୁବକ ସାମିଲ ଥିଲେ ଓ ଶେଷରେ ଭାବର ଆଦାନ ପ୍ରଦାନ କରି ସଭା ଶେଷ ହୋଇଥିଲା ।

# ଗଜପତି ଉତ୍ସବରେ ଦୁଇ ମନ୍ତ୍ରୀ ଓ ମହାରାଣୀ କଲ୍ୟାଣୀ ଗଜପତିଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା



ପାରଳାଖେମୁଣ୍ଡି,୨୧।୧(ନି.ପ୍ର): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମରେ ଗଜପତି ଉତ୍ସବି ଚତୁର୍ଥ ଦିନରେ ପଦାର୍ପଣ କରିଛି। ଗତ ୧୮ତାରିଖ ଦିନ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଗଜପତି ଉତ୍ସବ ମଶାଲ ଶୋଭାଯାତ୍ରା ବାହାରି ଗଜପତି ଷ୍ଟାଡିୟମରେ ପହଞ୍ଚିବା ପରେ ଆନୁଷ୍ଠାନିକ ଭାବେ ଉତ୍ସବ ଶୁଭାରମ୍ଭ ହୋଇଥିଲା। ଗଜପତି ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧକ୍ଷତା ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରଳା ବିଧାୟକ ଇଂ ରୂପେଶ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ଜିଲାପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଜିଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ତେବେ ଗଜପତି ଉତ୍ସବ ପ୍ରାରମ୍ଭରୁ ହିଁ ଜିଲା ଓ ଜିଲାବାସୀଙ୍କୁ ରାଜ୍ୟ ସରକାରଙ୍କ ନେତୃତ୍ୱ ଉପେକ୍ଷା କରିଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ତଥା ଉତ୍ସବର ଭିନ୍ନଭିନ୍ନ କମିଟିରେ ରହିଥିବା ଅଧ୍ୟକ୍ଷ। ଏବଂ ବିଶେଷ କରି ଉକ୍ତ ଦାୟିତ୍ୱରେ ଥିବା କମିଟିର ସଦସ୍ୟ ମାନେ ଉତ୍ସବ ଉଦଘାଟନ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଆଇନ୍, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କୁ ପ୍ରଥମ ଦିନରେ ନିମନ୍ତ୍ରଣ କରିଥିଲେ । ଦୁର୍ଭାଗ୍ୟର ବିଷୟ ମନ୍ତ୍ରୀ ଉପସ୍ଥିତ ହୋଇ ପାରିନଥିଲେ। ହେଲେ ଜିଲାର ସବୁଠାରୁ ବଡ଼ ପ୍ରଶ୍ନ ହେଲା ଉତ୍ସବରେ ମନ୍ତ୍ରୀଙ୍କ ପାଦ ପଡିଲାନି କି ପାରଳାଖେମୁଣ୍ଡି ମହାରାଣୀ ଶୁଶ୍ରୀ, କଲ୍ୟାଣୀ ଗଜପତିଙ୍କ ଅନୁପସ୍ଥିତିକୁ ସାଧାରଣ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ସେହିପରି ଦ୍ୱିତିୟ ଦିନ ଏବଂ ତୃତୀୟ ଦିନରେ ମଧ୍ୟ ସଂପୂର୍ଣ୍ଣ ଫାଙ୍କା ଫାଙ୍କା ଦେଖିବାକୁ ମିଳିଥିଲା। ତୃତୀୟ ଦିନରେ ମଧ୍ୟ ମୁଖ୍ୟ ଅତିଥି ରାଜ୍ୟ ବାଣିଜ୍ୟ, ପରିବହନ, ଇସ୍ପାତ ଏବଂ ଖଣିଜ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଗଜପତି ଉତ୍ସବରେ ପାଦ ପକାଇବା ପାରିଲେ ନାହିଁ। ତେଣୁ ଗଜପତି ଉତ୍ସବ କମିଟିର ନିମନ୍ତ୍ରଣରେ କେଉଁଠାରେ ଭୁଲ ଭଟକା ରହିଲା, ସେ ନେଇ ଚର୍ଚ୍ଚା ହେଉଛି। ଏହି ଉତ୍ସବର ପ୍ରଚାରପ୍ରସାର ସକାଶେ ଜିଲାପାଳ ଗଣମାଧ୍ୟମକୁ ଉପେକ୍ଷା କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଲୋକ କଳା, ଲୋକ ସଂସ୍କୃତିର ଲକ୍ଷ୍ୟ ରହିଥିବା ଏହି ମଞ୍ଚ କିଛି ଆଲୋଚନା ପାଲଟିଛି। ପ୍ରଥମ ସନ୍ଧ୍ୟାରେ ଓଡ଼ିଆ ଓଲିଉଡ଼ ଅଭିନେତା ସବ୍ୟସାଚୀ ମିଶ୍ର ଓ ସମ୍ବଲପୁରୀ ଗାୟକ ମଣ୍ଟୁ ଛୁରିଆର ମୁଖ୍ୟ ଆକର୍ଷଣ ଥିଲେ। ସେହିପରି ପାରଳାଖେମୁଣ୍ଡିର ପଦାମୃତ୍ୟୟାନ ନୃତ୍ୟ ସମ୍ବଲପୁରର ଡାଲଖାଇ ନୃତ୍ୟ, ମୟୂରଭଞ୍ଜର ମାଲଖମ୍, ହାଇଦ୍ରାବାଦର କୁଚିକପୁଡ଼ି ଓ କଥକ ନୃତ୍ୟ ପରିବେଷିତ ହୋଇଥିଲା। ଜିଲାର ପାଞ୍ଚ ଜଣ ନୂତନ ଭାବେ ନିଯୁକ୍ତି ପାଇଥିବା ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କୁ ସମ୍ବଦ୍ଧନା କରାଯାଇଥିଲା । କାର୍ଯ୍ୟକ୍ରମରେ ଅତି ଅତିରିକ୍ତ ଜିଲାପାଳ ମୁନୀନ୍ଦ୍ର ହୋନନାଗା ଓ ଫାଲଗୁନୀ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଉପଜିଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ସମନ୍ୱିତ ଆଦିବାସ ଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ରଙ୍କ ସମେତ ସମସ୍ତ ଜିଲାସ୍ତର ସ୍ତରୀୟ ଅଧିକାରୀ ଓ କମିଟି ସଦସ୍ୟ ଉପସ୍ଥିତ ଥିଲେ।ଏଠାରେ ନେତା ମନ୍ତ୍ରୀ ଅନୁପସ୍ଥିତି ଯୋଗୁଁ ଗଜପତି ଉତ୍ସବ ରେ ସାଧାରଣ ଲୋକଙ୍କ ଗହଳି କିଛି ନଥିଲା।

## ରୂପାକୁଣ୍ଡରେ ପାନୀୟଜଳ ସମସ୍ୟା

# ଉପଜିଲାପାଳଙ୍କୁ ଫେରାଦ ହେଲା କମିଟି

ଚମ୍ପୁଆ,୨୧।୧(ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଉଚ୍ଚବାଲି ପଞ୍ଚାୟତର ପିକନିକ ସ୍ଥଳି ତଥା ପର୍ଯ୍ୟଟନ ମାନ୍ୟତା ପାଇନଥିବା ଦେବ ସ୍ଥାନ ଭାବେ ପରିଚିତ ରୂପାକୁଣ୍ଡର ପାନୀୟଜଳ ସମସ୍ୟା ସହିତ ବିଭିନ୍ନ ସମସ୍ୟାକୁ ନେଇ ଆଜି ମନ୍ଦିର କମିଟି ଉପଜିଲାପାଳଙ୍କଠାରେ ଫେରାଦ ହୋଇ ସମସ୍ୟାର ସମାଧାନ ନିମନ୍ତେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ପୁନତୟା ବୈତରଣୀ ନଦୀ କୂଳରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ରୂପାକୁଣ୍ଡ ଅବସ୍ଥିତ। ଏହି କୁଣ୍ଡ ଓ ଦେବସ୍ଥାନର ସଂପର୍କ ଖିଚିଂ ସହ ରହିଥିବା ସ୍ଥାନୀୟ ଲୋକ ମତ ଦେଉଥିବା ବେଳେ ବର୍ଷ ସାରା ଏଠାରେ ବଣଭୋଜି ତଥା ମକର ସମୟରେ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳିଥାଏ। ଏଠାରେ ରୂପେଶ୍ୱର ମହାଦେବ ମନ୍ଦିର ନିୟମିତ ପୂଜା ହୋଇଆସୁଥିବା ବେଳେ ସ୍ଥାନୀୟ ଲୋକ ତଥା ବିଭିନ୍ନ ସ୍ଥାନରୁ ସ୍ରଧାଳୁଙ୍କ ଭିଡ ହୋଇଥାଏ। ମାତ୍ର ଏଠାରେ ପାନୀୟଜଳର ସୁବ୍ୟବସ୍ଥା ନଥିବା ବେଳେ ବୈତରଣୀ ନଦୀ ତଟ ଦିନକୁଦିନ ନଦୀର ଲିନ ହେବାକୁ ବସିଲାଣି। ଫଳରେ ମନ୍ଦିରର ଭିଷ୍ୟତକୁ ନେଇ ସ୍ଥାନୀୟ ଲୋକ ଚିନ୍ତା ପ୍ରକଟ କଲେଣି। ଏହାର ସମାଧାନ ସମେତ ପାନୀୟଜଳର ସୁବ୍ୟବସ୍ଥା ନିମନ୍ତେ ଉପଜିଲାପାଳଙ୍କୁ ଗୁହାରି କରିବା ସହିତ ମନ୍ଦିର କମିଟି ସଭାପତି ଡମ୍ବରୁଧର ନାଏକ, ସମ୍ପାଦକ ଭଳାନାଥ ନାଏକ ଓ ସଦସ୍ୟ ହେମନ୍ତ ନାଏକ, ବୈଶାଖୁ ନାଏକ ପ୍ରମୁଖ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଏ ନେଇ ଉପଜିଲାପାଳ ଶ୍ରୀ ଉମାକାନ୍ତ ପରିଡା ଚମ୍ପୁଆ ବିଡିଓଙ୍କୁ ଅବଗତ କରାଯିବା ସହିତ ତୁରନ୍ତ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

## ଗୋଇଲି ପାରିଜାତ ଯୁବକ ସଂଘର ୪ର୍ଥ ବାର୍ଷିକ କ୍ରୀଡ଼ା



ଯଶିପୁର,୨୧।୧(ନି.ପ୍ର): ଯଶିପୁର ବ୍ଲକ ଅନ୍ତର୍ଗତ ମାଟିଆଗଡ ପଂଚାୟତ ଗୋଇଲି ପାରିଜାତ ଯୁବକ ସଂଘ ଆନୁକୂଲ୍ୟରେ ୪ର୍ଥ ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଧୋଳାବଣି ୟୁଜିଏମ୍‌ଇ ସ୍କୁଲର ପ୍ରଧାନଶିକ୍ଷକ କିଶୋର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମାଟିଆଗଡ ସରପଂଚ ରଶ୍ମିତା ନାଏକ, ୪୨ ନମ୍ବର ଜୋନ୍ ଜିଲ୍ଲାପରିଷଦ ସଦସ୍ୟା ସୁଜାତା ହୋ, ସମିତିସଭ୍ୟ ଭରତ ଚନ୍ଦ୍ର ନାଏକ, ପୂର୍ବତନ ସରପଂଚ ସୁଶିଲ ନାଏକ, ଅବସରପ୍ରାପ୍ତ ଶିକ୍ଷକ ଘନଶ୍ୟାମ ମହାନ୍ତ, ପୂର୍ବତନ ସମିତିସଭ୍ୟା ସୀତା ବେହେରା, ଶିକ୍ଷକ ଲଦ୍‌କୃଷ୍ଣ ହୋ ପ୍ରମୁଖ ଯୋଗ ଦେଇଥିଲେ । ଛୋଟ ଛୁଆ ମାନଙ୍କ ପାଇଁ ହାଣ୍ଡିଫୁଟା, ବାଳକ ଓ ବାଳିକା ମାନଙ୍କ ପାଇଁ ୨୦୦, ୮୦୦ ଏବଂ ୧୦୦୦ ମିଟର ଦୌଡ, ମହିଳା ମାନଙ୍କ ପାଇଁ ବମ ବ୍ଲାଷ୍ଟ, ମ୍ୟୁଜିକ୍ ଚେୟାର ପ୍ରଭୃତି ଖେଳ ଅନୁଷ୍ଠିତ ହୋଇଥିଲା । ମହିଳା ମାନଙ୍କ ଦ୍ୱାରା ଝୋଟି ପ୍ରତିଯୋଗିତା ମଧ୍ୟ ହୋଇଥିଲା ।

## କୁଶଳେଶ୍ୱର ମହାଦେବଙ୍କ ଜାଗର ମେଳା ପାଇଁ ପ୍ରସ୍ତୁତି ବୈଠକ



ଘଷିପୁରା,୨୧।୧(ନି.ପ୍ର):କେନ୍ଦୁଝର ଜିଲ୍ଲାର ପ୍ରାଚୀନ ଶୈବପୀଠ ଦେଓଗାଁ ଠାରେ ଥିବା ଶ୍ରୀ ଶ୍ରୀ କୁଶଳେଶ୍ୱର ମହାଦେବଙ୍କ ଚଳିତ ୨୦୨୬ ମସିହା ଫେବୃଆରୀ ମାସ ୧୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପ୍ରସିଦ୍ଧ ଜାଗର ମେଳା ପ୍ରସ୍ତୁତି ବୈଠକ ସ୍ଥାନୀୟ କୁଶଳେଶ୍ୱର ମହାଦେବଙ୍କ କଲ୍ୟାଣ ମଣ୍ଡପ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଆନନ୍ଦପୁର ଉପଜିଲ୍ଲାପାଳ ତଥା ଦବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ନୀଳମାଧବ ସୁନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ୧୨ଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ଉକ୍ତ ମେଳା ଶାନ୍ତି ଶୃଙ୍ଖଳାର ସହିତ ସମାପନ ହେବ ମୁଖ୍ୟତଃ ସେହି ବିଷୟରେ ବିଶଦ ଭାବେ ଆଲୋଚନା କରାଯାଇ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉକ୍ତ ବୈଠକରେ ଆନନ୍ଦପୁର ଉପଖଣ୍ଡ ପୋଲିସ ଏସ୍‌ଡିପିଓ କମଳ ଲୋଚନ ପଣ୍ଡା, ଘଷିପୁରା ଥାନା ଅଧିକାରୀ କିଶୋର ଚନ୍ଦ୍ର ନାୟକଙ୍କ ସମେତ ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଜାଗର ମେଳା କମିଟିର ସଭାପତି ଦେବପ୍ରିୟ ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟ ପ୍ରଦୀପ କୁମାର ପଣ୍ଡା, ମନୋରଞ୍ଜନ ପତି, ରମାକାନ୍ତ ବଳ. ବ୍ରାହ୍ମଣ ସମାଜ ପକ୍ଷରୁ ମନ୍ଦିରର ପୂଜକ ଗିରିଧାରୀ ଦାସଙ୍କ ସହ ଅନ୍ୟ ପୂଜକମାନେ ଉପସ୍ଥିତ ରହି ମନ୍ଦିର ପୂଜା ନୀତିର ଅସୁବିଧା ବିଷୟରେ ଏବଂ ପରିଚାଳନାର ବିଶୃଙ୍ଖଳା ବିଷୟରେ ଆଲୋଚନା କରାଯାଇଥିଲା । ଏହା ସହିତ ଜାଗର ମେଳା ଉପଲକ୍ଷେ ଏକ ସପ୍ତାହ ପର୍ଯ୍ୟନ୍ତ ହେବାକୁ ଥିବା ଅପେରା ପ୍ରଦର୍ଶନକୁ ଶାନ୍ତି ଶୃଙ୍ଖଳା ସହିତ ସମାପନ କରିବା ନିମନ୍ତେ ଯାତ୍ରା କମିଟିକୁ ଅନୁରୋଧ କରାଯାଇଥିଲା । ବୈଠକରେ ମନ୍ଦିରର ପୂର୍ବ ବର୍ଷର ଆୟବ୍ୟୟ ବିବରଣୀ ମନ୍ଦିର କାର୍ଯ୍ୟ ନିର୍ବାହୀ ସହାୟକ ଉମାକାନ୍ତ ବେହେରା ଉପସ୍ଥାପନ କରିଥିଲେ । ବିଶେଷ କରି ଉକ୍ତ ଜାଗର ମେଳାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଆନନ୍ଦପୁର ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ଯୋଗାଇ ଦେବା ନିମନ୍ତେ ବୈଠକରେ ଯୋଗଦାନ କରିଥିବା ଏସଡିପିଓ କମଳ ଲୋଚନ ପଣ୍ଡା ଏବଂ ଘଷିପୁରା ଥାନା ଅଧିକାରୀ କିଶୋର ଚନ୍ଦ୍ର ନାଏକ ପ୍ରକାଶ କରିଛନ୍ତି ।

## ପାଗଳା କୁକୁର କାମୁଡ଼ାରେ ୭ ଜଣ ଆହତ

ପାଟଣା,୨୧।୧(ନି.ପ୍ର):ପାଟଣା ଥାନା ଅନ୍ତର୍ଗତ ବେଗେନା ଗ୍ରାମରେ ବୁଧାବ ଦିନ ପାଗଳ କୁକୁର କାମୁଡାରେ ୨ଜଣ ଶିଶୁଙ୍କ ସମେତ ୩ଜଣ ପୁରୁଷ, ୨ଜଣ ମହିଳାଙ୍କୁ ମିଶାଇ ୭ଜଣ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁସାରେ ବୁଧବାର ସକାଳେ ଏକ ପାଗଳା କୁକୁର ବେଗେନା ଗ୍ରାମର କ୍ରିଷ ସାହୁ(୫), ବର୍ଷାରାଣୀ ମହାନ୍ତ(୨୦), ସାଇଶ୍ରଦ୍ଧା ସେଠୀ (୩), ବନିତା ସେଠୀ(୨୫), ଦିବ୍ୟ ସେଠୀ(୨୦), ସିଲୁ ନାଏକ (୩୦), ଦୈତାରୀ ମହାନ୍ତ(୪୦)ଙ୍କୁ ଗୋଡେଇ ଗୋଡେଇ କୁକୁର କାମୁଡି ଥିଲା । ସମସ୍ତ ଗୁରୁତରଙ୍କୁ ଚିକିତ୍ସା ପାଇଁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଜଣାପଡିଛି । ସମସ୍ତଙ୍କ ଦେହରେ ଦୁଇରୁ ତିନୋଟି କ୍ଷତ ଚିହ୍ନ ଥିବା ସୂଚନା ମିଳିଛି । କୁକୁର କାମୁଡା ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି । ପାଗଳା କୁକୁରକୁ ତୁରନ୍ତ ଆୟତ୍ତ କରିବାକୁ ସାଧାରଣରେ ଦାବି ହୋଇଛି ।

## ପକ୍ଷୀ ଗଣନା ଶେଷ ଚଳିତବର୍ଷ ଆସିଛନ୍ତି ୫୯ ପ୍ରଜାତିର ୬୦୮୧ ପକ୍ଷୀ

ଆନନ୍ଦପୁର,୨୧।୧(ନି.ପ୍ର):ଆନନ୍ଦପୁର ବନଖଣ୍ଡର ୪ଟି ରେଞ୍ଜରେ ପକ୍ଷୀ ଗଣନା ଶେଷ ହୋଇଛି । ଚଳିତ ବର୍ଷ ୫୯ ପ୍ରଜାତିର ୬୦୮୧ ପକ୍ଷୀ ଆସିଥିବା ଆକଳନ ହୋଇଛି । ଆନନ୍ଦପୁର, ହଦଗଡ, ଦେଓଗାଁ, ବ୍ରାହ୍ମଣୀପାଳ ରେଞ୍ଜରେ ବନ କର୍ମଚାରୀମାନେ ୧୮ଟି ଦଳରେ ଭାଗ ହୋଇ ବିଭିନ୍ନ ଜଳାଶୟ, ନଦୀକୂଳ, ଜଳସେଚନ ପ୍ରକଳ୍ପ ନିକଟରେ ପକ୍ଷୀ ଗଣନା କରିଥିଲେ । ଆନନ୍ଦପୁର ରେଞ୍ଜର ନବକିଶୋର ନାୟକଙ୍କ ନେତୃତ୍ୱରେ ଧନେଇ ପୀଠ, ମଦନପୁର ଡ୍ୟାମ୍, କୋଡପଡା ନିକଟରେ ପକ୍ଷୀ ଗଣନା କରାଯାଇଥିଲା । ହଦଗଡ ରେଞ୍ଜ ପକ୍ଷରୁ ରେଞ୍ଜର ମାର୍ଶାଲ କିସ୍କୁ, ଫରେଷ୍ଟର ମଳୟ ସାହୁଙ୍କ ନେତୃତ୍ୱରେ ହଦଗଡ ଡ୍ୟାମ୍ ଓ ଆଖପାଖ ଅଞ୍ଚଳରେ ପକ୍ଷୀ ଗଣନା କରାଯାଇଥିଲା ବୋଲି ଡିଏଫ୍‌ଓ ଡିଏ ପ୍ରଶାନ୍ତ କୁମାରା ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ୪୨ଟି ପ୍ରଜାତିର ୮ହଜାରରୁ ଅଧିକ ପକ୍ଷୀ ବିଭିନ୍ନ ସ୍ଥାନକୁ ଆସିଥିଲେ । ଚଳିତବର୍ଷ ଏହି ସଂଖ୍ୟା ଅଧିକ ହହେବ ବୋଲି କୁହାଯାଉଛି ।

## ବିବାଦରେ ଫକୀରପୁର ସେବା ସମବାୟ ସମିତି

ଆନନ୍ଦପୁର,୨୧।୧(ନି.ପ୍ର):ଆନନ୍ଦପୁର ପୌରାଞ୍ଚଳର ଫକୀରପୁର ଠାରେ ଥିବା ଫକୀରପୁର ସେବା ସମବାୟ ସମିତିରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି । ସମିତି ସମ୍ପାଦକ ଓ ସଭାପତିଙ୍କ ମଧ୍ୟରେ ସମନ୍ୱୟର ଅଭାବ ପରିଲକ୍ଷିତ ହୋଇଥିବା ଚର୍ଚ୍ଚାକୁ ଆସିଛି। ନିକଟରେ ଚଳିତ ମାସ ୧୩ତାରିଖରେ ଫକୀରପୁର ସମବାୟ ସମିତିରେ ଧାନମଣ୍ଡି ଉଦ୍ଘାଟନୀ ସମାରୋହରେ ସଭାପତିଙ୍କ ଅନୁପସ୍ଥିତି ଘଟଣାକୁ ସ୍ପଷ୍ଟ କରିଛି । ସଭାପତି ସଞ୍ଜୟ କୁମାର ମଲ୍ଲିକଙ୍କ କହିବା ଅନୁଯାୟୀ ଧାନମଣ୍ଡି ଉଦ୍ଘାଟନୀ ଉତ୍ସବରେ ତାଙ୍କୁ ଅଣଦେଖା କରାଯାଇଥିଲା । ଡକା ଯାଇନଥିଲା । ଏପରିକି ସମିତି ପକ୍ଷରୁ ଧାନ କିଣା ଆରମ୍ଭ ହୋଇଥିଲେ ବି ତାଙ୍କୁ କୌଣସି ସୂଚନା ଦିଆଯାଇନଥିବା ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ ସମ୍ପାଦକ ଦୟାନିଧି ଦାସ କହିଛନ୍ତି ଯେ, ସଭାପତିଙ୍କୁ ନିମନ୍ତ୍ରଣ କରାଯାଇଥିଲା କିନ୍ତୁ ସେ ଆସିନଥିଲେ। ତେବେ କାହା କଥାରେ କଣ ସତ୍ୟତା ରହିଛି ତାହା ଅସ୍ପଷ୍ଟ ରହିଛି । ଏଭଳି ଘଟଣାକୁ ନେଇ ଆଗାମୀ ଦିନରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଥିବା ବେଳେ ସଭାପତିଙ୍କ ଆଗୋଚରରେ ମଣ୍ଡିରେ ଧାନ କ୍ରୟ କରାଯିବା ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି । ସୂଚନାଯୋଗ୍ୟ ଯେ, ନିକଟରେ ସମିତିର ବିଭିନ୍ନ ଅନିୟମିତତା । କାର୍ଯ୍ୟକୁ ନେଇ ସଭାପତି ଏଆରସିଏସ୍ ଆନନ୍ଦପୁରଙ୍କ ଠାରେ ଲିଖିତ ଅଭିଯୋଗ କରିବା ପରେ ସମ୍ପାଦକଙ୍କର ତିନିମାସର ଦରମା ବନ୍ଦ ରହିଥିବା ଚର୍ଚ୍ଚାକୁ ଆସିଛି । ସମିତିରେ ଥିବା ୧୪ଜଣ ସଦସ୍ୟଙ୍କ ମଧ୍ୟରୁ କୌଣସି କାର୍ଯ୍ୟ ହେଲେ ମାତ୍ର ହାତଗଣତି କେତେକ ସଦସ୍ୟଙ୍କୁ ନିମନ୍ତ୍ରଣ କରାଯାଇ ନିଜ କାର୍ଯ୍ୟ ଶେଷ କରି ଦିଆଯାଉଥିବା ସଭାପତି ଅଭିଯୋଗ କରିଛନ୍ତି । ସମବାୟ ସମିତିର ଉଭୟ ସଭାପତି ଓ ସମ୍ପାଦକଙ୍କ ମଧ୍ୟରେ ଲାଗି ରହିଥିବା ମନାନ୍ତର ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନଦେଲେ ଆଗାମୀ ଦିନରେ ସମିତିର କାର୍ଯ୍ୟରେ ବାଧା ସୃଷ୍ଟି ହେବା ଆଶଙ୍କା ରହିଛି ।

## ହିଙ୍ଗୁଳା କପ୍ ଫୁଟବଲ : ଫାଇନାଲରେ ବାଲେଶ୍ୱର



ରାମଚନ୍ଦ୍ରପୁର,୨୧।୧(ନି.ପ୍ର):ହିଙ୍ଗୁଳା ଆଥ୍‌ଲେଟିକ୍ ଆସୋସିଏସନ ସାଇଁକୁଳ ପକ୍ଷରୁ ଆୟୋଜିତ ହେଉଥିବା ରାଜ୍ୟ ସ୍ତରୀୟ ହିଙ୍ଗୁଳା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ମଙ୍ଗଳା କ୍ଲବ କଟକକୁ ୪-୩ ଗୋଲରେ ପରାସ୍ତ କରି ମିଶନ ଟାଇଗର ବାଲେଶ୍ୱର ଫାଇନାଲକୁ ପ୍ରବେଶ କରିଛି । ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍ ବେଶ ସଂଘର୍ଷପୂର୍ଣ୍ଣ ଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିବାରୁ ଟ୍ରାଇବ୍ରେକର ସହୟତା ନିଆଯାଇଥିଲା । ମିଶନ ଟାଇଗର ବାଲେଶ୍ୱର ୪-୩ଗୋଲରେ ମଙ୍ଗଳା କ୍ଲବ କଟକକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ସ୍ଥାନୀୟ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଶୈଳେନ୍ଦ୍ର ଧନୀ ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହିତ କରିବା ସହ ହିଙ୍ଗୁଳା କ୍ଲବର ବରିଷ୍ଠ ଫୁଟବଲ ଖେଳାଳୀ ଚୈତନ୍ୟ ଦେହୁରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ମ୍ୟାଚ୍ ରେଫରୀ ଭାବେ ମାନସ ବିଶ୍ୱାଳ, ଉତ୍ତମ ବାରିକ, ଏସ୍‌କେ ମୁକିମ୍ କାର୍ଯ୍ୟ ସମ୍ପାଦନ କରିଥିଲେ । ଶ୍ରୀକାନ୍ତ ସେନାପତି, ମାନସ ପରିଡା ଏବଂ ଅବିନାଶ ପରିଡା ମ୍ୟାଚ୍‌ର ଧାରାବିବରଣୀ ପ୍ରଦାନ କରିଥିଲେ । କ୍ଲବ ସଭାପତି ଗୋପିନାଥ ସ୍ୱାଇଁଙ୍କ ମାର୍ଗ ଦର୍ଶନରେ ହିଙ୍ଗୁଳା ଆଥଲେଟିକ ଆସୋସିଏସନର ସମ୍ପାଦକ ମାର୍କଣ୍ଡ ସାମଲ, କୋଷାଧ୍ୟକ୍ଷ ଜଗବନ୍ଧୁ ପରିଡା, ବରିଷ୍ଠ ସଦସ୍ୟ ତ୍ରିଲୋଚନ ପରିଡା, ଚୈତନ୍ୟ ଦେହୁରୀ, ଶତ୍ରୁଘନ ବେହେରା, ବିପିନ ବିହାରୀ ମହାନ୍ତି, ନନ୍ଦକିଶୋର ବେହେରା, ହିମାଦ୍ରିନାଥ ଜେନା, ରବିନ୍ଦ୍ର ତ୍ରିପାଠୀ, ଚନ୍ଦ୍ରଶେଖର ବେହେରା, ପ୍ରଭାକର ପରିଡା, ଶିବ ମହାରଣା, ବିନୋଦ ବିହାରୀ ଯେନା, ବାଇଧର ପରିଡା, ବିଷ୍ଣୁ ସାମଲଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳକୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ଧାନ ମଣ୍ଡି ଉଦ୍‌ଘାଟନ କଲେ ଦିଲିପ କୁମାର ଷଡ଼ଙ୍ଗୀ

ଓଡ଼ାପଡ଼ା,୨୧।୧(ନି.ପ୍ର): ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ଏହି ବ୍ଲକ ଅନ୍ତର୍ଗତ ଗଦାଶିଳା ସୋ ସମବାୟ ସମିତି ଠାରେ



ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଧାନ ମଣ୍ଡି ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କମିଟି ସଦସ୍ୟ ନରୋତ୍ତମ ସାହୁ, ଜିଲ୍ଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁ, ସମିତି ସଂପାଦକଶ୍ରୀମତୀ ଅନୁସୟା ସାହୁ ଓଡ଼ାପଡ଼ା ଯୋଗାଣ ଅଧିକାରୀ ସୂରଜ ପାଇକରାୟ ଓ ରାଜସ୍ୱ ନିରୀକ୍ଷକ ଯୋଗ ଦେଇଥିଲେ। ଏହି ମଣ୍ଡିରେ ୨୭ ଜଣ ଚାଷୀ କୁଇଣ୍ଟାଲ ଧାନ ବିକ୍ରୀ କରିଥିବା ଜଣାପଡିଛି। ସେହି ପରି ଓଡ଼ାପଡ଼ା ସେବା ସମବାୟ ସମିତିରେ ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ଯୋଗ ଦେଇ ଧାନ ମଣ୍ଡି ଉଦଘାଟନ କରିଥିଲେ। ଏହି ମଣ୍ଡିରେ ଓଡ଼ାପଡ଼ା ଯୋଗାଣ ବିଭାଗ ଅଧିକାରୀ ସୂରଜ ପାଇକରାୟ ରାଜସ୍ୱ ନୀରୀକ୍ଷକ ଅନିଲ୍ କୁମାର ସାହୁ, ସମିତି ସଂପାଦକ ପ୍ରଶ୍ନ କୁମାର ବେହେରା ପରିଚାଳନା କମିଟି ସଦସ୍ୟମାନେ ଯୋଗ ଦେଇଥିଲେ। ଏଠାରେ ୧୪ ଜଣ ଚାଷୀ ୪୧୨ କୁଇଣ୍ଟାଲ ଧାନ ବିକ୍ରୀ କରିଥିବା ଜଣାପଡିଛି। ତେବେ ଅନେକ ଚାଷୀମାନଙ୍କୁ ଟୋକନ ମିଳିନଥିବା ବେଳେ ଯେଉଁ ମାନେ ପକୃତ ଚାଷୀ ଏବଂ ଅଧିକ ଜମିରେ ଧାନଚାଷ କରିଛନ୍ତି ସେମାନଙ୍କର ଅଳ୍ପ ପରିମାଣର ଧାନ ଦେବାକୁ ଟୋକନ ମିଳିଥିବା ବେଳେ ଯେଉଁମାନଙ୍କର ଜମି ନାହିଁ କିମ୍ବା ଚାଷ କରନ୍ତି ନାହିଁ ସେମାନଙ୍କର ଅଧିକ ଧାନ ବିକ୍ରୀ କରିବା ପାଇଁ ଟୋକନ ମିଳିଥିବା କିଛି ଚାଷୀ ଅଭିଯୋଗ କରିଛନ୍ତି।

## ମଦନପୁର ଡ୍ୟାମ୍‌ରେ ଦେଶୀ ଓ ବିଦେଶାଗତ ପକ୍ଷୀଙ୍କ ସମାଗମ

ରାମଚନ୍ଦ୍ରପୁର,୨୧।୧(ନି.ପ୍ର):ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଘଷିପୁରା ବ୍ଲକ ମଦନପୁର ଡ୍ୟାମ୍‌ରେ ଶୀତ ଦିନିଆ ଦେଶୀ ତଥା ବିଦେଶାଗତ ପକ୍ଷୀଙ୍କ ଗଣନା କାର୍ଯ୍ୟ ଆରମ୍ଭ ହୋଇଛି । ଆନନ୍ଦପୁର ରେଞ୍ଜ ଅଫିସର ନବକିଶୋର ନାୟକ, ବନସଂରକ୍ଷକ ପ୍ରବୀର କୁମାର ମୁର୍ମୁ, ପକ୍ଷୀ ଅନୁଧ୍ୟାନକାରୀ ସତ୍ୟନାରାୟଣ ଆଚାର୍ଯ୍ୟ, ରାମଚନ୍ଦ୍ରପୁର ବନପାଳ କେଦାର ପାତ୍ର, ଫରେଷ୍ଟଗାର୍ଡ ଉଦୟ ପାତ୍ର, ମମତା ପାଣିଗ୍ରାହୀଙ୍କ ସମେତ ସ୍ଥାନୀୟ ବନ ସୁରକ୍ଷା କର୍ମୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ସୋମବାର ବଡି ଭୋରରୁ ଡ୍ୟାମ ପରିସରରେ ଉପସ୍ଥିତ ରହି ବିଭିନ୍ନ ଯନ୍ତ୍ର ସାହାଯ୍ୟରେ ପକ୍ଷୀଙ୍କ ଗତିବିଧି ନୀରିକ୍ଷଣ କରିଥିଲେ । ପୂର୍ବ ବର୍ଷ ପରି ଚଳିତ ବର୍ଷ ଡ୍ୟାମ୍‌କୁ ହଂସରାଳୀ, ପିଲିଗିରିଆ, କୁଜିଗିରିଆ, ଗଠବଗୁଲି, ବଗ, ପିଲିବଗୁଲି, କଣ୍ଠିବଗ, ଗେଣ୍ଡାଳିଆ, ଖପରଖାଇ, ପାଣିକୁଆ, ଟେଗେରିଆ, ହଳଦିମୁହାଁ, ବରଡା, ଭଦଭଦଳିଆ, ମାଛରଙ୍କା, ଚିତ୍ରା ମାଛରଙ୍କା, ଜୁଇଁକଇଁମୋ, ମାଣ୍ଡିଆଖାଇ, ଡାହୁକ, ଦଳକୁମ୍ଫି, ହଳଦି ବସନ୍ତ ସହିତ ବିଦେଶାଗତ ପକ୍ଷୀ ଭାବେ ଧୁସରା ଗେଣ୍ଡି, ଟୁଣଟୁଣି ପ୍ରଜାତିର ଅନେକ ବିଦେଶାଗତ ପକ୍ଷୀ ଆସିଥିବା ଜାଣିବାକୁ ପାଇଥିଲେ । ପକ୍ଷୀଙ୍କ ଦଳ ଏବଂ ପ୍ରଜାତିକୁ ଆକଳର କରି ପକ୍ଷୀ ସଂଖ୍ୟା ଏକ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ବନବିଭାଗ ପକ୍ଷରୁ ଆକଳନ କରାଯାଇଥିଲା ।

## ବଞ୍ଝୋ ବାଲିଘାଟରେ ଟ୍ରେଞ୍ଚ ଖୋଳିଲା ଖଣି ବିଭାଗ



ହାଟଡିହି,୨୧।୧(ନି.ପ୍ର): ହାଟଡିହି ତହସିଲ ଅଧିନସ୍ଥ ବଞ୍ଝୋ ବାଲିଗାଟରୁ ଦୈନିକ ୫୦ରୁ ଊର୍ଦ୍ଧ୍ୱ ଟ୍ରାକ୍ଟରରେ ବେଆଇନ୍ ବାଲି ପରିବହନ ହେଉଥିବା ବେଳେ ଟ୍ରାକ୍ଟର ଯାତାୟତ ବେଳେ ନାନା ସମସ୍ୟା ଉପୁଜୁଥିଲା । ଶିଙ୍ଗଡୋବ ଗ୍ରାମବାସୀ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ । ଆନନ୍ଦପୁର ଠାରୁ ତରଭା ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ନଦୀବନ୍ଧରେ କିଛି ମୁଷ୍ଟିମେୟ ଲୋଲକ ଓ କିଛି ଗାଡି ମାଲିକମାାନେ ସଲସୁତରା ହୋଇ ନଦୀବନ୍ଧରେ ରେମ୍ପ ନିର୍ମାଣ କରି ବାଲି ଉତ୍ତୋଳନ କରାଯାଉଚି ବୋଲି ଅଭିଯୋଗ କରିଥିଲେ । ଏହାଦ୍ୱାରା ସିଙ୍ଗଡୋଭ ଗ୍ରାମବାସୀମାନେ ନାନା ଅସୁବିଧା ଭୋଗୁଥିବା ଅଭିଯୋଗରେ ଦର୍ଶାଇଥିଲେ । ଅଭିଯୋଗ ପାଇବା ପରେ ଆଜି ଖଣି ବିଭାଗର ଅଧିକାରୀମାନେ ଆନନ୍ଦପୁର ପୋଲିସ ସହଯୋଗରେ ସିଙ୍ଗଡୋଭ ନିକଟରେ ମେସିନ ସାହାଯ୍ୟରେ ଟ୍ରେଞ୍ଚ ଖୋଲି ବାଲି ପରିବହନରେ ରୋକ ଲଗାଇଛନ୍ତି ।

## ମହାସାମ୍ୟବାଦୀ ଲେନିନଙ୍କ ବାର୍ଷିକୀ ପାଳିତ

ଯଶିପୁର,୨୧।୧(ନି.ପ୍ର):ସମାଜତନ୍ତ୍ର ବିପ୍ଳବର ରୂପକାର ମହାନ ନେତା କମ୍ରେଡ ଲେନିନଙ୍କ ୧୦୨ତମ ମୃତ୍ୟୁ ବାର୍ଷିକୀ ଯଥାଯୋଗ୍ୟ ମର୍ଯ୍ୟଦାର ସହ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଦଳର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଶମ୍ଭୁନାଥ ନାଏକ ପାର୍ଟି ପତାକା ଉତ୍ତୋଳନ କରିଥିଲେ । ପତାକା ଉତ୍ତୋଳନ ପରେ ଅଫିସ୍



ପ୍ରକୋଷ୍ଠରେ କମ୍ରେଡ ଲେନିନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ମାଲ୍ୟାର୍ପଣ କରିଥିଲେ କମ୍ରେଡ ଶମ୍ଭୁନାଥ ନାଏକ, ନୀଳାମ୍ବର ନାକେ, ମନୋଜ ମହାନ୍ତ, ପ୍ରକାଶ ମଢେଇ, ଲଳିତ ମହାନ୍ତ, ସୁଶାନ୍ତ ମୁର୍ମୁ, ମଧୁସୂଦନ ନାଏକ, ଅର୍ଜୁନ ମହାନ୍ତ, କଲ୍ୟାଣ ନାଏକ, ମିଳନ ମହାନ୍ତ । କାର୍ଯ୍ୟକ୍ରମ ପରିଚାଳନାରେ ଜଗବନ୍ଧୁ ମଲ୍ଲିକ ଏବଂ ଅନ୍ୟମାନେ ସହଯୋଗ କରିଥିଲେ । ଆନ୍ତର୍ଜାତିକ ସଙ୍ଗୀତ ଗାଇବା ପରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା ।

## ଚର୍ଚ୍ଚ ଅଫ୍ ଗଡ୍ ବିଶ୍ୱବ୍ୟାପୀ ସ୍ୱଚ୍ଛତା ଅଭିଯାନ ଶୁଭାରମ୍ଭ



କେନ୍ଦୁଝର,୨୧।୧(ନି.ପ୍ର): ଚର୍ଚ୍ଚ ଅଫ୍ ଗଡ୍ ବିଶ୍ୱବ୍ୟାପୀ ସ୍ୱଚ୍ଛତା ଅଭିଯାନ ଶୁଭାରମ୍ଭ ହୋଇଛି । କେନ୍ଦୁଝରଗଡ ପୌରପାଳିକାର ଅଧକ୍ଷା ନିକୁ ସାହୁ ସ୍ୱେଚ୍ଛାସେବକମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ପରିଷ୍କାର ପରିବେଶକୁ ଦେଖି ବହୁତ ପ୍ରଭାବିତ ହୋଇଥିଲେ ଓ ଚର୍ଚ୍ଚ ଅଫ୍ ଗଡ୍‌ର ସଦସ୍ୟମାନଙ୍କୁ ଧନ୍ୟବାଦ ଏବଂ ପ୍ରୋତ୍ସାହିତ କରିଥିଲେ। କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ସ୍ଥାନ ପରିଦର୍ଶନ କରିଥିଲେ ଏବଂ ଗର୍ବର ଭାବନା ପ୍ରକାଶ କରି ସ୍ୱର୍ଗୀୟ ମାତା ନୂତନ ଯିରୁଶାଲମଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କଲେ ଓ ଏହିପରି ସ୍ୱୟଂ ସେବା କାର୍ଯ୍ୟକୁ ବଜାୟ ରଖିବା ପାଇଁ ଓ ମିଳିମିଶି କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ଚର୍ଚ୍ଚ ଅଫ୍ ଗଡ୍ ବିଶ୍ୱବ୍ୟାପୀ ସ୍ୱଚ୍ଛତା ଅଭିଯାନରେ ତେଲକୋଇ ବସଷ୍ଟାଣ୍ଡ ଚାରିପାଖ ଅଞ୍ଚଳ ପ୍ରାୟ ୩୦୦ ଜଣ ସ୍ୱେଚ୍ଛାସେବୀଙ୍କ ଅଂଶଗ୍ରହଣରେ ପରିଷ୍କାର କରିଥିଲେ। ଏହାପରେ ସେମାନେ କେନ୍ଦୁଝର ସହରର ରାସ୍ତା ପାର୍ଶ୍ୱରେ ସଫେଇ କରିଥିଲେ। ବୁଧବାର ଦିନ ପ୍ରାୟ ୧୧ଟା ସମୟରେ ପ୍ରାୟ ୩୦୦ ଜଣ ସ୍ୱେଚ୍ଛାସେବକ, ମୁଖ୍ୟତଃ ଚର୍ଚ୍ଚ ଅଫ୍ ଗଡ୍ ସଦସ୍ୟ ତେଲକୋଇ ବସଷ୍ଟାଣ୍ଡରେ ଏକତ୍ରିତ ହୋଇଥିଲେ। ଏହି ଅଞ୍ଚଳଟି ବେଆଇନ ଭାବରେ ଫୋପାଡି ଦିଆଯାଉଥିବା ଅଳିଆ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିଲା। ସ୍ୱେଚ୍ଛାସେବକମାନେ ପ୍ଲାଷ୍ଟିକ କପ୍, ଷ୍ଟ୍ର, ପ୍ଲାଷ୍ଟିକ ବ୍ୟାଗ୍, ବାକ୍ସ ଏବଂ ସ୍ନାକ୍ସ ରାପର୍ ସମେତ ବିଭିନ୍ନ ପ୍ରକାରର ଘରୋଇ ଅଳିଆ ସଂଗ୍ରହ କରିଥିଲେ। ପ୍ରାୟ ୨ ଘଣ୍ଟା ସଫା କାର୍ଯ୍ୟ ପରେ ୧୫୦ ବ୍ୟାଗ୍ ଅଳିଆ ଭର୍ତ୍ତି କରାଯାଇଥିଲା। ଚର୍ଚ୍ଚ ଅଫ୍ ଗଡ୍ ଦୀର୍ଘଦିନ ଧରି ସ୍ଥାନୀୟ ଲୋକଙ୍କ ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ କାର୍ଯ୍ୟକଳାପ ଚଳାଇ ଆସୁଛି, ଯେପରିକି ପରିବେଶଗତ ସଫେଇ, ରକ୍ତଦାନ ଶିବିର, ଅଭାବଗ୍ରସ୍ତ ପଡୋଶୀମାନଙ୍କୁ ସାହାଯ୍ୟ କରିବା ଏବଂ ବିପର୍ଯ୍ୟୟ ସହାୟତା। ସ୍ଥିର ରକ୍ତ ଯୋଗାଣକୁ ବଜାୟ ରଖିବା ପାଇଁ ଚର୍ଚ୍ଚ ନିରନ୍ତର ଭାବରେ ଓଡିଶା ଏବଂ ଅନ୍ୟାନ୍ୟ ଅଞ୍ଚଳରେ ନିସ୍ତାର ପର୍ବର ପ୍ରେମ ମାଧ୍ୟମରେ ଜୀବନ ଦେବା ପାଇଁ ବିଶ୍ୱବ୍ୟାପୀ ରକ୍ତଦାନ ଶିବିର ଆୟୋଜନ କରିଆସୁଛି। ୨୧ ତାରିଖରେ ଚର୍ଚ୍ଚ ଓଡିଶାର କେନ୍ଦୁଝରରେ ୯୧୬୪ ତମ ବିଶ୍ୱବ୍ୟାପୀ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଛି। ବିଶ୍ୱ ମିଶନ ସଂସ୍ଥା ଚର୍ଚ୍ଚ ଅଫ୍ ଗଡ(ପ୍ରଧାନ ପାଦ୍ରି କିମ୍ ଜୁ ଚିଓଲ୍, ଏହାପରେ ଚର୍ଚ୍ଚ ଅଫ୍ ଗଡ୍) ନୂତନ ବର୍ଷରେ ସ୍ଥାନୀୟ ସଂପ୍ରଦାୟରେ ବିଭିନ୍ନ ଉପାୟରେ ଜନ କଲ୍ୟାଣକୁ ସମର୍ଥନ କରିଆସୁଛି। ଚର୍ଚ୍ଚ ଅଫ୍ ଗଡ୍‌ର ଜଣେ ଅଧିକାରୀ କହିଛନ୍ତି, ସଦସ୍ୟମାନେ ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ପୃଥିବୀକୁ ସୁରକ୍ଷା ଦେବା ଏବଂ ଆମ ପଡୋଶୀଙ୍କ ଖୁସିକୁ ପ୍ରୋତ୍ସାହିତ କରିବା ପାଇଁ ଏକାଠି ହେଲେ। ଆମେ ଆଶା କରୁଅଛୁ ଯେ ଏହି କାର୍ଯ୍ୟକଳାପ ସହରକୁ ସ୍ୱଚ୍ଛ ଏବଂ ସୁନ୍ଦର ରଖିବାରେ ସାହାଯ୍ୟ କରିବ।

## ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବେ ୧୮୮୬ ଛାତ୍ର ଛାତ୍ରୀ

ଚମ୍ପୁଆ,୨୧।୧(ନି.ପ୍ର): ଆଗାମୀ ଦଶମ ଶ୍ରେଣି ବୋର୍ଡ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଗଲାଣି। ଚଳିତ ବର୍ଷ ଚମ୍ପୁଆ ବ୍ଲକ ଶିକ୍ଷା ବିଭାଗ ଅଧିନରେ ୧୮୮୬ ଜଣ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବେ ବୋଲି ଜଣାଯାଇଛି। ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚମ୍ପୁଆ ବ୍ଲକରେ ୧୦ ଗୋଟି ପରୀକ୍ଷା କେନ୍ଦ୍ରରେ ୮୮୦ ଜଣ ଛାତ୍ର ଓ ୧୦୦୬ ଜଣ ଛାତ୍ରୀ ବୋର୍ଡ ପରୀକ୍ଷା ଦେବେ। ଏନେଇ ବିଭାଗ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଥିବା ବେଳେ ପରୀକ୍ଷା ସୁଚାରରୂପେ ପରିଚାଳନା ପାଇଁ ଅବ୍‌ଜର୍‌ଭର୍ ନିଯୁକ୍ତ କରାଯାଇଥିବା ବେଳେ ସୁପରିଟେଂଣ୍ଡ ମାଧ୍ୟମରେ ପରୀକ୍ଷା କରାଯିବା ଏବଂ ପରୀକ୍ଷା ପରିଚାଳକ ମାନଙ୍କୁ ନିଯୁକ୍ତ କରାଯାଇଛି। ୧୯।୨।୨୦୨୬ ରୁ ଏହି ପରୀକ୍ଷା ଆରମ୍ଭ ହୋଇ ୨୧।୦୩।୨୦୨୬ ରେ ଶେଷ ହେବ ବୋଲି ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ନାଏକ ସୂଚନା ଦେଇଛନ୍ତି।

## ଅବକାରୀ ଚଢାଉ, ୩ ଗିରଫ




ହାଟଡିହି,୨୧।୧(ନି.ପ୍ର):ହାଟଡିହି ବ୍ଲକର ବିଭିନ୍ନ ଅଂଚଳରେ ଚୋରା ମଦ କାରବାର ବେଳେ ମାଡି ବସିଲା ଅବକାରୀ ବିଭାଗ । ପୃଥକ ପୃଥକ ୩ଟି ସ୍ଥାନରେ ଚଡାଉ କରି ୫୦ଲିଟରରୁ ଊର୍ଦ୍ଧ୍ୱ ଦେଶୀ ଓ ବିଦେଶୀ ମଦ ଜବତ କରିବା ସହିତ ୩ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ । ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଇନ୍ସପେକ୍ଟର ବ୍ରଜଜ କିଶୋର ମଲ୍ଲିକଙ୍କ ନେତୃତ୍ୱରେ ଆଜି ସକାଳୁ ନନ୍ଦିପଦା ଥାନା ଶାଳଣିଆଁ, ଆନନ୍ଦପୁର ଥାନା ପୁରୁଣାଘାଟି ଓ ସୋସୋ ଥାନା ଗ୍ରାମରେ ଚଡାଉ କରି ବିକ୍ରୀ ଉଦ୍ଦେଶ୍ୟରେ ଥିବା ୫୦ଲିଟରରୁ ଊର୍ଦ୍ଧ୍ୱ ଦେଶୀ ଓ ବିଦେଶୀ ମଦ ଜବତ କରିଥିଲେ । ସୋସୋ ଗ୍ରାମର ବ୍ରାହ୍ମାନନ୍ଦ ସିଂ ନିଜ ଦୋକାନ ଘରେ ଚୋରାରେ ବିଦେଶୀ ମମଦ ବିକ୍ରୀ କରୁଥିବା ବେଳେ ସକାଳୁ ସକାଳୁ ଚଡାଉ କରି ବିପୁଳ ପରିମାଣରେ ମଦ ଜବତ କରିଥିଲା ଅବକାରୀ ବିଭାଗ । ଏହି ଘଟଣାରେ ତିନୋଟି ମାମଲା ରୁଜୁ ହୋଇଛି । ଏହି ଘଟଣାରେ ପୁରୁଣଘାଟି ଗ୍ରାମର ରାଜେଶ ହୋ, ଶାଳକଣିଆ ଗ୍ରାମର ପଦ୍ମଲୋଚନ ମୁଦୁଲି, ସୋସୋ ଗ୍ରାମର ବ୍ରହ୍ମାନନ୍ଦ ସିଂଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ଗୋଟିଏ ବାଇକ ମଧ୍ୟ ଜବତ କରାଯାଇଥିବା ଇନ୍ସପେକ୍ଟର ବ୍ରଜ କିଶୋର ମଲ୍ଲିକ ସୂଚନା ଦେଇଛନ୍ତି ।

## ବାଂଲାଦେଶକୁ ଆଇସିସିର ଚରମବାଣୀ

# ଭାରତରେ ବିଶ୍ୱକପ ନ ଖେଳିଲେ ସାଘାଂତିକ ପରିସ୍ଥିତି

ନୂଆଦିଲ୍ଲୀ,୨୧।୧(ଏଜେନ୍ସି): ବାଂଲାଦେଶ ଆସନ୍ତା ଟି-୨୦ ବିଶ୍ୱକପ ଭାରତରେ ଖେଳିବା ନେଇ ଚରମବାଣୀ ଶୁଣାଇଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି)। ଅନ୍ତର୍ଜାତୀୟ କ୍ରିକେଟ ପରିଷଦଛ ଭାରତରୁ ମ୍ୟାଚ ସ୍ଥାନାନ୍ତର ନେଇ ବାଂଲାଦେଶର ଦାବିକୁ ପ୍ରତ୍ୟାଖ୍ୟାନ କରାଯାଇଛି। ଏପରିକି ୨୪ ଘଣ୍ଟାରେ ନ ଜଣାଇଲେ ବାଂଲାଦେଶ ସ୍ଥାନରେ ସ୍କଟଲାଣ୍ଡ୍ ଖେଳିବ ନେଇ ଧମକ ଦେଇଛି ଆଇସିସି। ବର୍ତ୍ତମାନ ଟି -୨୦ ବିଶ୍ୱକପ କ୍ରିକେଟ କାର୍ଯ୍ୟସୂଚୀରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ବୁଧବାର ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ଏକ ବୈଠକରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଆଇସିସି ତରଫରୁ ବାଂଲାଦେଶକୁ ଏହି ସୂଚନା ଦିଆଯାଇଛି। ସୂଚନା ଯୋଗ୍ୟ ଯେ ଭାରତରୁ ବିଶ୍ୱକପ ମ୍ୟାଚ ସ୍ଥାନାନ୍ତର କରି ଶ୍ରୀଲଙ୍କାରେ କରାଯାଉ ବୋଲି କିଛି ଦିନ ତଳେ ବାଂଲାଦେଶ କ୍ରିକେଟ ବୋର୍ଡ ଆଇସିସିକୁ ଅନୁରୋଧ କରିଥିଲା। ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ବିଚାର କରି ଆଇସିସି ଏହି ନିଷ୍ପତ୍ତି ନେଇଛି।ଏଥିସହିତ ଭାରତର ଯେଉଁ ସ୍ଥାନ ମାନଙ୍କରେ ମ୍ୟାଚ ଖେଳାଯିବ, ସେଠାରେ ବାଂଲାଦେଶୀ ଖେଳାଳି, ଗଣମାଧ୍ୟମ କର୍ମଚାରୀ, ଅଧିକାରୀ ଏବଂ ପ୍ରଶଂସକଙ୍କ ପ୍ରତି କୌଣସି ବିପଦ ନାହିଁ ବୋଲି ଆଇସିସି ସ୍ପଷ୍ଟ ଭାବରେ କହିଛି। ବାଂଲାଦେଶ ପ୍ରତି କୌଣସି ସୁରକ୍ଷା ଜନିତ ବିପଦ ନାହିଁ ।ତେଣୁ ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ ପରିବର୍ତ୍ତନ କରାଯିବ ନାହିଁ ବୋଲି ଆଇସିସି କହିଛି। ଯଦି ବର୍ତ୍ତମାନ କୌଣସି କାରଣ ନ ଥାଇ କାର୍ଯ୍ୟସୂଚୀ ପରିବର୍ତ୍ତନ କରାଯିବ ତେବେ ଏହା ଭବିଷ୍ୟତର ଆଇସିସି ଇଭେଣ୍ଟଗୁଡ଼ିକ ଉପରେ ପ୍ରଭାବ ପକାଇବ ଓ ଏକ ବିଶ୍ୱସ୍ତରୀୟ ପ୍ରଶାସକ ସଂସ୍ଥା ଭାବରେ ଏହାର ନିରପେକ୍ଷତାକୁ ଦୁର୍ବଳ କରିବ ବୋଲି ମଧ୍ୟ କୁହାଯାଇଛି।

## ପ୍ରଥମ ଟି-୨୦: ନ୍ୟୁଜିଲାଣ୍ଡକୁ ହରାଇଲା ଭାରତ




ନାଗପୁର,୨୧।୧(ଏଜେନ୍ସି): ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ଚଳିତ ୫ ମ୍ୟାଚ ବିଶିଷ୍ଟ ଟି-୨୦ କ୍ରିକେଟ ସିରିଜର ପ୍ରଥମ ମ୍ୟାଚରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡକୁ ୪୮ ରନରେ ପରାସ୍ତ କରିଛି ଭାରତ। ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ଭାରତ ଓପନର ଅଭିଷେକ ଶର୍ମାଙ୍କ ୩୫ ବଲରୁ ୮୪(୮ ଛକା,୫ ଚୌକା) ,ସୂର୍ଯ୍ୟକୁମାର ଯାଦବ ୩୨,ହାର୍ଦ୍ଦିକ ପାଣ୍ଡ୍ୟା ୨୫ ଓ ରିଙ୍କୁ ସିଂଙ୍କ ଅପରାଜିତ ୪୪ ରନ ବଳରେ ୭ ୱିକେଟ ହରାଇ ୨୩୮ ରନ କରିଥିଲା। ଏହାର ଜବାବରେ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ କରିଥିଲା ୧୯୦ ରନ। ଓପନର ଡେଭନ କନ୍‌ୱେ (୦), ଟିମ ରବିନସନ(୨୧) ଓ ରଚିନ ରବିନ୍ଦ୍ର(୧) ବିଫଳ ହେବା ପରେ ଗ୍ଲେନ୍ ଫିଲିପ୍ସ ଲଢୁଆ ବ୍ୟାଟିଂ କରି ୬ ଛକା ଓ ୪ ଚୌକା ବଳରେ ୪୦ ବଲରୁ ୭୮ ଏବଂ ମାର୍କ ଚାପମ୍ୟାନ ୨୪ ବଲରୁ ୩୯ , ଡ୍ୟାରିଲ ମିଚେଲ ୨୮ ଓ ମିଚେଲ ସାଣ୍ଟନେର ୨୦ କରିବା ସହ ବିଜୟ ଆଶା ସଞ୍ଚାର କରିଥିଲେ। ମାତ୍ର ନ୍ୟୁଜିଲାଣ୍ଡ ବିଜୟ ଲକ୍ଷ୍ୟ ହାସଲ କରିବା କଷ୍ଟକର ହୋଇ ପଡିଥିଲା।

## ଗଣମାଧ୍ୟମ ପ୍ରତିନିଧିଗଣଙ୍କ ମାଉଣ୍ଟ ଆବୁ, ଉଦୟପୁର, ଅମ୍ବାଜୀ ମାତାଙ୍କ ମନ୍ଦିର ପରିଦର୍ଶନ



କଣ୍ଟିଲୋ,୨୧।୧ (ନି.ପ୍ର): ଖଣ୍ଡପଡା, କଣ୍ଟିଲୋ ଓ ଭାପୁର ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଛାପା, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମର ୨୪ ଜଣ ପ୍ରତିନିଧି ବ୍ରଜ କୁମାର ସଦାଶିବ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ବରିଷ୍ଠ ସାମ୍ବାଦିକ ଭବାନୀଙ୍କର ସିଂ ସାମନ୍ତଙ୍କ ନେତୃତ୍ୱରେ ୬ଷ୍ଠ ଥର ପାଇଁ ଶୀତକାଳୀନ ପରିଭ୍ରମଣ ଚଳିତମାସ ୧୫ ତାରିଖ ଠାରୁ ଆରମ୍ଭ କରିଥିଲେ। ଜଗନ୍ନାଥ ମନ୍ଦିର ଦର୍ଶନ ପରେ ପୁରୀଠାରୁ ଟ୍ରେନ୍‌ଯୋଗେ ରାଜସ୍ଥାନ ପ୍ରଦେଶର ମାଉଣ୍ଟ ଆବୁ ଗସ୍ତ କରିଥିଲେ। ସେଠାରେ ପହଞ୍ଚିବା ପରେ ଉଦୟପୁର,ପ୍ରଜାପତି ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଶାନ୍ତିବନ,ପାଣ୍ଡବ ଭବନ, ଆମ୍ବାଜି ମନ୍ଦିର,ଗୁରୁ ଶିଖର ମନ୍ଦିର, ଜୈନ ମନ୍ଦିର ଓ ନକି ହ୍ରଦର ପାକୃତିକ ପରିବେଶ ଓ ଶିଖର ମାଳାର ସୌନ୍ଦର୍ଯ୍ୟ ଉପଭୋଗ ସହିତ ଆଖପାଖ ଅଞ୍ଚଳରେ ଅବସ୍ଥିତ ଐତିହାସିକ ଓ ଧାର୍ମିକ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରି ଖୁସି ଅନୁଭବ କରଛନ୍ତି। ଗଣମାଧ୍ୟମର ପ୍ରତିନିଧି ପ୍ରାଚୀନ ମନ୍ଦିର ଗୁଡିକ ପରିଦର୍ଶନ କରିବା ଅବସରରେ ମନ୍ଦିରର କାରୁକାର୍ଯ୍ୟ ଦେଖି ଆନନ୍ଦ ପ୍ରକାଶ କରିଥିଲେ। ଗଣମାଧ୍ୟମ ପ୍ରତିନିଧିଗଣ ୨୨ ତାରିଖରେ ପୁରୀଠାରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି।

## ପୁରୀ ଜିଲ୍ଲା ସିପିଆଇ କାର୍ଯ୍ୟକାରିଣୀ ବୈଠକ

ନିମାପଡା,୨୧।୧( ନି.ପ୍ର): ନିମାପଡା ଅମଲାପଡା ଠାରେ ଥିବା ସିପିଆଇ ଦଳୀୟ କାର୍ଯ୍ୟାଳୟ ଠାରେ ବୁଧବାର ଦଳର ପୁରୀ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଭିନ୍ନ ଦାବୀ ପୁରଣ ନେଇ ଆସନ୍ତା ଫେବୃୟାରୀ ମାସ ୧୨ ତାରିଖରେ ଦଳ ପକ୍ଷରୁ ଦିଆଯାଇଥିବା ସର୍ବଭାରତୀୟ ଧର୍ମଘଟ ଡାକରାକୁ କିଭଳି ସଫଳ କରାଯିବ ସେ ସଂପର୍କରେ ଆଲୋଚନା କରାଯାଇଥିଲା । ଦାବୀ ଗୁଡିକ ମଧ୍ୟରେ ୪ ଶ୍ରମ କୋର୍ଡ ଆଇନ୍ ପ୍ରତ୍ୟାହାର,ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା,୩ଶହ ୟୁନିଟ ବିଦ୍ୟୁତ ଛାଡ କରିବା,କୃଷକ ମାନଙ୍କ କୃଷି ଋଣ ଛାଡ,ମଦ ବିକ୍ରିକୁ ନିଷେଧ କରିବା,ସମସ୍ତ ଚାଷଙ୍କ ଠାରୁ ମଣ୍ଡିରେ ଧାନ କ୍ରୟ କରିବା,ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଡାକ୍ତର ପଦବୀ ପୁରଣ କରିବା ଦାବୀ ଅର୍ନ୍ତଭୁକ୍ତ । ବରିଷ୍ଠ ସିପିଆଇ ନେତା ପ୍ରଦୀପ୍ତ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ପୁରୀଜିଲ୍ଲା ସଂପାଦକ କୃଷ୍ଣଚନ୍ଦ୍ର ରାଉତ ବୈଠକର ଆଭିମୂଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ନିଜ ମଧ୍ୟରେ ଭଲ ସଂମ୍ପର୍କ ଗଡ଼ିବା ସହିତ ବନ୍ଧୁ ମାନଙ୍କ ଦୁଃଖ ଓ ସୁଖରେ ସାହାଯ୍ୟ ସହଯୋଗ କରିବା ପାଇଁ ଏହି ବନ୍ଧୁ ମିଳନର ଉଦେଶ୍ୟ ବୋଲି ଗୁରୁ ଶ୍ରୀ ଖୁଣ୍ଟିଆ ପ୍ରକାଶ କରିଥିଲେ ।

## ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ସଚେତନତା

ଅସ୍ତରଙ୍ଗ,୨୧।୧(ନି.ପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଭାବେ ପୀରଜାହାନିଆ ବେଶ ପରିଚିତ । ଗୋଟିଏ ପଟେ କଂକ୍ରିଟ ସହର ମାଡି ଚାଲିଥିବା ବେଳେ ଅନ୍ୟ ପଟେ ଜଙ୍ଗଲର ବିଭିନ୍ନ ସ୍ଥାନରେ ବଣଭୋଜି ଦ୍ୱାରା ପ୍ରାକୃତିକ ପରିବେଶ ଭୀଷଣ ପ୍ରଭାବିତ ହେଉଛି। ନଭେମ୍ବରରୁ ମାର୍ଚ୍ଚ ମାସ ମଧ୍ୟରେ ବଣଭୋଜି ସ୍ଥାନ ମାନଙ୍କରେ କୁଢ଼ କୁଢ଼ ଆବର୍ଜନା ଏବେ ବନ୍ୟଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି କରିଛି। ବନବିଭାଗ ପକ୍ଷରୁ କଡା ନିୟମ ସହ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀ ଙ୍କୁ ବାରମ୍ବାର ସଚେତନତା କରାଯାଉଥିଲେ ମଧ୍ୟ ତାହାର କୌଣସି ପ୍ରଭାବ ପଡୁନାହିଁ। ବଣଭୋଜି କରିବାକୁ ଆସୁଥିବା ଲୋକେ ବେଧଡ଼କ ଭାବେ ପଲିଥିନ ଓ ପ୍ଲାଷ୍ଟିକି ବ୍ୟବହାର କରି ପରିବେଶକୁ ପ୍ରଦୂଷିତ କରୁଛନ୍ତି। ଏହାକୁ ନଜରରେ ରଖି ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ପୀରଜାହାନିଆ ପର୍ଯ୍ୟଟନସ୍ଥଳୀରେ ପ୍ଲାଷ୍ଟିକ ମୁକ୍ତ ବଣଭୋଜି ସ୍ଥଳ ଭାବେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ୭୦୯ ଦିବ୍ୟାଙ୍ଗ ପଞ୍ଜୀକୃତ



ନିଶ୍ଚିନ୍ତକୋଇଲି ,୨୧।୧(ନି.ପ୍ର): ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଏହି ବ୍ଲକ ଅଧିନସ୍ଥ ପଂଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟ ପରିସରରେ ଚଳିତ ବର୍ଷର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଆନୁଷ୍ଠାନିକ ଭାବେ ଉଦଘାଟିତ କରିବା ସହ ଭିନ୍ନକ୍ଷମ ମାନଙ୍କୁ ସମାଜର ମୁଖ୍ୟ ଶ୍ରୋତରେ ସାମିଲ କରିବା ପାଇଁ ଦଳମତ ନିର୍ବିଶେଷରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ମତପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଡିଓ ଦ୍ୱିବେନ୍ଦୁ ଦାସ, ଏବିଡିଓ ଅଶୋକ କୁମାର ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ପିପି କଲେଜ ଅଧ୍ୟକ୍ଷା ଡାଃ.ତରୁଲତା ଦେବୀ ପ୍ରମୁଖ ଯୋଗଦାନ କରିଥିଲେ । ଏହି ଶିବିରରେ ମୋଟ ୭୦୯ ଦିବ୍ୟାଙ୍ଗ ନାମ ପଂଜିକୃତ କରିଥିଲେ । ଏଥି ମଧ୍ୟରେ ଶ୍ରବଣ ଦୁର୍ବଳ ବିଭାଗରେ ୯୪ ଜଣ, ଦୃଷ୍ଟିହୀନ ବିଭାଗରେ ୮୭ ଜଣ, ସ୍ନାୟୁ ବିଜ୍ଞାନ ବିଭାଗରେ ୫୨ ଜଣ, ମାନସୀକ ରୋଗ ବିଭାଗରେ ୧୧୭ ଜଣ, ଅସ୍ଥିଶଲ୍ୟ ବିଭାଗରେ ୩୩୨ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସଂପୃକ୍ତ ବିଭାଗ ଡାକ୍ତର ମାନଙ୍କ ଦ୍ୱାରା କରାଯାଇଥିଲା । ଏହା ଛଡା ୨୫ ଜଣଙ୍କୁ ବସ୍ ପାସ୍ ଓ ୨ ଜଣଙ୍କୁ ବିଭନ୍ନକ୍ଷମଙ୍କୁ ଲୋନ୍ ପ୍ରଦାନ କରାଯାଇଥିବା ବେଳେ ଜଣେ ଦିବ୍ୟାଙ୍ଗକୈଳାସ ସ୍ୱାଇଁଙ୍କୁ ଟ୍ରାଇ ସାଇକେଲ୍ ପ୍ରଦାନ କରାଯାଇଛି । ଏହି ଶିବିରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ ପାତ୍ର, ଜିପିଓ ମନୋଜ କୁମାର ପଡିଆରି, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନିକାନ୍ତ ମହାପାତ୍ର, ଏଓ ସୌମ୍ୟନନ୍ଦନ ପଟ୍ଟନାୟକ, ବିଶିଷ୍ଟ ସମାଜ ସେବୀ ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସାହୁ, ରବିନ୍ଦ୍ରନାଥ ତ୍ରିପାଠୀ, ଅଶୋକ ଓଝା, ମିହୀର କୁମାର ମିଶ୍ର, କୈଳାସ ଚନ୍ଦ୍ର ବେହେରାଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନାରେ ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ ।

## ନୀଳକଣ୍ଠେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ

ରାଉରକେଲା, ୨୧।୧ (ନି.ପ୍ର): ହମିରପୁର କଣ୍ଟ୍ରାକ୍ଟର କଲୋନୀ ସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ର ତୃତୀୟ ପ୍ରତିଷ୍ଠା ଦିବସ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପୂଜକ ଭାବେ ଚିତ୍ତରଞ୍ଜନ ରଥ ଓ କର୍ତ୍ତା ଭାବେ ମନ୍ଦିରର ସମ୍ପାଦକ ନିରଞ୍ଜନ ସାମନ୍ତରାୟ ଦାୟିତ୍ୱ ନିର୍ବାହ କରିଥିଲେ । ଏହି ଅବସରରେ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା, ଶ୍ରୀହନୁମାନ ପୂଜା, ହୋମ,ଯଜ୍ଞ, ନୂତନ ଧ୍ୱଜା ବନ୍ଧନ, ପୁଷ୍ପାଞ୍ଜଳି ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଜ୍ୟୋସ୍ନା ରାଣୀ ରାଉତ, ପଦ୍ମାବତୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ୩୧ରୁ ପୁରୀରେ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ: ଯୋଗଦେବେ ବିପୁଳ ଭକ୍ତ ଓ ପ୍ରସିଦ୍ଧ ସାଧୁସନ୍ଥ




ଭୁବନେଶ୍ୱର,୨୧।୧(ନି.ପ୍ର): ଶ୍ରୀମତ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଂଘପକ୍ଷରୁ ୭୫ତମ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଜାନୁଆରୀ ୩୧ତାରିଖ ଠାରୁ ୩ଦିନ ବ୍ୟାପୀ ପୁରୀର ତାଳବଣିଆ ପଡିଆରେ ଅନୁଷ୍ଠିତ ହେବ । ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ ହେଉଛନ୍ତି ବିଶ୍ୱ ଆଧ୍ୟାତ୍ମିକ ଇତିହାସର ଜଣେ ବିରଳ ବ୍ୟକ୍ତିତ୍ୱ ।ସେ ସନାତନ ହିନ୍ଦୁ ଧର୍ମର ୪ଟି ଯାକ ମାର୍ଗ - ତବ, ଜ୍ଞାନ, ଯୋଗ ଓ ପ୍ରେମ ମାର୍ଗରେ ସିଦ୍ଧି ଲାଭ କରିଥିଲେ। ତାଙ୍କ ଦ୍ୱାରା ପ୍ରବର୍ତ୍ତିତ ଏହି ଭକ୍ତ ସମ୍ମିଳନୀର ପଦ୍ମରାଗ ଜୟନ୍ତୀ ସମାରୋହକୁ ବର୍ଣ୍ଣାଢ୍ୟ ଭାବେ ପାଳନ କରାଯାଉଛି ।ଏହି ୩ ଦିନିଆ ସମ୍ମିଳନୀରେ ଭାରତ ଓ ଭାରତ ବାହାରର ପ୍ରାୟ ୧୨ହଜାରରୁ ବେଶୀ ଭକ୍ତ ଭାଗ ନେବାକୁ ଯାଉଛନ୍ତି । ଏଥିସହ ଦେଶର ପ୍ରମୁଖ ସନ୍ଥ ସ୍ୱାମୀ ପ୍ରଜ୍ଞାନାନନ୍ଦଗିରି ମହାରାଜ ଏବଂ ମୁକୁନ୍ଦାନନ୍ଦଜୀ ମହାରାଜ ତଥା ପରମାତ୍ମାନନ୍ଦ ମହାରାଜ ଏବଂ ମହାତ୍ମା ଦୀନବନ୍ଧୁ ଦାସ ଯୋଗ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଫେବୃୟାରୀ ୨ ତାରିଖ ଦିନ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ଜାନୁୟାରୀ ୩୦ ତାରିଖ ଦିନ ଏକ ଭବ୍ୟ ଶୋଭାଯାତ୍ରାରେ ପୁରୀ ସ୍ମୃତି ମନ୍ଦିରରୁ ଶ୍ରୀଶ୍ରୀ ଠାକୁର ମହାରାଜଙ୍କୁ ନିଆଯାଇ ତାଳବଣିଆ ପଡିଆ ସମ୍ମିଳନୀ କ୍ଷେତ୍ରରେ ବିରାଜମାନ କରାଯିବ । ମଙ୍ଗଳବାର ଦିନ ପୁରୀ ୟୁଥ ହଷ୍ଟେଲ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ବିଶେଷ ସୂଚନା ପ୍ରଦାନ କରାଯାଇଥିଲା ଏହି ସମ୍ମିଳନୀ ଅବସରରେ ଭକ୍ତମାନଙ୍କ ଦ୍ୱାରା ଏକ ରକ୍ତଦାନ ଶିବିରର ମଧ୍ୟ ଆୟୋଜନ କରାଯିବ ବୋଲି ସଂଘର ସଭାପତି ସନ୍ତୋଷ କୁମାର ମହାନ୍ତି ପ୍ରକାଶ କରିଥିଲେ ।ପରିଚାଳକ ଶରତଚନ୍ଦ୍ର ସିଂହଦେଓ ଏହି ଭକ୍ତ ସମ୍ମିଳନୀ ପାଇଁ କରାଯାଉଥିବା ବିଭିନ୍ନ ପ୍ରକାର ଆୟୋଜନ ସମ୍ପର୍କରେ ବିଷଦ ଭାବେ ବୁଝାଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନୀଳାଚଳ ସାରସ୍ୱତ ସଂଘର ଉପସଭାପତି କୀର୍ତ୍ତନ ବିହାରୀ ପାତ୍ର ଓ ସାଦକ ନରେଶ ଚନ୍ଦ୍ର ପତି ମଧ୍ୟ ଯୋଗ ଦେଇଥିଲେ ।

## ଅରାଚଣ୍ଡୀ ପାଟରେ ୪୨ ପ୍ରଜାତିର ୨ହଜାର ୩୦୦ ପକ୍ଷୀ



ବାଙ୍କୀ,୨୧।୧(ନି.ପ୍ର) : ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ଅରାଚଣ୍ଡୀ ପାଟରେ ବେଦେଶୀ ପକ୍ଷୀ ମାନଙ୍କ ସମାଗମ ଦେଖିବାକୁ ମିଳୁଛି।ବାଙ୍କୀ ଉପଖଣ୍ଡରେ କ୍ରମାଗତ ଭାବେ ବିଦେଶାଗତ ପକ୍ଷୀ ମାନଙ୍କର ସଂଖ୍ୟା ବୃଦ୍ଧି ପାଉ ଥିବାରୁ ସେମାନଙ୍କୁ ଦେଖିବା ପାଇଁ ପକ୍ଷୀ ପ୍ରେମୀ ମାନଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଛି। ଅରାଚଣ୍ଡୀର ଶାନ୍ତ ପରିବେଶ ଏବଂ ପ୍ରାକୃତିକ ଶୋଭରାଶି ପର୍ଯ୍ୟଟକ ଓ ପରିବେଶ ପ୍ରେମୀଙ୍କୁ ଏକ ଭିନ୍ନ ଅନୁଭୂତି ଦେଇଥାଏ। ଅରଚଣ୍ଡୀ ପାଟ ଆଦ୍ର ଭୂମିରେ ମହାନଦୀର ବନ୍ୟା ପାଣି ପଶି ଥିବା ହେତୁ ପାଟରେ ଅନେକ ଛୋଟ ମାଛ ସହ ବିଭିନ୍ନ ପ୍ରକାର ଦଳ ସବୁ ବିଦେଶାଗତ ପକ୍ଷୀ ମାନଙ୍କ ପାଇଁ ପ୍ରଜାପ୍ତ ପରିମାଣର ଖାଦ୍ୟ ଏବଂ ଏଠାରେ ସୁରକ୍ଷିତ ବାତାବରଣ ରହିଥିବା ଯୋଗୁ ପକ୍ଷୀ ମାନଙ୍କର ସଂଖ୍ୟା ବର୍ଷକୁ ବର୍ଷ ବୃଦ୍ଧି ପାଇବାରେ ଲାଗିରହିଥିଲା ,କିନ୍ତୁ ଏବର୍ଷ ବନ୍ୟା ଜଳ ନପଶିବାରୁ ପାଟଟି ସମ୍ପୂର୍ଣ ଦଳରେ ପରି ପୂର୍ଣ୍ଣ ହୋଇଯାଇଥିବା ହେତୁ ବିଦେଶୀ ପକ୍ଷୀ ମାନଙ୍କର ସମାଗମ ରେ ଅହେତୁକ ଭାବେ କମିଛି।ଏହି ବିଦେଶୀ ପକ୍ଷୀ ମାନେ ସାଧାରଣତଃ ନେପାଳ, ଆଫଗାନିସ୍ତାନ, ୟୁରୋପ,ପାକିସ୍ତାନ, ହିମାଳୟରୁ ଏଠାକୁ ଆସିଥାନ୍ତି । ସେଣ୍ଟର ଫର ରୁରାଲ ଟୁରିଜିମ ଡେଭଲପମେଣ୍ଟ (ସି. ଆର. ଟି. ଡି)ର ସମ୍ପାଦକ ଲଳିତ ମୋହନ ପଣ୍ଡାଙ୍କ ନେତୃତ୍ୱରେ ଘାଷିପୁଟ ସ୍ଥିତ ଅରାଚଣ୍ଡୀ ମନ୍ଦିର ନିକଟରେ ଥିବା ବଡ଼ ପାଟ ଠାରେ ବିଦେଶାଗତ ପକ୍ଷୀଙ୍କ ଗଣନା କରଯାଇଥିଲା। ଏହି ପକ୍ଷୀ ଗଣନା ପାଇଁ ୩ ଟି ଟିମ ଗଠନ କରାଯାଇଥିଲା। ଟୁରିଷ୍ଟ ଗାଇଡ କ୍ଲବ୍‌ର ସଞ୍ଜୟ ମହାପାତ୍ର, ଧନେଶ୍ୱର ସାହୁ, ନିରଞ୍ଜନ ମହାପାତ୍ର,ସି. ଆର. ଟି. ଡି ର ସଭାପତି ମିନତୀ ସାହୁ, ସଂସ୍ଥାର ସଂଯୋଜକ ଅମିତ ସାହୁ, ଇକୋ ୱାଇଲଡ଼ ଲାଇଫ ଟୁର ର ଅଧଃକ୍ଷା ବିଷ୍ଣୁପ୍ରିୟା କର, ପକ୍ଷୀ ପ୍ରେମୀ ସଞ୍ଜୟ ଦାସ, ଅସି୍ ପ୍ରଧାନ, ଗୌତମ ମିଶ୍ର,ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ, ବାଙ୍କୀ ମହାବିଦ୍ୟାଳୟ ର ପ୍ରାଣୀ ବିଭଗ ର ଛାତ୍ର ଓ ଛାତ୍ରୀ ସମେତ ଅନେକ ପକ୍ଷୀ ବିଶାରଦ ମାନେ ଯୋଗ ଦେଇଥିଲେ । ଗତ ବର୍ଷ ୮୧ ପ୍ରଜାତିର ୬ହଜାର ୬୦୦ ହଜାର ଟି ବିଦେଶାଗତ ପକ୍ଷୀ ଉକ୍ତ ଜଳାଶୟ ରେ ଗଣନ । କରାଯାଇଥିବା ବେଳେ, ଚଳିତ ବର୍ଷ ବିଶେଷ କରି ନେପାଳ,ୟୁରୋପ,ପାକିସ୍ତାନ, ହିମାଳୟ,ମଙ୍ଗୋଲିଆ, ଋଷ୍, ଆଫଗାନିସ୍ଥାନ, ଜାପାନ, ଉତ୍ତର ଗୋଲାର୍ଦ୍ଧ ର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୪୨ ପ୍ରଜାତିର ୨ ହଜାର ୩୦୦ ଟି ପକ୍ଷୀ ଆସିଥିବା ନେଇ ସି.ଆର.ଟି.ଡି ସମ୍ପାଦକ ଲଳିତ ମୋହନ ପଣ୍ଡା ପକ୍ଷରୁ ସୂଚନା ପ୍ରଦାନ କରିଛନ୍ତି। ପକ୍ଷୀ ଗଣନା ବେଳେ ନରଦର୍ନ ପିନ୍ ଟେଲ, ରୁଡ଼ି ସେଲ ଡକ, ନରଦର୍ନ ଶୋଭଲର, କଟନ ଟିଲ, ଇରେଷିଆନ ଉଇଜନ, ରେଡ଼ କ୍ରେଷ୍ଟେଡ଼ ପୋଚାର୍ଡ, ସ୍ୱଟ ବିଲ ଡ଼କ, ଗାର୍ଗାନି, ପେଣ୍ଟେଡ଼ ଷ୍ଟର୍କ, ଗ୍ରେ ହେରନ୍, ପର୍ପଲ ହେରୋନ୍, କମନ ସ୍ନାଇପ, ବ୍ଲାକ ଟେଲ ଗଡ଼ଉଇଟ, କମନ କୁଟ, ଲିଟିଲ ଗ୍ରିବ, ଗ୍ରେ ହେଡେଡ ଲାପ୍‌ଉଇଙ୍ଗ, ଗ୍ରେ ହେରୋନ୍, ଇଣ୍ଡିଆନ ସ୍ପୋଟେଡ଼ ବିଲି ଡକ, ବ୍ଲାକ ହେଡେଡ଼ ଆଇବିସି ପ୍ରମୁଖ ଥିଲେ ।

## ମନ୍ଦିରରୁ ରୂପା ମୁକୁଟ ସହ ଅନ୍ୟାନ୍ୟ ଜିନିଷ ଚୋରି, ଟେର୍ ପାଉନି ପୋଲିସ



ଅସ୍ତରଙ୍ଗ,୨୧।୧(ନି.ପ୍ର):ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଓ ନୂଆଗଡ ସାମୁଦ୍ରିକ ଥାନା ଅଂଚଳରେ ବିଭିନ୍ନ ମନ୍ଦିରରୁ ଠାକୁରଙ୍କ ରୂପା ମୁକୁଟ ସମେତ ବିଭିନ୍ନ ସାମଗ୍ରୀ ଚୋରି ଘଟଣାର ମାସ ମାସ ବିତିଯାଉଥିଲେ ସୁଦ୍ଧା ଚୋରଙ୍କ ଟେର ପାଉନି ପୁଲିସ। କେବଳ ମାମଲା ରୁଜୁ କରି ଚୁପ ବସିଛି ପୁଲିସ। ସ୍ଥାନୀୟ ଥାନା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଉପଖଣ୍ଡ ଅଧିକାରୀ ବଦଳୁ ଥିବାରୁ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଥିବା ବିଭିନ୍ନ ମନ୍ଦିର ର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୂଆଗଡ ସାମୁଦ୍ରିକ ଥାନା ଅଧୀନ ଝାଡ଼ଲିଙ୍ଗ ନିକଟରେ ଥିବା ଝାଡ଼ଲିଙ୍ଗେଶ୍ୱର, ମା ତାରିଣୀ ଓ ମା ପାର୍ବତୀ ମନ୍ଦିର ରୁ ମଙ୍ଗଳବାର ବିଳମ୍ବିତ ରାତ୍ରରେ ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ରୁପା ମୁକୁଟ ସହ ଆଖି, ଢାଳ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଛନ୍ତି। ବୁଧବାର ସାମୁଦ୍ରିକ ଥାନାରେ ରମେଶ ଚନ୍ଦ୍ର ନାୟକ ଅଭିଯୋଗ କରିଛନ୍ତି।ଏହା ପୂର୍ବରୁ ଅସ୍ତରଙ୍ଗ ଥାନା ଅଧୀନରେ କୁଆଁରପୁର ସ୍ଥିତ ମନ୍ଦିର ରୁ କିଛି ଦିନ ପୂର୍ବରୁ ଠାକୁର ଙ୍କ ଦାନବାକ୍ସ ଭାଙ୍ଗି ଲୁଟି ନେଇଥିଲେ।ଏହା ସହ କିଛି ଦିନ ପୂର୍ବରୁ ଆଙ୍କୁଅ ଗାଁରେ ମଧ ଚୋରି ହୋଇଥିଲା। ଅନେକ ମନ୍ଦିରରୁ ଚୋରି ଏକ ବର୍ଷ ରୁ ଉର୍ଦ୍ଧ ବିତିବାକୁ ବସିଲାଣି ତଥାପି ଚୋରକୁ ଠାବ କରିବାରେ ସଫଳ ହୋଇନାହିଁ ପୁଲିସ। ଅନେକ ସ୍ଥାନରେ ସାଇଣ୍ଟିଫିକ ଟିମ୍ କେବଳ ଯାଞ୍ଚ କରି ସାରିବା ପରେ ମାମଲା ରୁଜୁ ହୋଇ ତଦନ୍ତ ଫାଇଲି ତଳେ ରହିଯାଉଛି। ଥାନାରେ ଏତଲା ଦେଇ କେବଳ ଚୁପ ବସିବା ଛଡା ଆଉ କିଛି ଉପାୟ ନାହିଁ ବୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକ। ପୁଲିସର ଆନ୍ତରିକତା ଅଭାବରୁ ମନ୍ଦିର ରୁ ଚୋରି ଜିନିଷ ଉଦ୍ଧାର ହେଉନାହିଁ କି ଚୋର ଧରାପଡୁନାହାନ୍ତି। ସ୍ଥାନୀୟ ଲୋକଙ୍କର ଏସପିଙ୍କ ଉପରେ ଭରସା ରହିଛି। ଯଦି ଅସ୍ତରଙ୍ଗ ଥାନାର ଗାଦି ମଡ଼ା କର୍ମଚାରୀଙ୍କୁ ବଦଳିକରିନୂତନଅଧିକାରୀ ମାନେନିଯୁକ୍ତିହୁଅନ୍ତେ ଚୋରିଘଟଣାର ପର୍ଦ୍ଦାଫାଶ ହେବା ସହିତ ଚୋରି କରିବାକୁ ଭୟ କରନ୍ତେ ବୋଲି ଚର୍ଚ୍ଚା ହେଉଛି।

## ୧୯୯୨ ବ୍ୟାଚ୍‌ର ବନ୍ଧୁ ମିଳନ ଓ ଗୁରୁ ପୂଜନ

ଚାରିଛକ,୨୧।୧(ନି, ପ୍ର) : ଚାରିଛକ ନିକଟସ୍ଥ ଗ୍ରାମ ପଞ୍ଚାୟତ ହାଇସ୍କୁଲ ସାଇଲୋର ୧୯୯୨ ବ୍ୟାଚର ବନ୍ଧୁ ମିଳନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ସହିଦ ସୃତି ଉଦ୍ୟାନରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ଆରମ୍ଭରୁ ଗୁରୁ ଆଦୃତ୍ୟ ଖୁଣ୍ଟିଆ ଓ ଭବାନୀ ଶଙ୍କର ବେହେରାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରିୟ ଦେଇ ସମ୍ମାନିତ କରିବା ସହିତ ଗୁରୁ ପୂଜନ କରିଥିଲେ । ଦୀର୍ଘ ବର୍ଷ ପରେ ପ୍ରଥମ ଥର ପାଇଁ ୧୯୯୨ ବ୍ୟାଚର ଏକ ବନ୍ଧୁ ମିଳନ ହୋଇଥିବାରୁ ସମସ୍ତ ବନ୍ଧୁ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା । ସଭାକାର୍ଯ୍ୟ ପୂର୍ବରୁ ମୃତ୍ୟୁ ବରଣ କରିଥିବା ବନ୍ଧୁ ଓ ଗୁରୁଙ୍କ ଉଦ୍ଦେଶ୍ୟ ରେ ଦୁଇ ମିନିଟ ନିରବ ପାର୍ଥନା କରାଯାଇଥିଲା ।

## ଅଶ୍ଳୀଳ ଭିଡ଼ିଓ ଦେଖାଇ ବ୍ଲାକମେଲିଂ ଘଟଣା

# ରାକେଟର ପର୍ଦ୍ଦାଫାଶ କଲା ସାଇବର ଥାନା ପୋଲିସ

କଟକ, ୨୧।୧ (ନି.ପ୍ର): ଅଶ୍ଳୀଳ ଭିଡ଼ିଓ ଦେଖାଇ ବ୍ଲାକମେଲିଂ କରୁଥିବା ଏକ ରାକେଟର କଟକ ସାଇବର ଥାନା ପୋଲିସ ପର୍ଦ୍ଦାଫାଶ କରିଛି। ଅଶ୍ଳୀଳ ଭିଡ଼ିଓ ମାଧ୍ୟମରେ କଟକର ଜଣେ ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଅଧିକାରୀ (୭୨)ଙ୍କ ଠାରୁ ୮୮ଲକ୍ଷ ଟଙ୍କା ଲୁଟ ଘଟଣାରେ ସାଇବର ଥାନା ପୋଲିସ ୫ ଜଣ ଠକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ପୋବଲା ଗ୍ରାମର ମନୋଜ ଜେନା (୨୭), ପ୍ରଫୁଲ୍ଲ ବିଶ୍ୱାଳ (୬୫), ସଂଗ୍ରାମ ଜେନା (୨୨), ଯାଜପୁର ଜିଲ୍ଲା ବରୀ ଥାନା ଅନ୍ତର୍ଗତ ଉପୁଳା ଗ୍ରାମର ବାସୁଦେବ ରାଉତ (୨୫) ଓ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ କପିଳପ୍ରସାଦ ମହତାବରୋଡ଼ ଅଂଚଳର ମନୋରଂଜନ ରାଉତରାୟ (୬୦) । ପୋଲିସ ସେମାନଙ୍କଠାରୁ ନଗଦ ୧୪ ଲକ୍ଷ ୪୬୦ଟଙ୍କା, ୧୬ଟି ରୂପା ମୁଦ୍ରା, ୨ଯୋଡ଼ି ସୁନା କାନଫୁଲ, ଗୋଟିଏ ସୁନା ମୁଦି, ଗୋଟିଏ ସୁନା ମଂଗଳସୂତ୍ର, ୨ଟି ରୂପା ଆର୍ମଲେଟ ଓ ୨ଟି ବାଇକ ଜବତ କରିଛି। ଏହାଛଡ଼ା ଅଭିଯୁକ୍ତଙ୍କ ଆକାଉଣ୍ଟରେ ଥିବା ୫ଲକ୍ଷରୁ ଅଧିକ ଟଙ୍କା ପୋଲିସ ଫ୍ରିଜ କରିଛି । ତେବେ ମୁଖ୍ୟ ଅଭିଯୁକ୍ତ ସରୋଜ ଜେନା ଫେରାର ହୋଇଯାଇଛି । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ମୁତାବକ, କଟକର ଜଣେ ବରିଷ୍ଠ ନାଗରିକ ସାଇବର ଠକଙ୍କ ଦ୍ୱାରା ୮୮ଲକ୍ଷ ଟଙ୍କା ଠକାମୀର ସୀକାର ହୋଇଥିବା କଟକ ସାଇବର ଥାନାରେ ଗତ ଜାନୁୟାରୀ ୧୯ ତାରିଖରେ ଅଭିଯୋଗ କରିଥିଲେ । ପୀଡ଼ିତ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ ଯେ, ଯାଜପୁର ଜିଲ୍ଲାର ସରୋଜ ଜେନା ଓ ତାଙ୍କର ୨ ସହଯୋଗୀଙ୍କ ସହିତ ଜାନୁୟାରୀ ୨୦୨୫ରେ ପ୍ରଥମେ ଫେସବୁକ ମାଧ୍ୟମରେ ବନ୍ଧୁତା ସ୍ଥାପନ ହୋଇଥିଲା । ଏହାପରେ ଅଭିଯୁକ୍ତମାନେ ପୀଡ଼ିତଙ୍କ ସହିତ ଘନିଷ୍ଠ ସଂପର୍କ ରଖି ସ୍ଥାନୀୟ ରକ୍ସି ହୋଟେଲ, ସାଗର ହୋଟେଲ ଏବଂ ଜଗବନ୍ଧୁ ହୋଟେଲରେ ବାରମ୍ବାର ବ୍ୟକ୍ତିଗତ ସାକ୍ଷାତ କରିଥିଲେ । ଏହାପରେ ଅଭିଯୁକ୍ତମାନେ ଧୀରେ ଧୀରେ ପୀଡ଼ିତଙ୍କ ବିଶ୍ୱାସ ହାସଲ କରିଥିଲେ । ୨୦୨୫ ମସିହା ମେ ମାସରେ ପୀଡ଼ିତ ଅନଲାଇନ ମୋଡ଼ ମାଧ୍ୟମରେ ଅଭିଯୁକ୍ତ ସରୋଜର ଚିକିତ୍ସା ନିମନ୍ତେ ୧ଲକ୍ଷ ୪୮ହଜାର ଟଙ୍କା ଧାର ସୂତ୍ରରେ ହସ୍ତାନ୍ତର କରିଥିଲେ । ତୁରନ୍ତ ଏ ଟଙ୍କା ଫେରାଇ ଅଭିଯୁକ୍ତ ବରିଷ୍ଠ ନାଗରିକଙ୍କ ମନରେ ବିଶ୍ୱାସ ଜନ୍ମାଇ ଥିଲା । ଏହାପରେ କ୍ରମଶଃ ସରୋଜ ବରିଷ୍ଠ ନାଗରିକଙ୍କୁ ଏକ ଫେକ୍ ଆଇଡ଼ି ମାଧ୍ୟମରେ ଝିଅ ପରିଚୟ ଦେଇ ଦୀର୍ଘଦିନ ଧରି ଅଶ୍ଳୀଳ ଭିଡ଼ିଓ କଲ କରିଥିଲେ । ଏହି ଭିଡ଼ିଓ କଲବେଳର ରେକର୍ଡ଼ ଓ ସ୍କ୍ରିନ ସର୍ଟକୁ ଭାଇରାଲ କରିଦେବାର ଧମକ ଦେଇ ସାଇବରଠକମାନେ ବରିଷ୍ଠ ନାଗରିକଙ୍କ ଠାରୁ ୮୮ଲକ୍ଷଟଙ୍କା ଲୁଟ କରିଥିଲେ । ଏହାପରେ ବରିଷ୍ଠ ନାଗରିକ ଜଣକ କଟକ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ । ଏହି ଏତଲାକୁ ଆଧାର କରି ସାଇବର ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହିତ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଛାନଭିନ ଆରମ୍ଭ କରିଥିଲା । ଏହି ଘଟଣାର କଟକ ସାଇବର ଥାନା ପୋଲିସ ୫ ଜଣ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛି । ତେବେ ମୁଖ୍ୟ ଅଭିଯୁକ୍ତ ସରୋଜ ଜେନା ଫେରାର ହୋଇଯାଇଛି । ଏହି ଘଟଣାରେ ପୋଲିସ ଅନୁସନ୍ଧାନ ଜାରି ରଖିଛି । ଘଟଣାରେ ଆଉ କେଉଁମାନଙ୍କର ସଂପୃକ୍ତି ରହିଛି, ତାହା ଖୁବ ଶିଘ୍ର ଜଣାପଡ଼ିବ ବୋଲି ପୋଲିସ କହିଛି। ଯେଉଁମାନେ ଏଭଳି ଠକାମୀର ଶିକାର ହେଉଛନ୍ତି, ସେମାନେ ସାଇବର ଥାନାକୁ ଜଣାନ୍ତୁ ବୋଲି ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର ଏସ ଦେବଦତ୍ତ ସିଂହ ସୂଚନା ଦେଇଛନ୍ତି ।

## ବନ୍ଧୁମିଳନ କାର୍ଯ୍ୟକ୍ରମ

କଣ୍ଟିଲୋ,୨୧।୧(ନି.ପ୍ର): କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ୧୯୯୬ ମସିହା ମାଟ୍ରିକ ବ୍ୟାଚର ସହପାଠୀ ବନ୍ଧୁମିଳନ କାର୍ଯ୍ୟକ୍ରମ କଣ୍ଟିଲୋର ଅନ୍ୟତମ ଦେବୀପୀଠ ମା ଶ୍ମଶାନଚଣ୍ଡୀଙ୍କ ପୀଠରେ ଗତ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅନ୍ୟୁନ ୬୦ ଜଣ ସହପାଠୀ ଯୋଗଦାନ କରିଥିଲେ। ପ୍ରଥମେ ଦିବଂଗତ ସହପାଠୀ ଓ ଶିକ୍ଷକ ମାନଙ୍କ ଆତ୍ମାର ସଦଗତି କାମନା ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।ପ୍ରଭାତ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଆରମ୍ଭ କରି ପରସ୍ପର ମଧ୍ୟରେ ଭାବ ଆଦାନ ପ୍ରଦାନ କରିଥିଲେ। ପରେ ସାମାଜିକ କ୍ଷେତ୍ରରେ ଗରିବ ଜନସାଧାରଣଙ୍କ ବିପଦ ଆପଦ ସମୟରେ ସହାୟତା ପ୍ରଦାନ ସହିତ ଆବଶ୍ୟକୀୟ ସ୍ଥଳେ ସ୍ୱେଚ୍ଛାକୃତ ରକ୍ତଦାନ କରି ଜୀବନ ରକ୍ଷା କରିବାପାଇଁ ଚିରଞ୍ଜିବୀ ସାହୁ, ଭାଗିରଥି ରାଉତ, ଚିନ୍ତାମଣି ସାହୁ, ଅଭିମନ୍ୟୁ ବରାଡଙ୍କ ସମେତ ସମସ୍ତ ସହପାଠୀ ବନ୍ଧୁମାନେ ସପଥ ନେଇଥିଲେ। ସେମାନଙ୍କ ଏହି ମହତ କାର୍ଯ୍ୟ ପାଇଁ ସର୍ବସାଧାରଣ ଭୂୟସୀ ପ୍ରଶଂସା କରିଥିଲେ।


**ପିରାମଲ ଫାଇନାନ୍ସ ଲିମିଟେଡ**

(ପୂର୍ବ ନାମ ପରାମଲ୍ କ୍ୟାପିଟାଲ ଆଣ୍ଡ ହାଉସିଂ ଫାଇନାନ୍ସ କର୍ପୋରେସନ ଲିମିଟେଡ୍)
CIN: L65910MH1984PLC032639
ପଞ୍ଜୀକୃତ କାର୍ଯ୍ୟାଳୟ: ୟୁନିଟ ନଂ. ୬୦୧, ୬ଷ୍ଠ ମହଲା, ପିରାମଲ ଆମିଟି ବିଲ୍ଡିଂ, ପିରାମଲ ଅଗସ୍ତ୍ୟ କର୍ପୋରେଟ ପାର୍କ, କାମାନି ଜଙ୍କସନ ଫାୟାର ଷ୍ଟେସନ ବିପରୀତ, ଏଲବିଏସ୍ ମାର୍ଗ, କୁର୍ଲା (ପଶ୍ଚିମ),ମୁମ୍ବାଇ-୪୦୦୦୭୦, ଫୋନ୍-+ 91 22 3802 4000.
ଶାଖା କାର୍ଯ୍ୟାଳୟ : ସାହୁ ସିଗନେଚର, ୨ୟ ମହଲା, ୨୬୨-ବମିଖାଲ, ବମିଖାଲ ଦୁର୍ଗାମଣ୍ଡପ ନିକଟ, କଟକ ରୋଡ, ଭୁବନେଶ୍ୱର-୭୫୧୦୧୦
ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ: ୧୧୨ ଏ, ରାସବିହାରୀ ଆଭେନ୍ୟୁ, ନାରାୟଣୀ ବିଲ୍ଡିଂ, ୨ୟ ମହଲା, କୋଲକାତା-୭୦୦୦୨୯

**ଦଖଲ ବିଜ୍ଞପ୍ତି**
ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮ -(୧) ଏବଂ ପରିଶିଷ୍ଟ ୪ ଅନୁଯାୟୀ

ଯେହେତୁ, ନିମ୍ନ ସ୍ୱାକ୍ଷରକାରୀ ପିରାମଲ ଫାଇନାନ୍ସ ଲିମିଟେଡ(ପୂର୍ବ ନାମ ପିରାମଲ୍ କ୍ୟାପିଟାଲ ଆଣ୍ଡ ହାଉସିଂ ଫାଇନାନ୍ସ କର୍ପୋରେସନ ଲିମିଟେଡ୍)ର କ୍ଷମତାପ୍ରାପ୍ତ ଅଧିକାରୀ ହୋଇଥିବାରୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ ୨୦୦୨ର ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକସନ ଅନୁଯାୟୀ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ପାଠ କରାଯାଇ ଧାରା ୧୩ (୧୨) ଅନୁଯାୟୀ କ୍ଷମତାପ୍ରାପ୍ତ ହୋଇ କମ୍ପାନୀର କ୍ଷମତାପ୍ରାପ୍ତ ଅଧିକାରୀ ଏଠାରେ ଉଲ୍ଲେଖ ଥିବା ଋଣଗ୍ରହୀତା (ମାନେ)/ ଗ୍ୟାରେଣ୍ଟର (ମାନେ)ଙ୍କୁ ଦାବି ନୋଟିସ ଜାରି କରିଥିଲେ ଏବଂ ସେଥିରେ କୁହାଯାଇଥିଲା ଯେ, ଏହି ନୋଟିସ ପାଇବାର ୬୦ ଦିନ ମଧ୍ୟରେ ସେମାନେ ନୋଟିସରେ ଉଲ୍ଲେଖ ଥିବା ରାଶି ପରିଶୋଧ କରିବେ।
ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ଏତଦ୍‌ଦ୍ୱାରା ଋଣଗ୍ରହୀତା (ମାନେ)/ ଗ୍ୟାରେଣ୍ଟର (ମାନେ)ଙ୍କୁ ଏବଂ ସର୍ବସାଧାରଣଙ୍କୁ ସାଧାରଣ ଭାବେ ସୂଚନା ଦିଆଯାଉଛି ଯେ, ସିକ୍ୟୁରିଟି ଇଣ୍ଟରେଷ୍ଟ ଏନଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ ୮ ପାଠ କରାଯାଇ ଉକ୍ତ ଆଇନର ଧାରା ୧୩ର ଉପଧାରା (୪) ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ବଳରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଋଣଗ୍ରହୀତାଙ୍କ ଧ୍ୟାନ ଆକର୍ଷଣ କରାଯାଉଛି ଯେ, ଆଇନର ଧାରା ୧୩ର ଉପଧାରା (୮)ରେ ଥିବା ବିଧିବ୍ୟବସ୍ଥା ଅନୁଯାୟୀ ଉପଲବ୍ଧ ହେଉଥିବା ସମୟ ସୀମା ମଧ୍ୟରେ ସେ ତାଙ୍କର ସୁରକ୍ଷିତ ସମ୍ପତ୍ତିଗୁଡ଼ିକୁ ମୁକ୍ତ କରାଇପାରିବେ।
ବିଶେଷକରି ଋଣଗ୍ରହୀତା (ମାନେ) ଏବଂ ସର୍ବସାଧାରଣଙ୍କୁ ସାଧାରଣ ଭାବେ ସତର୍କ କରିଦିଆଯାଉଛି ଯେ ସେମାନେ ଏହି ସମ୍ପତ୍ତି ଉପରେ କୌଣସି କାରବାର କରିବେ ନାହିଁ। ଯଦି ଏପରି କରନ୍ତି ତେବେ ସେମାନଙ୍କୁ ପିରାମଲ ଫାଇନାନ୍ସ ଲିମିଟେଡ(ପୂର୍ବ ନାମ ପିରାମଲ୍ କ୍ୟାପିଟାଲ ଆଣ୍ଡ ହାଉସିଂ ଫାଇନାନ୍ସ କର୍ପୋରେସନ ଲିମିଟେଡ୍)କୁ ଏଠାରେ ଉଲ୍ଲିଖିତ ରାଶି ଏବଂ ଏହା ଉପରେ ସୁଧ ଦେବାକୁ ପଡିବ।

| କ୍ର. ନଂ | ଋଣଗ୍ରହୀତା (ମାନେ)/ ଗ୍ୟାରେଣ୍ଟର (ମାନେ)ଙ୍କ ନାମ | ସୁରକ୍ଷିତ ସମ୍ପତ୍ତିର ବିବରଣୀ (ସ୍ଥାବର ସମ୍ପତ୍ତି) | ଡିମାଣ୍ଡ ନୋଟିସ ତାରିଖ ଏବଂ ରାଶି | ଦଖଲ ତାରିଖ |
|---|---|---|---|---|
| ୧. | (ଲୋନ୍‌କୋଡ୍‌ନଂ. BLSA0000BF58) (ଶାଖା:କଟକ-ଲିଙ୍କରୋଡ଼) (ଦୁର୍ଗା ଦାଶ-ଋଣଗ୍ରହୀତା) (ଇପ୍ସିତା ଦାଶ-ସହ-ଋଣଗ୍ରହୀତା) | ସମ୍ପତ୍ତିର ସମସ୍ତ ଅଂଶ - ଖାତା ନଂ. ୭୦, ପ୍ଲଟ ନଂ. ୮୫୨, ତହସିଲ-ତିର୍ତ୍ତୋଲ, ୫୦୦ ମିଟର କ୍ଷେତ୍ରପାଳ ମନ୍ଦିର ମୌଜା-ଗୋପାଳପୁର, ଜଗତସିଂହପୁର-୭୫୪୧୩୭ ଓଡ଼ିଶା | ୧୬-୦୯-୨୦୨୪, ଟ. ୮୨୨୮୫୦.୪/- (ଆଠ ଲକ୍ଷ ବାଇଶି ହଜାର ଆଠ ଶହପଚାଶ ଟଙ୍କା ଚାଳିଶ ପଇସା କେବଳ) | ୧୭/୦୧/ ୨୦୨୬ (ସାଙ୍କେତିକ) |
| ୨. | (ଲୋନ୍‌କୋଡ୍‌ନଂ. BLSA0000FF92) (ଶାଖା:ଭୁବନେଶ୍ୱର) (ଫକୀର ସାହୁ-ଋଣଗ୍ରହୀତା) (ମଞ୍ଜୁଲତା ସାହୁ-ସହ-ଋଣଗ୍ରହୀତା) | ସମ୍ପତ୍ତିର ସମସ୍ତ ଅଂଶ - ଖାତା ନଂ. ୧୪୭୯/୩୪୭, ପ୍ଲଟ ନଂ. ୨୪୭୦/୩୪୪୪, ମୌଜା-ରଣପୁରଗଡ଼, ଭାଗବତଟୁଙ୍ଗୀ ନିକଟରେ, ନୟାଗଡ଼, ଓଡ଼ିଶା-୭୫୨୦୨୬ | ୨୪-୦୨-୨୦୨୫, ଟ. ୨୧୫୭୭୧୪/- (ଏକୋଇଶି ଲକ୍ଷ ସତାବନ ହଜାର ସାତ ଶହ ଚଉଦ ଟଙ୍କା କେବଳ) | ୧୭/୦୧/ ୨୦୨୬ (ସାଙ୍କେତିକ) |
| ୩. | (ଲୋନ୍‌କୋଡ୍‌ନଂ. BLSA00015F82) (ଶାଖା:ଭୁବନେଶ୍ୱର ରୋଡ଼) (ସମିତ ରଥ-ଋଣଗ୍ରହୀତା) (ବିକାଶ ରଥ-ସହ-ଋଣଗ୍ରହୀତା) | ସମ୍ପତ୍ତିର ସମସ୍ତ ଅଂଶ - ସବପ୍ଲଟ ନଂ-ଏଫ୍-୧୭, ପ୍ଲଟ ନଂ. ୩୦୩/୧୪୭୯, ମୌଜା-ବଉଳା, ଖାତା ନଂ-୧୦୭/୧୦୫୧,ବଉଳା ମଠ, ତହସିଲ-ଆଠଗଡ଼, ଥାନା-ଗୁରୁଡ଼ିଝାଟିଆ, ଜିଲ୍ଲା-କଟକ, ଓଡ଼ିଶା-୭୫୪୨୯୫ | ୨୪-୦୧-୨୦୨୫, ଟ. ୬୯୧୮୨୮/- (ଛଅ ଲକ୍ଷ ଏକାନବେ ହଜାର ଆଠ ଶହ ଅଠେଇଶ ଟଙ୍କା କେବଳ) | ୧୬/୦୧/ ୨୦୨୬ (ସାଙ୍କେତିକ) |
| ୪. | (ଲୋନ୍‌କୋଡ୍‌ନଂ. BLSA00016C15) (ଶାଖା:ଭୁବନେଶ୍ୱର) (ସମିତ ରଥ-ଋଣଗ୍ରହୀତା) (ବିକାଶ ରଥ-ସହ-ଋଣଗ୍ରହୀତା) | ସମ୍ପତ୍ତିର ସମସ୍ତ ଅଂଶ - ପ୍ଲଟ ନଂ. ୩୦୬/୧୪୮୦, ଖାତା ନଂ-୧୦୭/୧୦୫୨, ତହସିଲ-ଆଠଗଡ଼, ବଉଳା ମଠ, ମୌଜା-ବଉଳା, ଥାନା-ଗୁରୁଡ଼ିଝାଟିଆ, ଜିଲ୍ଲା-କଟକ, ଓଡ଼ିଶା-୭୫୪୨୯୫ | ୨୪-୦୧-୨୦୨୫, ଟ. ୬୯୧୮୨୮/- (ଛଅ ଲକ୍ଷ ଏକାନବେ ହଜାର ଆଠ ଶହ ଅଠେଇଶ ଟଙ୍କା କେବଳ) | ୧୬/୦୧/ ୨୦୨୬ (ସାଙ୍କେତିକ) |

ସ୍ଥାନ : ଓଡ଼ିଶା
ତାରିଖ : ୨୨.୦୧.୨୦୨୬

(କ୍ଷମତାପ୍ରାପ୍ତ ଅଧିକାରୀ)
ପିରାମଲ ଫାଇନାନ୍ସ ଲିମିଟେଡ

## ନୀତିନ ନବୀନଙ୍କ ପ୍ରଥମ ବୈଠକ



**ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି) :** ନୂଆ ବିଜେପି ମୁଖିଆ ନୀତିନ ନବୀନଙ୍କ ପ୍ରଥମ ଦଳର ମୁଖ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି । ଏହି ବୈଠକ ତିନୋଟି ଅଧିବେଶନରେ ଅନୁଷ୍ଠିତ ହେଉଛି। ବିଜେପିର ନବନିଯୁକ୍ତ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ତାଙ୍କର କାର୍ଯ୍ୟକାଳ ଆରମ୍ଭ କରିଛନ୍ତି । ସଂଗଠନ ଏବଂ ନିର୍ବାଚନ ଉପରେ ବିଶେଷ ଧ୍ୟାନ ଦେଇ ଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ତାଙ୍କର ପ୍ରଥମ ପ୍ରମୁଖ ବୈଠକ କରିଛନ୍ତି । ସୂତ୍ର ଅନୁଯାୟୀ, ଏହି ବୈଠକ ତିନୋଟି ଅଧିବେଶନରେ ଅନୁଷ୍ଠିତ ହେଉଛି। ନୀତିନଙ୍କ ଅଧୀନରେ ବିଜେପିର ରାଜନୈତିକ ଏବଂ ସାଂଗଠନିକ ନିର୍ଦ୍ଦେଶ ସ୍ଥିର କରିବା ଉପରେ କେନ୍ଦ୍ରିତ । ବୈଠକରେ ନୀତିନଙ୍କୁ ଦଳର ବରିଷ୍ଠ ନେତା ଏବଂ ସଦସ୍ୟମାନେ ସମ୍ବର୍ଦ୍ଧିତ କରିଥିଲେ। ଯାହା ପରେ ସେ ସମାବେଶକୁ ସମ୍ବୋଧିତ କରିବେ ବୋଲି ଆଶା କରାଯାଉଛି । ଧନ୍ୟବାଦ ପ୍ରସ୍ତାବ ସହିତ ବୈଠକ ଶେଷ ହେବା ପୂର୍ବରୁ ନବନିଯୁକ୍ତ ରାଜ୍ୟ ସଭାପତିଙ୍କ ପରିଚୟ ପ୍ରଦାନ ମଧ୍ୟ ଏଜେଣ୍ଡାରେ ରହିଛି । ବୈଠକରେ ନୀତିନଙ୍କ ଆଗାମୀ ଗସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହେବାର ସମ୍ଭାବନା ରହିଛି । ବରିଷ୍ଠ ନେତାମାନେ ବିଧାନସଭା ଏବଂ ପଞ୍ଚାୟତ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକ ପାଇଁ ରଣନୀତି ଉପରେ ମଧ୍ୟ ଆଲୋଚନା କରୁଥିବା ସୂଚନା ରହିଛି। ଏହି ରାଜ୍ୟଗୁଡ଼ିକର ନେତାମାନେ ଆଲୋଚନାରେ ଉପସ୍ଥିତ ଅଛନ୍ତି। ସମସ୍ତ ରାଜ୍ୟ ସଭାପତି, ପୂର୍ବତନ ରାଜ୍ୟ ସଭାପତି ଏବଂ ବିଭିନ୍ନ ମୋର୍ଚ୍ଚା ସଭାପତି ଉପସ୍ଥିତ ଅଛନ୍ତି । ଓଡିଶାରୁ ମନମୋହନ ସାମଲ ଓ ବୈଜୟନ୍ତ ପଣ୍ଡା ବୈଠକରେ ସାମିଲ ଅଛନ୍ତି ।

## ଚତୁର୍ଥ ସନ୍ତାନର ବାପା ହେବେ ଆମେରିକାର ଉପରାଷ୍ଟ୍ରପତି



**ୱାଂଶିଟନ, ୨୧।୧ (ଏଜେନ୍ସି) :** ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଏବଂ ପତ୍ନୀ ଉଷା ଭାନ୍ସ ପୁଣି ଖୁସି ଖବର ଦେବାକୁ ଚାହୁଁଛନ୍ତି । ଚତୁର୍ଥ ସନ୍ତାନର ମାତା-ପିତା ହେବାକୁ ଯାଉଛନ୍ତି ଦମ୍ପତି। ଭାନ୍ସ ଦମ୍ପତି ସମ୍ପ୍ରତି ଏକ ସୋସିଆଲ ମିଡିଆ ପୋଷ୍ଟରେ ସେମାନଙ୍କର ପ୍ରେଗେନ୍ସୀ ଘୋଷଣା କରିଛନ୍ତି । ଦୁହିଁଙ୍କ ବିବାହ୨୦୧୪ରେ ହୋଇଥିଲା ଏବଂ ସେମାନଙ୍କର ୩ଟି ପିଲା ରହିଛନ୍ତି । ଚଳିତ ବର୍ଷ ଜୁଲାଇ ଶେଷକୁ ସେମାନଙ୍କର ଚତୁର୍ଥ ସନ୍ତାନକୁ ଜନ୍ମ ଦେବେ ବୋଲି ଆଶା କରାଯାଉଛି । ସେମାନଙ୍କର ଦୁଇଟି ପୁଅ, ଇଭାନ୍ ଏବଂ ବିବେକ ଏବଂ ଗୋଟିଏ ଝିଅ, ମିରାବେଲ୍ ଅଛନ୍ତି । ପୋଷ୍ଟଟି ସେୟାର କରି ସେ ଲେଖିଛନ୍ତି, ଏହି ଖୁସି ଓ ବ୍ୟସ୍ତବହୁଳ ଅବସରରେ ଆମେ ଡାକ୍ତର ଓ ସମଗ୍ର କର୍ମଚାରୀଙ୍କ ପ୍ରତି କୃତଜ୍ଞ । ଯେଉଁମାନେ ମୋ ପରିବାରର ଏତେ ଭଲ ଯତ୍ନ ନେଉଛନ୍ତି । ସେମାନେ ନିଶ୍ଚିତ କରନ୍ତି ଯେ ଆମେ ଆମ ପିଲାମାନଙ୍କ ସହିତ ଏକ ସୁନ୍ଦର ଜୀବନଯାପନ କରିବା ସହିତ ଏହି ଦେଶର ସେବା କରିପାରିବା ।

## ସ୍କୁଲ ଭ୍ୟାନରୁ ଖସିପଡ଼ି ଛାତ୍ର ମୃତ, ଡ୍ରାଇଭର ଫେରାର

**ବିହାର, ୨୧।୧ (ଏଜେନ୍ସି) :** ବିହାର ଦରଭଙ୍ଗାରେ ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ସଦର ଥାନା ଅଞ୍ଚଳରେ ଲୋଆମ ଗାଁ ସ୍ଥିତ ଏକ ସ୍କୁଲ ଭ୍ୟାନରୁ ପଡ଼ି ଛାତ୍ରର ଜୀବନ ଚାଲିଯାଇଛି । ଫଳରେ ପିଲାର ପରିବାରର ଶୋକର ଛାୟା ଖେଳିଯାଇଛି । ଖବର ମୁତାବକ, ସ୍କୁଲ ଭ୍ୟାନ ୬ ଜଣ ପିଲାଙ୍କୁ ନେଇ ଘରକୁ ଫେରୁଥିବା ସମୟରେ ପେଟ୍ରୋଲ ପମ୍ପ ନିକଟ ଏକ ମୋଡ଼ରେ ଟର୍ଣ୍ଣ ନେବା ସମୟରେ ପିଲାଟି ଭ୍ୟାନ ଭିତରୁ ଖସିପଡିଥିଲା । ପିଲାର ମୁଣ୍ଡରେ ଗଭୀର ଆଘାତ ଲାଗିବା ଯୋଗୁଁ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ପିଲାଟିର ପରିଚୟ ମିଳିଥିବା ବେଳେ ସେ ୩ୟ ଶ୍ରେଣୀରେ ପଢୁଥିବା ଜଣାପଡିଛି । ସେହିପରି ଅନ୍ୟ ଆହତ ଛାତ୍ରଙ୍କ ଚିକିତ୍ସା ପ୍ରାଇଭେଟ ହସପିଟାଲରେ ହେଉଛି। ଘଟଣା ପରେ ଭ୍ୟାନ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡିଛି । ସ୍ଥାନୀୟ ଲୋକ ଅନ୍ୟ ପିଲାଙ୍କୁ ବାଇକ୍ ଯୋଗେ ସୁରକ୍ଷିତ ଭାବେ ଘରକୁ ପଠାଇଛନ୍ତି । ସ୍ଥାନୀୟ ଲୋକଙ୍କ ଅନୁସାରେ ଘଟଣା ପରେ ସ୍କୁଲକୁ ଫୋନ କରି ଜଣାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ବାରମ୍ବାର ଫୋନ କରିବା ସତ୍ତ୍ୱେ କେହି ଫୋନ ଉଠାଇନଥିଲେ । ସେଥିପାଇଁ ଆକ୍ରୋଶରେ ଗ୍ରାମବାସୀ ଯାଇ ସ୍କୁଲରେ ହଙ୍ଗାମା କରିଥିଲେ । ଘଟଣା ପରେ ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣରେ ରଖିଥିଲା । ପୋଲିସ ମୃତଦେହକୁ ଜବତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଗ୍ରାମବାସୀ ସ୍କୁଲ ପ୍ରଶାସନ ଏବଂ ଫେରାର ଗାଡି ଚାଳକ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।

# ବାଂଲାଦେଶକୁ ନେଇ ଭାରତର ବଡ଼ ନିଷ୍ପତ୍ତି

**ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି) :** ବାଂଲାଦେଶର ବର୍ତ୍ତମାନର ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି, ଭାରତ ମଙ୍ଗଳବାର (ଜାନୁଆରୀ ୨୦, ୨୦୨୬) ସେଠାରେ ନିଯୁକ୍ତ ଭାରତୀୟ ଅଧିକାରୀଙ୍କ ପରିବାରକୁ ଫେରାଇ ନେବାକୁ ନିଷ୍ପତ୍ତି ନେଇଛି। ଏହି ପଦକ୍ଷେପ ବାଂଲାଦେଶର ସଂସଦୀୟ ନିର୍ବାଚନର ମାତ୍ର ସପ୍ତାହ ପୂର୍ବରୁ ନିଆଯାଇଛି। ସରକାରୀ ସୂତ୍ର ଅନୁଯାୟୀ, 'ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି, ଆମେ ହାଇ କମିଶନର ଏବଂ ଅନ୍ୟାନ୍ୟ ପଦବୀରେ ନିଯୁକ୍ତ ଆମର ଅଧିକାରୀଙ୍କ ଆଶ୍ରିତମାନଙ୍କୁ ଭାରତ ଫେରିବାକୁ ପରାମର୍ଶ ଦେଇଛୁ।' ସେମାନେ ଆହୁରି କହିଛନ୍ତି ଯେ ବାଂଲାଦେଶରେ ମିଶନ ଖୋଲା ଅଛି ଏବଂ ସମସ୍ତ ପଦବୀରେ କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି।

ଢାକାରେ ହାଇ କମିଶନରଙ୍କ ବ୍ୟତୀତ, ଭାରତର ଚିଟାଗଙ୍ଗ, ଖୁଲନା, ରାଜଶାହୀ ଏବଂ ସିଲହଟରେ ମଧ୍ୟ କୂଟନୀତିଜ୍ଞ ନିଯୁକ୍ତି ହୋଇଛନ୍ତି। କୂଟନୀତିଜ୍ଞ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ପରିବାର କେବେ ଭାରତ ଫେରିବେ ତାହା ଏପର୍ଯ୍ୟନ୍ତ ଜଣା ନାହିଁ। ବାଂଲାଦେଶରେ ଉଗ୍ରବାଦୀ ଉପାଦାନଗୁଡ଼ିକର ବର୍ଦ୍ଧିତ କାର୍ଯ୍ୟକଳାପକୁ ନେଇ ସୁରକ୍ଷା ଚିନ୍ତା ଯୋଗୁ



ଭାରତ ବାଂଲାଦେଶକୁ ଭାରତୀୟ କୂଟନୀତିଜ୍ଞ ଏବଂ ଅଧିକାରୀଙ୍କ ପାଇଁ ଏକ 'ପରିବାର-ବିହୀନ' ଗନ୍ତବ୍ୟସ୍ଥଳ କରିବାକୁ ନିଷ୍ପତ୍ତି ନେଇଥିବା ରିପୋର୍ଟ ହୋଇଛି। ପଡ଼ୋଶୀ ପାକିସ୍ତାନ ମଧ୍ୟ ଭାରତୀୟ କୂଟନୀତିଜ୍ଞ ଏବଂ ଅଧିକାରୀଙ୍କ ପାଇଁ ଏକ 'ପରିବାର-ବିହୀନ' ଗନ୍ତବ୍ୟସ୍ଥଳ।

ଅଗଷ୍ଟ ୨୦୨୪ରେ ଶେଖ ହସିନା ସରକାରଙ୍କ ପତନ ଏବଂ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ମଧ୍ୟବର୍ତ୍ତୀକାଳୀନ ସରକାର କ୍ଷମତାକୁ ଆସିବା ପରେ, ଭାରତ ଏବଂ ବାଂଲାଦେଶ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଗଲା। ବାଂଲାଦେଶରେ ସଂଖ୍ୟାଲଘୁ, ବିଶେଷକରି ହିନ୍ଦୁମାନଙ୍କ ଉପରେ ଆକ୍ରମଣକୁ ନେଇ ଭାରତ ନିରନ୍ତର ଚିନ୍ତା ପ୍ରକାଶ କରିଆସିଛି। ଗତ ମାସରେ, ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ଧର୍ମନିନ୍ଦାର ମିଥ୍ୟା ଅଭିଯୋଗରେ ଏକ ଭିଡ଼ ଦ୍ୱାରା ହତ୍ୟା କରାଯାଇଥିଲା। ପରେ ତାଙ୍କ ମୃତଦେହକୁ ଏକ ଛକରେ ଝୁଲାଇ ପୋଡ଼ି ଦିଆଯାଇଥିଲା। ଏହି ଘଟଣା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ବିଗାଡ଼ି ଦେଇଛି। ବାଂଲାଦେଶର ସରକାରୀ ପୋଲିସ ରେକର୍ଡ ଅନୁଯାୟୀ, ଜାନୁଆରୀରୁ ଡିସେମ୍ବର ୨୦୨୫ ମଧ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟ ସହିତ ଜଡିତ ୬୪୫ଟି ଘଟଣା ରିପୋର୍ଟ କରାଯାଇଥିଲା। ଏହି ରିପୋର୍ଟ ସାରା ଦେଶରୁ ଯାଞ୍ଚ ହୋଇଥିବା ଏଫଆଇଆର, ସାଧାରଣ ଡାଏରୀ ଏବଂ ଚାର୍ଜସିଟ ଉପରେ ଆଧାର କରି ସଂକଳନ କରାଯାଇଥିଲା।

## ଏଆଇରେ ଭାରତ ଦ୍ୱିତୀୟ ନୁହେଁ, ପ୍ରଥମ ଶ୍ରେଣୀର ଅର୍ଥନୀତି'




**ଡାଭୋସ୍, ୨୧।୧ (ଏଜେନ୍ସି) :** ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଷେତ୍ରରେ ଭାରତକୁ ଦ୍ୱିତୀୟ ଶ୍ରେଣୀର ରାଷ୍ଟ୍ର କହିଥିବା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପରିଚାଳନା ନିର୍ଦ୍ଦେଶିକା କ୍ରିଷ୍ଟାଲିନା ଜୋର୍ଜିଭାଙ୍କ ମନ୍ତବ୍ୟକୁ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଖଣ୍ଡନ କରିଛନ୍ତି। କେଉଁ ଆଧାରରେ ଆଇଏମ୍ଏଫ୍ ଏହି ନିଷ୍କର୍ଷରେ ପହଞ୍ଚିଛି ତାହା ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ସେ କହିଥିଲେ ଯେ ଆଇଏମ୍ଏଫ୍‌ର ମାନଦଣ୍ଡ କଣ ମୁଁ ଜାଣିନାହିଁ। କିନ୍ତୁ ଏଆଇ ସାନ୍ଦ୍ରତା, ଏଆଇ ପ୍ରସ୍ତୁତି ଓ ଏଆଇ ପ୍ରତିଭା ଦୃଷ୍ଟିରୁ ଭାରତ ବିଶ୍ୱର ତୃତୀୟ ସ୍ଥାନରେ ଥିବା ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ କହିଛି। ଭାରତ ଦ୍ୱିତୀୟ ଶ୍ରେଣୀରେ ଆସୁଥିବା ନେଇ ଆଇଏମଏଫ୍‌ର ବର୍ଗୀକରଣ ଠିକ୍ ନୁହେଁ। ଭାରତ ସ୍ପଷ୍ଟ ଭାବେ ପ୍ରଥମ ଶ୍ରେଣୀରେ ରହିଛି ବୋଲି ଏକ ଆଲୋଚନାରେ ସେ କହିଥିଲେ।

ଭାରତରେ ଏଆଇ ଗ୍ରହଣୀୟତାକୁ ବ୍ୟାପକ କରିବା ଏବଂ ଉନ୍ନତ ଏଆଇ କ୍ଷମତାର ଉପଲବ୍ଧତାକୁ ସାର୍ବଜନୀନ କରିବାର ଆବଶ୍ୟକତା ଉପରେ ଶ୍ରୀ ବୈଷ୍ଣବ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ଏକ ସରକାରୀ-ଘରୋଇ ସହଭାଗୀତା ମଡେଲ ମାଧ୍ୟମରେ ଜିପିୟୁ ଉପଲବ୍ଧତାର ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକକୁ ଦୂର କରିବା ପାଇଁ ସରକାରଙ୍କ ନିଷ୍ପତ୍ତି ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ସେ ଭାରତର ଦେଶବ୍ୟାପୀ ଏଆଇ ଦକ୍ଷତା କାର୍ଯ୍ୟକ୍ରମ ଉପରେ ମଧ୍ୟ ଆଲୋକପାତ କରିଥିଲେ ଯାହାର ଲକ୍ଷ୍ୟ ୧ କୋଟି ଲୋକଙ୍କୁ ତାଲିମ ଦେବା। ଏହାଦ୍ୱାରା ଭାରତର ଆଇଟି ଶିଳ୍ପ ଓ ଷ୍ଟାର୍ଟଅପ୍ ଘରୋଇ ଏବଂ ବିଶ୍ୱ ସେବା ପ୍ରଦାନ ପାଇଁ ଏଆଇକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିପାରିବେ ବୋଲି ସେ କହିଥିଲେ। ଆଲୋଚନା ସମୟରେ ଅନ୍ୟ ବକ୍ତାମାନେ ମଧ୍ୟ ବିଶ୍ୱ ଏଆଇ ଦୃଶ୍ୟପଟରେ ଭାରତର ବୃଦ୍ଧି ପାଉଥିବା ଗୁରୁତ୍ୱକୁ ସ୍ୱୀକାର କରିଥିଲେ।

## ଭାରତର ପ୍ରଥମ ଆଣ୍ଟି ଶିପ୍ ମିସାଇଲ

**ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି) :** ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଦିନକୁ ଦିନ ଆଗକୁ ବଢ଼ିବାରେ ଲାଗିଛି । ନୂଆ ନୂଆ ଜ୍ଞାନକୌଶଳ ସାମିଲ୍ କରୁଛି । ସ୍ୱଦେଶୀ ଜ୍ଞାନକୌଶଳକୁ ବଢ଼ାଇବାରେ ଲାଗିଛି ଦେଶ । ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଦ୍ୱାରା ବିକଶିତ 'ଲଙ୍ଗ୍ ରେଞ୍ଜ୍ ଆଣ୍ଟି ଶିପ୍ ହାଇପରସୋନିକ୍ ଗ୍ଲାଇଡ୍ ମିସାଇଲ୍' (ଏଲ୍ଆର୍ଏଏସ୍ଏଚ୍ଏମ୍) । ଜାନୁଆରୀ ୨୬ ତାରିଖରେ ବିଶ୍ୱ ସମ୍ମୁଖରେ ଏହା ପ୍ରକାଶିତ ହେବ । ୧୫୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାରେ ସକ୍ଷମ ଏହି କ୍ଷେପଣାସ୍ତ୍ର ଭାରତ ମହାସାଗର କ୍ଷେତ୍ରରେ ଭାରତର ରଣନୈତିକ ସ୍ଥିତିକୁ ଯଥେଷ୍ଟ ମଜବୁତ କରିବ ।




ଭାରତୀୟ ନୌସେନାର ଆବଶ୍ୟକତା ପୂରଣ କରିବା ପାଇଁ ଏଲ୍ଆର୍ଏଏସ୍ଏଚ୍ଏମ୍ ବିଶେଷ ଭାବରେ ବିକଶିତ କରାଯାଇଛି। ଏହି ମିସାଇଲ୍ ହାଇପରସୋନିକ୍ ବେଗରେ ଉଡ଼େ । ଅର୍ଥାତ୍ ଏହା ଶବ୍ଦର ବେଗ ଅପେକ୍ଷା ଅଧିକ ଦ୍ରୁତ ଗତିରେ ଗତି କରେ। ଏହାର ଗତି ଶତ୍ରୁ ରାଡାରକୁ ଚକମା ଦେବାକୁ ସକ୍ଷମ ଏବଂ ଏୟାର ଡିଫେନ୍ସ ସିଷ୍ଟମ୍ ଏହାକୁ ସମୟ ମଧ୍ୟରେ ଚିହ୍ନଟ କରି ଅଟକାଇବା ଅତ୍ୟନ୍ତ କଷ୍ଟକର ହୋଇଥାଏ ।

ଏହି କ୍ଷେପଣାସ୍ତ୍ର ବିଭିନ୍ନ ପ୍ରକାରର ପେଲୋଡ୍ ବହନ କରିବାରେ ସକ୍ଷମ ଏବଂ ସମୁଦ୍ରରେ ନିୟୋଜିତ ଶତ୍ରୁ ଜାହାଜର ଅସ୍ତ୍ରଶସ୍ତ୍ର ପ୍ରଣାଳୀକୁ ସିଧାସଳଖ ଟାର୍ଗେଟ କରିବାରେ ବି ସକ୍ଷମ। ଏହା ଭାରତୀୟ ନୌସେନାର ଆକ୍ରମଣ କ୍ଷମତା ଏବଂ ସମୁଦ୍ରରେ ନିଜର ନିୟନ୍ତ୍ରଣ ରକ୍ଷା କରିବାରେ ଯଥେଷ୍ଟ ସହାୟକ ହେବ । ପ୍ରକଳ୍ପ ନିର୍ଦ୍ଦେଶକ ଏ. ପ୍ରସାଦ ଗୌଡଙ୍କ ଅନୁଯାୟୀ, ଡିଆରଡିଓ ନିରନ୍ତର ହାଇପରସୋନିକ୍ ଗ୍ଲାଇଡ୍ ଏବଂ ହାଇପରସୋନିକ୍ କ୍ରୁଜ୍ ମିସାଇଲ୍ ଟେକନିକ୍ ଉପରେ କାର୍ଯ୍ୟ କରୁଛି ।

## ଶ୍ରୀରାମ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ମହନ୍ତ ନୃତ୍ୟ ଗୋପାଳ ଦାସ ଅସୁସ୍ଥ

**ଲକ୍ଷ୍ନୌ, ୨୧।୧ (ଏଜେନ୍ସି) :** ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଅଧ୍ୟକ୍ଷ ମହନ୍ତ ନୃତ୍ୟ ଗୋପାଳ ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ ଖରାପ ହୋଇଯାଇଛି। ଗତ ୩୬ଘଣ୍ଟା ଧରି ସେ କିଛି ଖାଇ ନଥିଲେ, ଯାହା ଫଳରେ ତାଙ୍କ ଅବସ୍ଥା ଖରାପ ହୋଇଯାଇଥିଲା। ଏହି ସମୟ ମଧ୍ୟରେ ସେ ଲଗାତାର ବାନ୍ତି ଏବଂ ଝାଡ଼ାରେ ପୀଡିତ ହୋଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ସୂଚନା ପାଇ ଶ୍ରୀରାମ ହସ୍ପିଟାଲର ଅବସରପ୍ରାପ୍ତ ଡାକ୍ତର ଡାକ୍ତର ଏସ.କେ. ପାଠକ ତାଙ୍କର ପରୀକ୍ଷା କରିଥିଲେ। ପ୍ରାରମ୍ଭିକ ପରୀକ୍ଷା ପରେ, ଡାକ୍ତରମାନେ ତାଙ୍କ ଅବସ୍ଥା ଗୁରୁତର ବୋଲି ସ୍ଥିର କରିଥିଲେ ଏବଂ ତୁରନ୍ତ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ପରେ ମହନ୍ତ ନୃତ୍ୟ ଗୋପାଳ ଦାସଙ୍କୁ ଲକ୍ଷ୍ନୌର ମେଦାନ୍ତ ହସ୍ପିଟାଲକୁ ପଠାଯାଇଥିଲା। ତାଙ୍କ ଉତ୍ତରାଧିକାରୀ ମହନ୍ତ କମଳନୟନ ଦାସ ବ୍ୟକ୍ତିଗତ ଭାବରେ ତାଙ୍କ ସହିତ ଲକ୍ଷ୍ନୌ ଯାଇଥିଲେ। ମେଦାନ୍ତ ହସ୍ପିଟାଲରେ ପହଞ୍ଚିବା ପରେ, ବିଶେଷଜ୍ଞ ଡାକ୍ତରଙ୍କ ଏକ ଦଳ ବିସ୍ତୃତ ପରୀକ୍ଷା ଏବଂ ଚିକିତ୍ସା କରିବେ। ଡାକ୍ତରଙ୍କ ଅନୁଯାୟୀ, ତାଙ୍କୁ ବର୍ତ୍ତମାନ ପାଇଁ ଡାକ୍ତରୀ ତଦାରଖରେ ରଖିବା ଆବଶ୍ୟକ। ମହନ୍ତ ନୃତ୍ୟ ଗୋପାଳ ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ଖବର ସନ୍ଥ ସମ୍ପ୍ରଦାୟ, ରାମ ଭକ୍ତ ଏବଂ ଭକ୍ତଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି। ତାଙ୍କର ଶୀଘ୍ର ଆରୋଗ୍ୟ ପାଇଁ ସାରା ଦେଶରେ ପ୍ରାର୍ଥନା କରାଯାଉଛି। ଟ୍ରଷ୍ଟ ପ୍ରଶାସନ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ଉପରେ ନିରନ୍ତର ନଜର ରଖିଛି ଏବଂ ତାଙ୍କ ଅବସ୍ଥା ବିଷୟରେ ସୂଚନା ନିଆଯାଉଛି।

## ସ୍ମାର୍ଟ ବଜାରର ଫୁଲ୍ ପଇସା ଅସୁଲ ସେଲ୍ ଘୋଷଣା

**ମୁମ୍ବାଇ,୨୧।୧(ଏଜେନ୍ସି):** ସ୍ମାର୍ଟ ବଜାର ପକ୍ଷରୁ ଜାନୁୟାରୀ ୨୧ ରୁ ୨୬ ତାରିଖ ପର୍ଯ୍ୟନ୍ତ ଏହାର ସ୍ୱତନ୍ତ୍ର ଫୁଲ୍ ପଇସା ଅସୁଲ ସେଲ୍ ଘୋଷଣା କରାଯାଇଛି ।ଏହି ସେଲ୍ ଦେଶବ୍ୟାପୀ ସମସ୍ତ ସ୍ମାର୍ଟ ବଜାର ଷ୍ଟୋରରେ ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେବ, ଯେଉଁଥିରେ ନିତିଦିନିଆ ଆବଶ୍ୟକୀୟ ସାମଗ୍ରୀଠାରୁ ଆରମ୍ଭ କରି ଘର ଏବଂ ଭ୍ରମଣ (ଟ୍ରାଭେଲ) ସାମଗ୍ରୀ ପର୍ଯ୍ୟନ୍ତ ସବୁକିଛି ଉପରେ ଆକର୍ଷଣୀୟ ଅଫର୍ ରହିବ । ସେଲ୍ ସମୟରେ, ଗ୍ରାହକମାନେ ୭୪୯ ଟଙ୍କାର ସ୍ମାର୍ଟ ମୂଲ୍ୟରେ ୫ କିଲୋଗ୍ରାମ ବାସମତୀ ଚାଉଳ ଏବଂ ୨.୭୩ ଲିଟର ତେଲର ଏକ ସ୍ୱତନ୍ତ୍ର କମ୍ବୋ ପାଇବେ । ବିସ୍କୁଟ ଉପରେ ଯେକୌଣସି ୨ଟି କିଣନ୍ତୁ, ଯେକୌଣସି ୧ଟି ମାଗଣା ପାଆନ୍ତୁ। ଡିଟରଜେ ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ଅଫର୍ ରହିବ । ସାବୁନ ଏବଂ ଟୁଥପେଷ୍ଟ ଉପରେ ୪୦ ପ୍ରତିଶତ ପର୍ଯ୍ୟନ୍ତ ଏବଂ ଟପ୍-ବ୍ରାଣ୍ଡେଡ୍ ସାମ୍ପୁ ଉପରେ ୩୫ ପ୍ରତିଶତ ପର୍ଯ୍ୟନ୍ତ ରିହାତି ମିଳିବ।ଏହା ବ୍ୟତୀତ, ରେମଣ୍ଡ, ୱେଲସ୍ପନ୍ ଏବଂ ଟ୍ରାଇଡେ ବ୍ରାଣ୍ଡର ବେଡସିଟ୍ ଉପରେ ୧ କିଣନ୍ତୁ,୩ ମାଗଣା ପାଆନ୍ତୁ। ଅଫର ଆରିଷ୍ଟୋକ୍ରାଟ୍ ଏବଂ ଟ୍ରାୱାର୍ଲ୍ଡର ୩-ପିସ୍ ହାର୍ଡ ଟ୍ରଲି ସେଟ୍ ଉପରେ ୮୫ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଏବଂ ଏଲୱାଇଏଫ ୨-ଜାର୍ ମିକ୍ସର୍ ଗ୍ରାଇଣ୍ଡର୍ ମାତ୍ର ୯୯୯ ଟଙ୍କାରେ ଉପଲବ୍ଧ ହେବ । ସ୍ମାର୍ଟ ବଜାର ପକ୍ଷରୁ ପ୍ରକାଶ କରାଯାଇଛି ଯେ ଫୁଲ୍ ପଇସା ଅସୁଲ୍ ସେଲ୍ ଗ୍ରାହକମାନଙ୍କୁ ସେମାନଙ୍କ ବଜେଟ୍ ଉପରେ ଅତିରିକ୍ତ ଚାପ ନ ପକାଇ ଅଧିକ ଭାଲ୍ୟୁ ଏବଂ ଅଧିକ ସଞ୍ଚୟ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି । ୫୩୦ରୁ ଅଧିକ ସହରରେ ୯୫୦ ରୁ ଅଧିକ ଷ୍ଟୋର୍ ସହିତ, ସ୍ମାର୍ଟ ବଜାର ଦେଶବ୍ୟାପୀ ଏକ ବିଶ୍ୱସ୍ତ ଏବଂ ସୁଲଭ ସପିଂ ସ୍ଥଳ ରହିଆସିଛି । ଜାନୁୟାରୀ ୨୧ ରୁ ୨୬ ତାରିଖ ମଧ୍ୟରେ ସେମାନଙ୍କର ନିକଟତମ ସ୍ମାର୍ଟ ବଜାର ଷ୍ଟୋର ପରିଦର୍ଶନ କରି ଗ୍ରାହକମାନେ ଏହି ସ୍ୱତନ୍ତ୍ର ସେଲର ଲାଭ ଉଠାଇପାରିବେ ।




## ଟ୍ରମ୍ପଙ୍କ ଧମକ : ଯଦି କିଛି ହେବ ତେବେ ସମ୍ପୂର୍ଣ୍ଣ ଇରାନକୁ ଉଡାଇଦେବି

**ୱାଶିଂଟନ, ୨୧।୧ (ଏଜେନ୍ସି) :** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ସରକାରୀ ଟେଲିଭିଜନରେ ପ୍ରସାରିତ ମୃତ୍ୟୁ ଧମକ ବିଷୟରେ ଉଲ୍ଲେଖ କରି କହିଛନ୍ତି ଯେ 'ଯଦି କିଛି ହୁଏ ତେବେ ସେ ସମଗ୍ର ଇରାନକୁ ଉଡ଼ାଇ ଦେବେ।'

ମଙ୍ଗଳବାର ଅପରାହ୍ଣରେ ରାଷ୍ଟ୍ରପତିଙ୍କୁ ଇରାନରୁ ହତ୍ୟା ଧମକ ବିଷୟରେ ପଚରାଯାଇଥିଲା। ଇରାନର ସରକାରୀ ଟେଲିଭିଜନ ୧୩ ଜୁଲାଇ, ୨୦୨୪ରେ ପେନସିଲଭାନିଆର ବଟଲରରେ ଏକ ରାଲିରୁ ଏକ କ୍ଲିପ ପ୍ରସାରିତ କରିଥିଲା, ଯେଉଁଥିରେ ଟ୍ରମ୍ପ ଜଣେ ଆକ୍ରମଣକାରୀଙ୍କ ଗୁଳିରୁ ଅଳ୍ପକେ ବର୍ଚ୍ଚି ଯାଇଥିଲେ, ଏବଂ କ୍ୟାପସନ ସହିତ ଲେଖାଥିଲା, 'ଏଥର ଗୁଳି ମିସ ହେବ ନାହିଁ।'

ଟ୍ରମ୍ପ ଉତ୍ତର ଦେଇଥିଲେ, 'ହଁ, ସେମାନେ ଏପରି କରିବା ଉଚିତ ନୁହେଁ, କିନ୍ତୁ ମୁଁ ସେମାନଙ୍କୁ ଜଣାଇ ଦେଇଛି,' ରାଷ୍ଟ୍ରପତି ପାଉଲିଚ କହିଥିଲେ। 'ଯଦି କିଛି ହୁଏ, ଆମେ ସମଗ୍ର ଦେଶକୁ ଉଡ଼ାଇ ଦେବୁ।' ଟ୍ରମ୍ପ ତାଙ୍କ ପୂର୍ବବର୍ତ୍ତୀ ରାଷ୍ଟ୍ରପତି ଜୋ ବାଇଡେନଙ୍କ ଆଡ଼କୁ ଆଙ୍ଗୁଠି ଉଠାଇ କହିଛନ୍ତି ଯେ ଇରାନମାନେ ବାରମ୍ବାର ଟ୍ରମ୍ପ ଏବଂ ଅନ୍ୟ ଟ୍ରମ୍ପ ପ୍ରଶାସନ ଅଧିକାରୀଙ୍କ ଜୀବନକୁ ଧମକ ଦେଉଥିବା ସମୟରେ ବାଇଡେନ ଇରାନମାନଙ୍କ ବିରୁଦ୍ଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବା ଉଚିତ ଥିଲା। ଏହି ସମୟରେ, ଇରାନ ଟ୍ରମ୍ପଙ୍କୁ ଏକ ବଡ଼ ଚେତାବନୀ ଦେଇଛି। ଇରାନର ସଶସ୍ତ୍ର ବାହିନୀର ଜଣେ ମୁଖପାତ୍ର କହିଛନ୍ତି ଯେ ଯଦି ଆମେରିକା ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ଏହା ଗମ୍ଭୀର ପରିଣାମ ଭୋଗିବ। ଇରାନର ସଶସ୍ତ୍ର ବାହିନୀର ମୁଖପାତ୍ର ଜେନେରାଲ ଆବୋଲଫଜଲ ଶେଖରଚି ଟ୍ରମ୍ପଙ୍କୁ ଆୟାତୋଲ୍ଲା ଅଲି ଖାମେନିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ଚିନ୍ତା କରିବାକୁ କଡ଼ା ଅନୁରୋଧ କରିଛନ୍ତି। ମୁଖପାତ୍ର କହିଛନ୍ତି, 'ଟ୍ରମ୍ପ ଜାଣନ୍ତି ଯେ ଯଦି କେହି ଆମ ନେତାଙ୍କ ଆଡ଼କୁ ହାତ ଉଠାଇବେ, ତେବେ ଆମେ କେବଳ ତାଙ୍କ ହାତ କାଟିଦେବୁ ନାହିଁ ବରଂ ତାଙ୍କ ବିଶ୍ୱକୁ ମଧ୍ୟ ନିଆଁ ଲଗାଇଦେବୁ।' ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ପଲିଟିକୋକୁ ଏକ ସାକ୍ଷାତକାର ଦେଇଥିଲେ। ସାକ୍ଷାତକାରରେ ଟ୍ରମ୍ପ ଖାମେନିଙ୍କୁ ଜଣେ ଅସୁସ୍ଥ ବ୍ୟକ୍ତି ଭାବରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ଖାମେନି ତାଙ୍କ ଦେଶକୁ ସଠିକ ଭାବରେ ଚଳାଇବା ଏବଂ ଲୋକଙ୍କୁ ହତ୍ୟା କରିବା ବନ୍ଦ କରିବା ଉଚିତ। ପୂର୍ବରୁ, ଟ୍ରମ୍ପ ଖାମେନିଙ୍କ ପ୍ରାୟ ୪୦ ବର୍ଷର ଶାସନର ଅନ୍ତ କରିବାକୁ ଆହ୍ୱାନ ଦେଇଥିଲେ। ସେହି ସମୟରେ ଟ୍ରମ୍ପ କହିଥିଲେ ଯେ ଇରାନ ଏବେ ନୂତନ ନେତୃତ୍ୱ ଖୋଜୁଛି।

## ଅବସର ନେଲେ ମହାକାଶଚାରୀ ସୁନୀତା ୱିଲିୟମ୍ସ

**ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି):** ଭାରତୀୟ ବଂଶୋଦ୍ଭବ ତଥା ନାସାର ମହାକାଶଚାରୀ ସୁନୀତା ୱିଲିୟମ୍ସ ଅବସର ଗ୍ରହଣ କରିଛନ୍ତି । ଦୀର୍ଘ ୨୭ ବର୍ଷ ଧରି ନାସାରେ କାମ କରିବା ପରେ ଅବସର ନେଇଛନ୍ତି ସୁନୀତା । ମଙ୍ଗଳବାର ଏନେଇ ନାସା ଘୋଷଣା କରିଛି । ତାଙ୍କର ୧୦ ଦିନିଆ ମହାକାଶ ମିଶନ ଆନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ସାଢେ ନଅ ମାସ ରହିବା ପରେ ଶେଷ ହୋଇଥିଲା । ତେବେ ଗତ ବର୍ଷ ଡିସେମ୍ବର ୨୭ ତାରିଖରୁ ସେ ଅବସର ନେବା ନେଇ ଆମେରିକାର ମହାକାଶ ଗବେଷଣା ସଂସ୍ଥାକୁ ଜଣାଇ ଦେଇଥିଲେ ।



ନାସାର ଅଧିକାରୀ ଜେରେଡ ଆଇଜାକମ୍ୟାନ୍ କହିଛନ୍ତି ଯେ, ସୁନୀତା ଅନେକ ଗୁରୁତ୍ୱପୂର୍ଣ୍ଣ ମିଶନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ତାଙ୍କ ନେତୃତ୍ୱରେ ମହାକାଶକୁ ନେଇ ଅନେକ ଗବେଷଣା କରାଯାଇଛି । ଦୀର୍ଘଦିନ ଧରି ସେ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନରେ ରହି ଗବେଷଣା କରିବାରେ ସଫଳ ହୋଇଥିଲେ । ଚନ୍ଦ୍ର ଏବଂ ମଙ୍ଗଳକୁ ନେଇ ଆରମ୍ଭ ହୋଇଥିବା ଆର୍ଟେମିସ୍ ମିଶନରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ, ଭାରତୀୟ ବଂଶୋଦ୍ଭବ ସୁନୀତା ମହାକାଶଚାରୀ ମହାକାଶରେ ତିନୋଟି ମିଶନକୁ ସଫଳ କରିଥିଲେ । ସେ ପ୍ରାୟ ୬୦୮ ଦିନ ମହାକାଶରେ ବିତାଇଛନ୍ତି । ସେ ୯ଟି ସ୍ପେସ ୱାକ୍ ପୂରଣ କରିଛନ୍ତି । ଯାହାର ସମ ଅବଧି ୬୨ ଘଣ୍ଟା ୬ ମିନିଟ ରହିଥିଲା । ନାସା ଇତିହାସରେ ସବୁଠାରୁ ଅଧିକ ସ୍ପେସ ୱାକ କରିଥିବା ମହିଳାଙ୍କ ଭିତରେ ୪ର୍ଥ ସ୍ଥାନରେ ରହିଛନ୍ତି ସୁନୀତା । ସେହିପରି ଅନ୍ତରୀକ୍ଷରେ ମାରାଥନ ଦୌଡିଥିବା ପ୍ରଥମ ବ୍ୟକ୍ତି ହେଉଛନ୍ତି ସୁନୀତା ।

# ବୋଙ୍ଗାଇଗାଓଁ ରଣନୀତିକ ନେତୃତ୍ୱ ଅଭ୍ୟାସ ଉପରେ ପରିଚାଳନା ବିକାଶ କାର୍ଯ୍ୟକ୍ରମ

**ବୋଙ୍ଗାଇଗାଓଁ,୨୧।୧(ଏଜେନ୍ସି):** ଚଳିତ ଜାନୁଆରୀ ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ଶିଲଂ ସହଯୋଗରେ ବୋଙ୍ଗାଇଗାଓଁ ଏହାର ମଧ୍ୟ-ସ୍ତରୀୟ କାର୍ଯ୍ୟନିର୍ବାହୀଙ୍କ ପାଇଁ ରଣନୀତିକ ନେତୃତ୍ୱ ଅଭ୍ୟାସ ଉପରେ ଏକ ତିନି ଦିନିଆ ପରିଚାଳନା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ନେତୃତ୍ୱ କ୍ଷମତାକୁ ସୁଦୃଢ଼ କରିବା ଏବଂ ବିଦ୍ୟୁତ୍ କେନ୍ଦ୍ରର ମଧ୍ୟ-ସ୍ତରୀୟ କାର୍ଯ୍ୟନିର୍ବାହୀଙ୍କୁ ସମସାମୟିକ ଉପକରଣ ଏବଂ ଦୃଷ୍ଟିକୋଣ ସହିତ ସଜ୍ଜିତ କରିବା ପାଇଁ ଡିଜାଇନ୍ କରାଯାଇଥିଲା, ଯାହା ଦ୍ୱାରା ବଢୁଥିବା ସଂଗଠନାତ୍ମକ ଏବଂ ଲୋକ-କୈନ୍ଦ୍ରିକ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରାଯାଇପାରିବ।

କାର୍ଯ୍ୟକ୍ରମକୁ ବୋଙ୍ଗାଇଗାଓଁର ପ୍ରକଳ୍ପ ମୁଖ୍ୟ ଅର୍ଣ୍ଣବ ମୈତ୍ର ଉଦଘାଟନ କରି ଆଜିର ଜଟିଳ ଏବଂ ଗତିଶୀଳ କାର୍ଯ୍ୟ ପରିବେଶରେ ରଣନୀତିକ ନେତୃତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୈତ୍ର କହିଥିଲେ ଯେ କେନ୍ଦ୍ରିତ କ୍ଷମତା-ନିର୍ମାଣ ପଦକ୍ଷେପଗୁଡ଼ିକ ଏପରି ନେତାମାନଙ୍କୁ ବିକାଶ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଯେଉଁମାନେ ସଂଗଠନାତ୍ମକ ଉଦ୍ଦେଶ୍ୟଗୁଡ଼ିକୁ ନବସୃଜନ, ସହାନୁଭୂତି ଏବଂ ଦୀର୍ଘକାଳୀନ ସ୍ଥାୟୀତ୍ୱ ସହିତ ସମାନ କରିପାରିବେ।



ଏହି ଶିକ୍ଷାଗତ ଅଧିବେଶନଗୁଡ଼ିକୁ ଶିଲଂର ସଂଗଠନାତ୍ମକ ଆଚରଣ ଏବଂ ମାନବ ସମ୍ବଳ କ୍ଷେତ୍ରରେ ସହାୟକ ପ୍ରଫେସର ଡକ୍ଟର ସୀତାଂଶୁ ଶେଖର ଦାସ ଏବଂ ଡକ୍ଟର ପ୍ରିୟା ଆଲାଟଙ୍କ ଦ୍ୱାରା ସହାୟତା କରାଯାଇଥିଲା।। ଅଧ୍ୟାପକମାନେ ଫ୍ରେମୱାର୍କ ମାଧ୍ୟମରେ ସମସାମୟିକ ନେତୃତ୍ୱ ଅଭ୍ୟାସ ବିଷୟରେ ଗଭୀର ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ, ଯାହା ରଣନୈତିକ ଚିନ୍ତାଧାରା, ପ୍ରେରଣା ସ୍ତର, ନବସୃଜନ, ଶିକ୍ଷଣ ଚପଳତା ଏବଂ ସହାନୁଭୂତିଶୀଳ ନେତୃତ୍ୱ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ। ଅଧିବେଶନଗୁଡ଼ିକ କ୍ରମଶଃ ଜଟିଳ ଏବଂ ଦ୍ରୁତ-ଗତିର କାର୍ଯ୍ୟ ପରିସ୍ଥିତିରେ ଏବଂ କୁପ୍ରଭାବଶାଳୀ ଭାବରେ ପରିଚାଳନା ଏବଂ ଜଡିତ କରିବା ପାଇଁ ଆବଶ୍ୟକ ନେତୃତ୍ୱ ପଦ୍ଧତି ବିଷୟରେ ମଧ୍ୟ ଆଲୋଚନା କରିଥିଲେ।

ବିଭିନ୍ନ କ୍ରସ୍-ଫଙ୍କସନ୍ସ ଡୋମେନ୍‌ରୁ ମୋଟ ୨୮ ଜଣ କାର୍ଯ୍ୟନିର୍ବାହୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିବିଧ ଅଂଶଗ୍ରହଣକାରୀ ଗୋଷ୍ଠୀ ସମୃଦ୍ଧ ସହକର୍ମୀ ଶିକ୍ଷଣ ଏବଂ ଅଭିଜ୍ଞତାର ଆଦାନପ୍ରଦାନକୁ ସକ୍ଷମ କରିଥିଲେ। ପ୍ରତ୍ୟେକ ଅଂଶଗ୍ରହଣକାରୀ ବାସ୍ତବ ଜୀବନର କାର୍ଯ୍ୟକ୍ଷେତ୍ର ପରିସ୍ଥିତି ଉପରେ ଆଧାରିତ କେସ୍ ଷ୍ଟଡି ଉପସ୍ଥାପନ କରିଥିଲେ ଏବଂ ରଣନୈତିକ ନିଷ୍ପତ୍ତି ଗ୍ରହଣ, ନେତୃତ୍ୱ ଦ୍ୱନ୍ଦ୍ୱ ଏବଂ ପ୍ରଭାବଶାଳୀ ଲୋକ ପରିଚାଳନା ଉପରେ ମାର୍ଗଦର୍ଶନ ପାଇବା ପାଇଁ ଅଧ୍ୟାପକଙ୍କ ସହିତ ସକ୍ରିୟ ଭାବରେ ଆଲୋଚନା କରିଥିଲେ।

ଏହି କାର୍ଯ୍ୟକ୍ରମ ନେତୃତ୍ୱର ଶୁଣିବା ଶକ୍ତି, ମାନବ ପୁଞ୍ଜି ପରିଚାଳନା ଏବଂ ବିଶ୍ୱାସ, ସହାନୁଭୂତି ଏବଂ ନିରନ୍ତର ଶିକ୍ଷାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଉପରେ ମୂଲ୍ୟବାନ ଶିକ୍ଷା ପ୍ରଦାନ କରିଥିଲା। ଅଧିବେଶନଗୁଡ଼ିକର ପାରସ୍ପରିକ କ୍ରିୟାଶୀଳ ପ୍ରକୃତି ସଂଗଠନାତ୍ମକ ଉତ୍କର୍ଷତାର ପ୍ରମୁଖ ବାହକ ଭାବରେ ନେତୃତ୍ୱ ବିକାଶ ଏବଂ ନିରନ୍ତର ଉନ୍ନତି ପ୍ରତି ବୋଙ୍ଗାଇଗାଓଁର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଥିଲା।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ- ସୁରେଶ ପରିଡ଼ା
Editor - Suresh Parida